ଧରିତ୍ରୀ 52 Years
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୦/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 10/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 78 | ମୂଲ୍ୟ ₹୭/-









ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓୟୁଏଟି ଫାର୍ମର ସୂର୍ଯ୍ୟମୁଖୀ କିଆରିରେ ସୋମବାର କାର୍ଯ୍ୟରତ ଦୁଇ ମହିଳା । **(ଫଟୋ: ବିକାଶ ନାୟକ)**

# ଡିଜିଟାଲ ଠକେଇ: ଏସ୍‌ଓପି ପ୍ରସ୍ତୁତ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ


## ୫୪,୦୦୦ କୋଟିର ଡିଜିଟାଲ ଫ୍ରଡ୍ ସମ୍ପୂର୍ଣ୍ଣ ଡକାୟତି: ସୁପ୍ରିମକୋର୍ଟ

ଦେଶରେ ଅନ୍‌ଲାଇନ୍ ଠକେଇ ଓ ଡିଜିଟାଲ ଆରେଷ୍ଟ ମାମଲା ବଢ଼ିଚାଲିଥିବାବେଳେ ସୋମବାର ସୁପ୍ରିମକୋର୍ଟ ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟାନୁଯାୟୀ ୨୦୨୧ରୁ ୨୦୨୫ ମସିହା ମଧ୍ୟରେ ୫୪,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଡିଜିଟାଲ ଠକେଇ ହୋଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏହାକୁ ଅନେକ ଛୋଟ ରାଜ୍ୟର ବଜେଟଠାରୁ ଅଧିକ ବୋଲି ଦର୍ଶାଇବା ସହ ସମ୍ପୂର୍ଣ୍ଣ 'ଲୁଟ୍ ବା ଡକାୟତି' ଭାବେ ଅଭିହିତ କରିଛନ୍ତି। ଏଭଳି ଠକେଇ ରୋକିବା ବ୍ୟାଙ୍କଗୁଡ଼ିକର ଦାୟିତ୍ୱ। ଗ୍ରାହକମାନେ ଯେପରି ସାଇବର ଠକଙ୍କ ଶିକାର ନ ହେବେ ସେଥିଲାଗି କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ଟେଲିକମ୍ୟୁନିକେଶନ୍ସ ବିଭାଗ ସହ ବିଚାରବିମର୍ଶ କରି ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ନୂଆଦିଲ୍ଲୀ,୯।୨(ପି.ଟି./ଲାଇଭ୍ ଲ)

ବିଜ୍ଞାନ ଓ ପ୍ରଯୁକ୍ତିଗତ ଅଗ୍ରଗତିର ସୁଫଳ ସାଙ୍ଗକୁ ଦେଶରେ ଏହାର ନକାରାତ୍ମକ ଦିଗ ମଧ୍ୟ ଦେଖିବାକୁ ମିଳୁଛି। ମୋବାଇଲକୁ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଆସୁଛି। ତାକୁ ନିର୍ଦ୍ଧାରିତ ସ୍ଥାନରେ ପୁଟ୍ କରିବା ପରେ ଆଖିପିଛୁଳାକେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ସଫା ହୋଇଯାଉଛି। ବିଶେଷକରି କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଏଭଳି ଅଭିଯୋଗ ବଢ଼ିଚାଲିଛି। ଗତ ୪ ବର୍ଷ ମଧ୍ୟରେ ଭାରତୀୟମାନେ ଡିଜିଟାଲ ଫ୍ରଡ୍‌ର ଶିକାର ହୋଇ ୫୪,୦୦୦ କୋଟିରୁ ଅଧିକ ଟଙ୍କା ହରାଇସାରିଲେଣି, ଯାହାକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜୟମାଲା ବାଗ୍‌ଚୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଆଇସକ୍ରିମ୍ ଖାଇଲେ



ବଜେଟ ଅଧିବେଶନ ଚାଲିଥିବାବେଳେ ସୋମବାର ପାର୍ଲାମେଣ୍ଟ ପରିସରରେ ସମାଜବାଦୀ ପାର୍ଟି ଏମ୍‌ପି ଅଖିଳେଶ ଯାଦବ, ଡିମ୍ପଲ ଯାଦବ, ଧର୍ମେନ୍ଦ୍ର ଯାଦବ ଓ ଅନ୍ୟମାନେ ଉପସ୍ଥିତ ରହିଛନ୍ତି।

# ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

**ଲୋକ ସଭା ଦିନକ ପାଇଁ ମୁଲତବୀ**

**ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ**

ନୂଆଦିଲ୍ଲୀ,୯।୨(ପି.ଟି.)

ପାର୍ଲାମେଣ୍ଟରେ ଗତ ୩ ତାରିଖରୁ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଛି। ସୋମବାର ଲୋକ ସଭାରେ କେନ୍ଦ୍ର ବଜେଟ ଉପରେ ଆଲୋଚନା ଆରମ୍ଭ ପୂର୍ବରୁ କହିବାକୁ ଦେବା ଲାଗି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିବାରୁ ଏହାକୁ ନେଇ ସରକାରୀ ଏବଂ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ। ଫଳରେ ନିମ୍ନ ସଦନକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଲୋକ ସଭା ଘଟଣାକୁ ନେଇ ରାଜ୍ୟ ସଭାରେ ହଇଚଗୋଳ ସୃଷ୍ଟି ହେବା ସହ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଛନ୍ତି। ଲୋକ ସଭାରେ ରାହୁଲଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା, ମହିଳା ଏମ୍‌ପିମାନେ ଆକ୍ରମଣ କରିବା ଅଭିଯୋଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହକୁ ନ ଆସିବା ଆଦି ପ୍ରସଙ୍ଗ ଉଠାଇ ବିରୋଧୀ ହଇଚଗୋଳ କରିଥିଲେ। ମଧ୍ୟାହ୍ନ ୧୨ଟାରେ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହେବାମାତ୍ରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଆଲୋଚନା ପାଇଁ ଖାର୍ଗେଙ୍କୁ ଅନୁମତି ଦେଇଥିଲେ ମଧ୍ୟ ଅନ୍ୟ ଗୃହରେ କ'ଣ ଘଟିଲା, ତାହା ଉପରେ ନ କହିବାକୁ କହିଥିଲେ। ଖାର୍ଗେ କହିଥିଲେ, ସମ୍ବିଧାନ ସମ୍ପର୍କିତ ପ୍ରସଙ୍ଗ ଉଠାଇବାକୁ ଚାହେଁ, ପାର୍ଲାମେଣ୍ଟ ରାଜ୍ୟ ସଭା ଓ ଲୋକ ସଭାକୁ ନେଇ ଗଠିତ ଏବଂ ସମ୍ବିଧାନ ଉଭୟ ଗୃହକୁ ସ୍ୱୀକୃତି ଦେଇଛି। ଉପଯୁକ୍ତ ପଦ୍ଧତି ଓ ନିୟମଦ୍ୱାରା ଏହାକୁ ଚଳାଇବା ପାଇଁ ଖାର୍ଗେ କହିବା ସହ ନିମ୍ନ ସଦନର ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ନ ଦେବା ପ୍ରସଙ୍ଗ ଉଠାଇଥିଲେ। ଲୋକ ସଭା କଥାକୁ ରେକର୍ଡକୁ ନିଆଯିବ ନାହିଁ କହି ଅଧ୍ୟକ୍ଷ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବାରୁ ଖାର୍ଗେ ଓ ଅନ୍ୟ ବିରୋଧୀ ନେତାମାନେ ଛିଡ଼ାହୋଇ କହିବାକୁ ଅନୁମତି ଦେବା ଲାଗି ଦାବି କରିଥିଲେ। ଅନୁମତି ନ ମିଳିବାରୁ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ପାର୍ଲାମେଣ୍ଟ ଚାଲିଥିବାବେଳେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଗୃହ ବାହାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ତଥ୍ୟ ଦେଇଥିବାରୁ ଡିଏମ୍‌କେ ସାଂସଦ ତିରୁଚି ଶିବା ସୋମବାର ତାଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଦାଖଲ କରିଛନ୍ତି। ତେବେ ଗୃହରେ ଗୋୟଲ ଏ ସମ୍ପର୍କରେ ବିବୃତି ରଖିସାରିଛନ୍ତି ବୋଲି ଅଧ୍ୟକ୍ଷ ରାଧାକ୍ରିଷ୍ଣନ କହିବା ସହ ଉକ୍ତ ପ୍ରସଙ୍ଗକୁ ପରେ ଦେଖିବେ ବୋଲି କହିଥିଲେ।

# ଏସ୍‌ଆଇଆର୍‌ରେ ବାଧା ଚଳିବ ନାହିଁ

**ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ କୌଣସି ରାଜ୍ୟ ବାଧା ସୃଷ୍ଟିକଲେ ତାକୁ ବରଦାସ୍ତ କରାଯିବ ନାହିଁ। ଏହାକୁ ସବୁ ରାଜ୍ୟର ସରକାର ଭଲ ଭାବେ ବୁଝିବା ଦରକାର ବୋଲି ସୋମବାର ସୁପ୍ରିମକୋର୍ଟ କଡ଼ା ସନ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜକରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଦାଖଲ ଜବାବ ଉପରେ ଶୁଣାଣିବେଳେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।**

**ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ଚେତାବନୀ**





ନୂଆଦିଲ୍ଲୀ,୯।୨(ପି.ଟି.)

୨୦୨୫ ବିହାର ନିର୍ବାଚନ ପୂର୍ବରୁ ସେଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶେଷ ହୋଇଥିବାବେଳେ ସମ୍ପ୍ରତି ପଶ୍ଚିମବଙ୍ଗ ସମେତ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏହି ପ୍ରକ୍ରିୟା ଜାରି ରହିଛି। ବିଧାନସଭା ନିର୍ବାଚନକୁ କିଛିମାସ ବାକି ଥିବାବେଳେ ନିର୍ବାଚନ କମିଶନ (ଇସି) କେନ୍ଦ୍ରରେ କ୍ଷମତାସୀନ ଭାଜପାର ହାତବାରିସି ସାଜି ପଶ୍ଚିମବଙ୍ଗର ସଂଖ୍ୟାଲଘୁ ଭୋଟରଙ୍କୁ ତାଲିକାରୁ ହଟାଇବା ପାଇଁ ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି। ଏପରି କି ଅଦ୍ୟାବଧି ଏସ୍‌ଆଇଆର୍‌ଜନିତ କାର୍ଯ୍ୟଚାପ ଓ ଭୋଟର ତାଲିକାରୁ ନାମ କଟିଯିବା ଭୟରେ ୧୫୦ରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଥିବା ମମତା ନିଜ ପିଟିଶନରେ ଦର୍ଶାଇଛନ୍ତି। ଫେବୃଆରୀ ୪ରେ ମମତା ବ୍ୟକ୍ତିଗତ ଭାବେ ସୁପ୍ରିମକୋର୍ଟରେ ଉପସ୍ଥିତ ରହି ଇସି ଏବଂ କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ଯୁକ୍ତି ବାଢ଼ିଥିଲେ। ଏଥିସହ ରାଜ୍ୟରେ ଅନେକ ହଜାର କ୍ଷୁଦ୍ର ପର୍ଯ୍ୟବେକ୍ଷକ ମୁତୟନ ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ମମତାଙ୍କ ଏଭଳି ଯୁକ୍ତି ଉପସ୍ଥାପନକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଇସି ନିଜ ପଦକ୍ଷେପକୁ ଯଥାର୍ଥ ଦର୍ଶାଇବା ସହ ଅନୁରୋଧ ସତ୍ତ୍ୱେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରୁ ନ ଥିବା ନେଇ ଜବାବୀ ପିଟିଶନରେ ଦର୍ଶାଇଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଅଧ୍ୟକ୍ଷତା କରୁଥିବା ତଥା ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ପକ୍ଷରୁ ଦାଖଲ ଜବାବ ଉପରେ ସୋମବାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯାହାକିଛି ସ୍ପଷ୍ଟୀକରଣ ଆବଶ୍ୟକ ଆମେ ଜାରି କରିବୁ। କିନ୍ତୁ ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଧାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏହାକୁ ସବୁ ରାଜ୍ୟର ସରକାରମାନେ ବୁଝିଯିବା ଦରକାର। ସିଜେଆଇ କହିଥିଲେ, ବର୍ତ୍ତମାନ ପଶ୍ଚିମବଙ୍ଗରେ ୮,୫୦୦ ଅଫିସରଙ୍କୁ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। ପୂର୍ବରୁ ଏହା କରାଯାଇଥିଲେ ଉଚିତ ହୋଇଥାନ୍ତା। ୮,୦୦୦ରୁ ଊର୍ଦ୍ଧ୍ୱ ଗ୍ରୁପ୍ ବି ଅଫିସରଙ୍କ ନାମ ପଠାଇବାରେ ଏତେ ବିଳମ୍ବ କାହିଁକି କରାଗଲା ବୋଲି ସିଜେଆଇ ପ୍ରଶ୍ନ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ଅବଧି ପାଇଁ ପୂର୍ବ ନିର୍ଦ୍ଧାରିତ ସମୟସୀମାକୁ ସପ୍ତାହେ ଅର୍ଥାତ୍ ଫେବୃଆରୀ ୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ୩୭ ବର୍ଷର ପରମ୍ପରା ଭାଙ୍ଗିଲେ ଖାମ୍‌ନେଇ



ଆୟାତୋଲା ଖାମ୍‌ନେଇ

ତେହରାନ୍,୯।୨

ଆରବସାଗରରେ ଆମେରିକା ନୌସେନାର ଉପସ୍ଥିତି ଏବଂ ଟ୍ରମ୍ପ ପ୍ରଶାସନର ବାରମ୍ବାର ଆକ୍ରମଣ ଧମକକୁ ନେଇ ଇରାନ ବାତାବରଣ ଏବେ ଉତ୍ତେଜନାପୂର୍ଣ୍ଣ ରହିଛି। କାରଣ ଇରାନ ତାହାର ୟୁରାନିୟମ୍ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ରୋକ୍‌ଠୋକ୍ କହିବା ପରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ବଡ଼ ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି। ଏହାମଧ୍ୟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମ୍‌ନେଇ ଦୀର୍ଘ ୩୭ ବର୍ଷର ପରମ୍ପରା ଭାଙ୍ଗିଛନ୍ତି। ପ୍ରତିବର୍ଷ ଫେବୃଆରୀ ୮ରେ ଇରାନରେ ଖାମ୍‌ନେଇ ବାୟୁସେନା କମାଣ୍ଡରମାନଙ୍କୁ ଭେଟିବା ସହିତ ଏହି ବିଭାଗର ରଣନୀତିକୁ ନେଇ ଆଲୋଚନା କରିଆସୁଥିଲେ। କିନ୍ତୁ ଚଳିତବର୍ଷ ଏହି ପରମ୍ପରା ଭାଙ୍ଗିଛି। କାରଣ ଖାମ୍‌ନେଇ ବର୍ତ୍ତମାନ ବାହାରକୁ ଆସୁନାହାନ୍ତି। ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଖାମ୍‌ନେଇ ଚଳିତ ବର୍ଷ ବାୟୁସେନାର ବାର୍ଷିକ କାର୍ଯ୍ୟକ୍ରମକୁ ଆସିନାହାନ୍ତି। ତାଙ୍କ ବଦଳରେ ଏହି କାର୍ଯ୍ୟକ୍ରମରେ ସ୍ଥଳସେନା ମୁଖ୍ୟ ବାୟୁସେନା ଅଧିକାରୀମାନଙ୍କ ସହ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୯୭୯ରୁ ପ୍ରତିବର୍ଷ ଫେବୃଆରୀ ୮ରେ ଇରାନର ବାୟୁସେନାର ଏହି କାର୍ଯ୍ୟକ୍ରମ ହୋଇଆସୁଥିଲା। ଏପରିକି କରୋନା କାଳରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଖାମ୍‌ନେଇ ଯୋଗ ଦେଇଥିଲେ।

## ଗାଡ଼ି ଚଢ଼ାଇଦେଲେ ଗୁଟ୍‌ଖା କମ୍ପାନୀ ମାଲିକଙ୍କ ପୁଅ, ୬ ଆହତ

କାନପୁର,୯।୨

ଗୁଟ୍‌ଖା ଏବଂ ପାନ ମସଲା ପ୍ରସ୍ତୁତକାରୀ ବଂଶୀଧର ଗ୍ରୁପ କମ୍ପାନୀ ପୂର୍ବରୁ ବହୁବାର ଆୟକର ଏବଂ ଜିଏସ୍‌ଟି ଫାଙ୍କି ଥିଲାବେଳେ ଏବେ ଏହି ଗ୍ରୁପ୍‌ର ମାଲିକ କେ.କେ. ମିଶ୍ରାଙ୍କ ପୁଅ ଶିବମ୍ ରାସ୍ତାରେ ଲୋକଙ୍କ ଉପରେ ଗାଡି ଚଢ଼ାଇ ଗୁରୁତର ଆହତ କରିଥିବା ବିଷୟ ସାମ୍ନାକୁ ଆସିଛି। ପୋଲିସ ଦେଇଥିବା ସୂଚନା ଅନୁସାରେ ରବିବାର କାନପୁରର ଭିଆଇପି ରୋଡ୍‌ସ୍ଥିତ ରେଭ୍-୩ ମଲ୍ ନିକଟରେ ଶିବମ୍ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଲାମ୍ବୋର୍ଗିନି କାର୍ ଚଳାଇ ଦ୍ରୁତ ଗତିରେ ଯାଉଥିବା ବେଳେ ଲୋକଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏହି ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିଲେ। ପୋଲିସ ଆହତମାନଙ୍କୁ ହସ୍ପିଟାଲ ପହଞ୍ଚାଇବା ସହିତ ଶିବମ୍‌ଙ୍କ ଗାଡ଼ିକୁ ଜବତ କରିଛି। ଶିବମ୍ ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କରିଥିଲେ ବୋଲି ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

## ଜିମ୍ମି ଲାଇଙ୍କୁ ୨୦ ବର୍ଷ ଜେଲ

**ଜାତୀୟ ସୁରକ୍ଷା ମାମଲା**

ହଂକଂ,୯।୨

ଚାଇନାର ତୀବ୍ର ସମାଲୋଚକ ଭାବେ ଜଣାଶୁଣା ହଂକଂର ପୂର୍ବତନ ମିଡିଆ ଟାଇକୁନ୍ ଜିମ୍ମି ଲାଇଙ୍କୁ ଜାତୀୟ ସୁରକ୍ଷା ମାମଲାରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଚାଇନା ଦ୍ୱାରା ଲାଗୁ ହୋଇଥିବା ଜାତୀୟ ସୁରକ୍ଷା ଆଇନ ଅଧୀନରେ ବର୍ତ୍ତମାନ ସୁଦ୍ଧା ଏହା ଦୀର୍ଘତମ ଦଣ୍ଡବିଧାନ। ଦେଶର ସୁରକ୍ଷାକୁ ବିପଦରେ ପକାଇବା ପାଇଁ ବିଦେଶୀ ଶକ୍ତି ସହ ମଧୁଚନ୍ଦ୍ରିକା ନିମନ୍ତେ ଅନ୍ୟମାନଙ୍କ ସହ ମିଶି ଷଡ଼ଯନ୍ତ୍ର ଚଳାଇଥିବା ଅଭିଯୋଗରେ ୭୮ ବର୍ଷୀୟ ଲାଇଙ୍କୁ ଗତ ଡିସେମ୍ବରରେ ଦୋଷୀସାବ୍ୟସ୍ତ କରାଯାଇଥିଲା। ଏଥିସହିତ ସେ ଦେଶଦ୍ରୋହ



ଜିମ୍ମି ଲାଇ

ଲେଖା ପ୍ରକାଶ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ। ଏହି ଅପରାଧ ପାଇଁ ସର୍ବାଧିକ ଦଣ୍ଡ ହେଉଛି ଆଜୀବନ କାରାଦଣ୍ଡ। ସହଅଭିଯୁକ୍ତ ଥିବା ଲାଇଙ୍କ ଆପଲ୍ ଡାଏରି ଖବରକାଗଜର ୬ ଜଣ ପୂର୍ବତନ କର୍ମଚାରୀ, ୨ ଜଣ ଆକ୍ଟିଭିଷ୍ଟଙ୍କୁ ୬ ବର୍ଷ ୩ ମାସରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇଛି। ଦଣ୍ଡ ଶୁଣାଣି ପାଇଁ କୋର୍ଟରେ ପହଞ୍ଚିବା ସମୟରେ ଲାଇ ସମର୍ଥକମାନଙ୍କୁ ହାତ ହଲାଉଥିବା ଦେଖାଯାଇଥିଲା। ତେବେ କୋର୍ଟରୁମ୍ ଛାଡ଼ିବା ସମୟରେ ସେ ଖୁବ୍ ଗମ୍ଭୀର ଦେଖାଯାଉଥିଲେ। ଏହି ସମୟରେ ସର୍ବସାଧାରଣ ଗ୍ୟାଲେରିରେ କେତେଜଣ କାନ୍ଦୁଥିବା ଦେଖାଯାଇଥିଲା। ରାୟ ଉପରେ ଅପିଲ୍ କରିବେ କି ବୋଲି ପ୍ରଶ୍ନ ହେବାରୁ ଲାଇଙ୍କ ଓକିଲ ରବର୍ଟ ପାଙ୍ଗ୍ କିଛି ମନ୍ତବ୍ୟ ଦେଇ ନ ଥିଲେ।

## ପ୍ରଯୁକ୍ତିର ଦାସ ହୁଅନାହିଁ

**ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

ନୂଆଦିଲ୍ଲୀ,୯।୨(ପି.ଟି.)

ପ୍ରଯୁକ୍ତିବିଦ୍ୟା ତୁମମାନଙ୍କୁ ଏହାର ଦାସ କରିବାକୁ ଦିଅନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାର୍ଗଦର୍ଶନ ଏବଂ ମୂଲ୍ୟବୋଧ ବଢ଼ାଇବା ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ। ଶିକ୍ଷଣ ପାଇଁ ଏହା ଉପଯୁକ୍ତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବାର୍ଷିକ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ୯ମ ସଂସ୍କରଣର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମୋବାଇଲ ଫୋନ୍ କେତେକ ପିଲାଙ୍କ ମାଲିକ ବନିଯାଇଛି। ସେମାନେ ମୋବାଇଲ୍ ଫୋନ୍ ଏବଂ ଟେଲିଭିଜନ ସ୍କ୍ରିନ୍ ବିନା ଖାଦ୍ୟ ଖାଇପାରୁନାହାନ୍ତି। କମ୍ପ୍ୟୁଟର ହେଉ କି ମୋବାଇଲ୍ ଫୋନ୍, ନୂଆ ପ୍ରଯୁକ୍ତିକୁ ନେଇ ପ୍ରତ୍ୟେକ ଯୁଗ ଚିନ୍ତାର ସମ୍ମୁଖୀନ ହୋଇଛି। ତେବେ ଭୟ ଅନାବଶ୍ୟକ। ପ୍ରଯୁକ୍ତି ମାନବଜାତିର ମାଲିକ ନ ହେଉ। ପ୍ରଯୁକ୍ତି ଯେପରି ତୁମମାନଙ୍କୁ ଏହାର ଦାସ କରି ନ ଦିଏ, ସେଥିପାଇଁ ଦୃଢ଼ ସଂକଳ୍ପ ନେବାକୁ ହେବ ବୋଲି କୋଏମ୍ବାଟୁର, ରାୟପୁର, ଗୁଆହାଟୀ ଏବଂ ଗୁଜରାଟରୁ ଆସିଥିବା ପିଲାମାନଙ୍କ ସହ ଆଲୋଚନାବେଳେ ମୋଦି କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ଭଳି ନୂଆ ପ୍ରଯୁକ୍ତିକୁ ନେଇ ଭୟ କରିବାର କିଛି ନାହିଁ। ତେବେ ସେଗୁଡ଼ିକୁ ନିଜର ଦକ୍ଷତା ବିକାଶ ପାଇଁ ବ୍ୟବହାର କରିବାକୁ ହେବ। ପ୍ରଯୁକ୍ତିକୁ ବୁଝିବା ସହ ନିଜର ଦକ୍ଷତା ବଢ଼ାଇବା ଏବଂ ଏହାର ସାମର୍ଥ୍ୟକୁ କାମରେ ଲଗାଇ ବିନା ଭୟରେ ପ୍ରଗତି ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ପୂର୍ବବର୍ଷର ପ୍ରଶ୍ନପତ୍ରଗୁଡ଼ିକ ଉପରେ ଅଭ୍ୟାସ କରିବା ଏବଂ ପରୀକ୍ଷାରେ ଭଲ ପ୍ରଦର୍ଶନ ଲାଗି ପୂର୍ବ ରାତିରେ ଭଲ ନିଦ ଯିବାକୁ ସେ ଛାତ୍ରୀଛାତ୍ରଙ୍କୁ କହିଛନ୍ତି। ସେହିପରି ମାତାପିତା ନିଜ ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନା ନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ନାଗା, କୁକି ସମ୍ପ୍ରଦାୟ ମଧ୍ୟରେ ପୁଣି ହିଂସା

ଇମ୍ଫାଲ,୯।୨

ମଣିପୁରରେ ଜାତିଆଣ ହିଂସା ଥମିବା ନାଁ ଧରୁନାହିଁ। ସୋମବାର ଉଖରୁଲ ଜିଲାରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସା ଘଟି ବହୁ ଘର ଜଳିଯିବା ସହିତ ଏକାଧିକ ଲୋକ ଆହତ ହୋଇଛନ୍ତି। ରବିବାର ମଧ୍ୟରାତ୍ରରେ ଲିଟାନ୍ ସର୍‌କିଗାଙ୍ଗ ଗ୍ରାମରେ କୌଣସି କାରଣକୁ ନେଇ ଉଭୟ ସମ୍ପ୍ରଦାୟର ଲୋକେ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ବହୁ ଘର ଏବଂ ଯାନରେ ନିଆଁ ଲଗାଇ ଦେଇଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିବାରୁ ବ୍ୟାପକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ହିଂସାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ପ୍ରଶାସନିକ ସ୍ତରରେ ଉଭୟ ପକ୍ଷର ଲୋକଙ୍କୁ ଶାନ୍ତ କରାଇବା ଲାଗି ଉଦ୍ୟମ ଜାରି ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ହିମନ୍ତଙ୍କ ବିରୋଧରେ ଏତଲା ଦେଲେ ଓୱାଇସି

ହାଇଦ୍ରାବାଦ,୯।୨

ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ସୋମବାର ଏତଲା ଦାଏର କରିଛନ୍ତି। ହିମନ୍ତ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଭିଡିଓକୁ ନେଇ ଓୱାଇସି ନିନ୍ଦା କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକରି ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ହିମନ୍ତଙ୍କ ଭିଡିଓ ସମାଜରେ ହିଂସା ଏବଂ ବିଭ୍ରାନ୍ତ ସୃଷ୍ଟି କରି ଶାନ୍ତି ଭଙ୍ଗ କରିବା ସହିତ ସାମ୍ପ୍ରଦାୟିକ ଭେଦଭାବ ଆଣିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ହିମନ୍ତ ଦୁଇ ଜଣ ମୁସଲମାନ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଏକ ବନ୍ଧୁକ ଦେଖାଇବା ସହିତ ଏଥିରେ 'ପଏଣ୍ଟ-ବ୍ଲାଙ୍କ୍ ଶଟ୍' ବୋଲି ଉଲ୍ଲେଖ କରି ଏହାର



ଅସାଦୁଦ୍ଦିନ ଓୱାଇସି

ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପ୍ରଥମେ ଏହି ଭିଡିଓଟି ଭାଜପାର X ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲା। କିନ୍ତୁ ପରେ ପରେ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯିବା ପରେ ଭିଡିଓଟିକୁ ହଟାଇ ଦିଆଯାଇଥିଲା। ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମାନସିକତାକୁ ଓୱାଇସି ତୀବ୍ର ନିନ୍ଦା କରିବା ସହିତ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବି କରିଛନ୍ତି।

## ସେଚେଲସ୍‌କୁ ଭାରତର ୧୭୫ ନିୟୁତ ଡଲାର ସହାୟତା

ନୂଆଦିଲ୍ଲୀ,୯।୨

ସେଚେଲସ୍‌କୁ ୧୭୫ ନିୟୁତ ଡଲାର ଅର୍ଥ ସହାୟତା ଯୋଗାଇ ଦେବାକୁ ଭାରତ ସରକାର ସୋମବାର ଘୋଷଣା କରିଛନ୍ତି। ଆଫ୍ରିକାର ଦକ୍ଷିଣ ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦ୍ୱୀପପୁଞ୍ଜ ରାଷ୍ଟ୍ରର ବିକାଶମୂଳକ କାର୍ଯ୍ୟ ପାଇଁ ଏହି ରାଶି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ସମ୍ପ୍ରତି ସେଚେଲସ୍ ରାଷ୍ଟ୍ରପତି ପାଟ୍ରିକ୍ ହରମିନ୍ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଭାରତ ମହାସାଗରରେ ଅବସ୍ଥିତ ଏହି ରାଷ୍ଟ୍ର ସହିତ ଭାରତର କେବଳ ସାମୁଦ୍ରିକ ସମ୍ପର୍କ ନୁହେଁ, ଐତିହ୍ୟ ଏବଂ ପରମ୍ପରାଗତ ସମ୍ପର୍କ ମଧ୍ୟ ରହିଛି। ସେହି ଦୃଷ୍ଟିରୁ ଏହାର ସାମାଜିକ



ସେଚେଲସ୍ ରାଷ୍ଟ୍ରପତି ପାଟ୍ରିକ୍ ହରମିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଉଭୟ ରାଷ୍ଟ୍ର ମଧ୍ୟରେ ଦସ୍ତାବିଜ୍ ହସ୍ତାନ୍ତର ହେଉଛି।

ବିକାଶ ଏବଂ ଉନ୍ନୟନ ପାଇଁ ଭାରତ ପକ୍ଷରୁ ଉପରୋକ୍ତ ପରିମାଣର ଅର୍ଥ ସହାୟତା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଶରଦ ପାୱାର ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୯।୨

ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ସୋମବାର ତାଙ୍କୁ ପୁଣେର ରୁବି ହଲ୍ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଛି। ବାରାମତୀସ୍ଥିତ ବାସଭବନରେ ଥିବାବେଳେ କାଶ ହେବା ସହ ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା କହିଥିଲେ। ଫଳରେ ୮୫ ବର୍ଷୀୟ ବିରୋଧୀ ଦଳ ନେତାଙ୍କୁ ହସ୍ପିଟାଲକୁ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ପାୱାରଙ୍କ ଗଳାରେ ସଂକ୍ରମଣ ହୋଇଥିବା ତାଙ୍କର ଜଣେ ଘନିଷ୍ଠ ଗଣମାଧ୍ୟମକୁ କହିଛନ୍ତି। କ୍ଲିନିକ୍‌ର ଏକ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଥିବା ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପର୍ଭେଜ ଗ୍ରାଣ୍ଟ କହିଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୦/୨୦୨୬ | Bhubaneswar,Tuesday, February 10/2026 | ପୃଷ୍ଠା-୧




ବ୍ରିଟେନ୍ ରାଜା କିଙ୍ଗ୍ ଚାର୍ଲ୍ସ ୩ୟ ସୋମବାର ରାୟାଲ ଟ୍ରେନ୍‌ରେ ଲାଙ୍କାଶାୟାରଠାରେ ପହଞ୍ଚିବା ପରେ ଶୁଭଚିନ୍ତକମାନେ ତାଙ୍କୁ ଅଭିବାଦନ ଜଣାଉଛନ୍ତି।

## ୟୁପିଆଇ ଜରିଆରେ ଇପିଏଫ୍ ଟଙ୍କା ଉଠାଇହେବ

ନୂଆଦିଲ୍ଲୀ,୯।୨(ପି.ଟି.)

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ର ସଦସ୍ୟମାନେ ଏଣିକି ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଜରିଆରେ ସେମାନଙ୍କ କର୍ମଚାରୀ ଭବିଷ୍ୟ ନିଧି(ଇପିଏଫ୍) ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇପାରିବେ। ଏଥିପାଇଁ ଏହାର ଏକ ନୂଆ ମୋବାଇଲ୍ ଆପ୍ଲିକେଶନ ବ୍ୟବହାର କରିବାକୁ ହେବ। ଉକ୍ତ ଆପ୍ ଆଗାମୀ ଏପ୍ରିଲରେ ଶୁଭାରମ୍ଭ ହେବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଶ୍ରମ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଉପରେ କାର୍ଯ୍ୟ କରୁଛି, ଯେଉଁଠି ଇପିଏଫ୍‌ର ଏକ ନିର୍ଦ୍ଦିଷ୍ଟ ଭାଗ ସ୍ଥଗିତ ରହିବାକୁ ଥିବାବେଳେ ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ବ୍ୟବହାର କରି ଭବିଷ୍ୟ ନିଧି ପାଣ୍ଠିର ପ୍ରମୁଖ ଭାଗ ଉଠାଣ କରାଯାଇପାରିବ। ଇପିଏଫ୍‌ଓ ଖୁବ୍‌ଶୀଘ୍ର ନୂଆ ମୋବାଇଲ ଫୋନ୍ ଆପ୍ଲିକେଶନ ଲଞ୍ଚ୍ କରିବାକୁ ଯାଉଛି। ଏହାଦ୍ୱାରା ଇପିଏଫ୍‌ଓ ସଦସ୍ୟ ୟୁପିଆଇ ବ୍ୟବହାର ☞ପୃଷ୍ଠା-୨






## ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବେ ବିରୋଧୀ

ନୂଆଦିଲ୍ଲୀ,୯।୨(ପି.ଟି.)

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକ ସଭାରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିପକ୍ଷର ଅନ୍ୟ ସଦସ୍ୟମାନଙ୍କୁ ଗୃହରେ କହିବାକୁ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଏଥିସହିତ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରିଥିଲେ। ଏଥିପାଇଁ ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ ବିରୋଧୀ ଦଳଗୁଡ଼ିକ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିଚାର କରୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ସମ୍ବିଧାନର ଅନୁଚ୍ଛେଦ ୯୪-ସି ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦିଆଯିବ। ଉକ୍ତ ନୋଟିସରେ ୧୦୩ ବିରୋଧୀ ଦଳ ଏମ୍‌ପି ସ୍ୱାକ୍ଷର କରିସାରିଛନ୍ତି। ତେବେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧିକ ଗୁରୁତ୍ୱ ଦେଉଥିବାବେଳେ ମାଲୱା ରାଣୀ ଅହଲ୍ୟାବାଈ ହୋଲକରଙ୍କୁ ଅପମାନ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ସମାଜବାଦୀ ପାର୍ଟି ଚାହୁଁଛି।

ଗୃହରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ଦେଇ ନ ଥିବାରୁ ଏବଂ କଂଗ୍ରେସର ମହିଳା ଏମ୍‌ପିମାନଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ



ଓମ୍ ବିର୍ଲା

ଆଣିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ତଥା ୮ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରିବାକୁ ନେଇ ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ଆଣିବାକୁ ନୋଟିସ ଦିଆଯିବ। ଖୁବ୍‌ଶୀଘ୍ର ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ନୋଟିସ କେବେ ଦିଆଯିବ, ସେନେଇ ମଙ୍ଗଳବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ସପ୍ତାହରେ ଗୃହରେ ଭାରତ-ଚାଇନା ପ୍ରସଙ୍ଗ ଉପରେ ଆଲୋଚନା ଚାହିଁବାରୁ ତାଙ୍କୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ସେବେଠାରୁ ଗୃହକାର୍ଯ୍ୟ ଠିକ୍ ଭାବେ ଚାଲିପାରୁ ନାହିଁ। ରାହୁଲ ଓ ଅନ୍ୟମାନେ ☞ପୃଷ୍ଠା-୨

# ୨ୟ ପ୍ରେମିକଙ୍କ ତଣ୍ଟି କାଟିଲେ ପ୍ରଥମ ପ୍ରେମିକ

### ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ରାଜଧାନୀରେ ହତ୍ୟା

- ପ୍ରେମିକାଙ୍କୁ ଚକୋଲେଟ୍ ଦେବାକୁ ଆସି ଫସିଗଲେ ଦ୍ୱିତୀୟ ପ୍ରେମିକ
- ଯୁବତୀଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ପ୍ରଥମ ପ୍ରେମିକ
- ମାମଲାରେ ଜଡ଼ିତ କାର ନେବାବେଳେ ବ୍ରିଜ୍ ତଳକୁ ଓଲଟିପଡ଼ିଲା

ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ପ୍ରେମ ସପ୍ତାହରେ ରାଜଧାନୀରେ ଘଟିଛି ହତ୍ୟାକାଣ୍ଡ। ପ୍ରେମିକାଙ୍କ ସହ ଦ୍ୱିତୀୟ ପ୍ରେମିକଙ୍କୁ ଦେଖି ପ୍ରଥମ ପ୍ରେମିକ ଉତ୍ତେଜିତ ହୋଇ ଧାରୁଆ ଛୁରିରେ ଦ୍ୱିତୀୟ ପ୍ରେମିକଙ୍କ ତଣ୍ଟିକାଟି ହତ୍ୟା କରିଛନ୍ତି। ଏଭଳି ଘଟଣା ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରି ବିହାର ଫ୍ଲାଟ୍ ନଂ-୩୦୯ରେ ଘଟିଛି। ମୃତ ପ୍ରେମିକ ହେଲେ ବ୍ରହ୍ମଗିରିର ହାସିନାପୁରର ସତ୍ୟବ୍ରତ ପ୍ରଧାନ(୨୮)। ମୃତ ସତ୍ୟବ୍ରତଙ୍କ ଭାଇ ରାଜେଶ କୁମାର ପ୍ରଧାନ ଚନ୍ଦ୍ରଶେଖରପୁର ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୧୨୪/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ସତ୍ୟବ୍ରତଙ୍କ ପ୍ରେମିକାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୋମବାର ସକାଳୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାରୀ ପ୍ରଥମ ପ୍ରେମିକ ଦୀନବନ୍ଧୁ ନାୟକ ଏବଂ ପ୍ରେମିକା ରହୁଥିବା ଘରୁ ଏକାଧିକ ରକ୍ତ ନମୁନା ସଂଗ୍ରହ କରିବା ସହ ଛୁରି ଜବତ କରି ଘରକୁ ପୋଲିସ ସିଲ୍ କରିଛି। ଫେରାର ଥିବା ଦୀନବନ୍ଧୁଙ୍କୁ ଗିରଫ କରିବା ପାଇଁ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ଦୀନବନ୍ଧୁ ଏବଂ ତାଙ୍କ ପ୍ରେମିକା ସୁମିତ୍ରା(ଛଦ୍ମନାମ)ଙ୍କ ଘର ଜଗତ୍‌ସିଂହପୁର ଏରସମା ଅଞ୍ଚଳରେ। ଉଭୟଙ୍କ ମଧ୍ୟରେ ସ୍କୁଲ ସମୟରୁ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ସୁମିତ୍ରା ଭୁବନେଶ୍ୱରକୁ ପାର୍ଲର କାମ ଶିଖିବା ପାଇଁ ଆସିବା ପରେ ଦୀନବନ୍ଧୁ ମଧ୍ୟ ଭୁବନେଶ୍ୱର ଆସି ଇଭେଣ୍ଟ କାମ କରୁଥିଲେ। ଉଭୟେ ନୀଳାଦ୍ରିବିହାର ସେକ୍ଟର-୨ରେ ଘର ଭଡ଼ା ନେଇ ୮ ମାସ ହେବ ସ୍ୱାମୀସ୍ତ୍ରୀ ପରିଚୟ ଦେଇ ଲିଭ୍-ଇନ୍‌ରେ ରହୁଥିଲେ ବୋଲି ଘର ମାଲିକ ସୁଧାଂଶୁ କୁମାର ସାହୁ କହିଛନ୍ତି। ଦୀନବନ୍ଧୁ ଯେଉଁଠି ଇଭେଣ୍ଟ କାମ କରୁଥିଲେ। ସେଠାରେ ସୁମିତ୍ରା ପାର୍ଲର କାମ କରୁଥିଲେ। ହେଲେ ସୁମିତ୍ରା ରାଜଧାନୀରେ



ମୃତ ସତ୍ୟବ୍ରତ ପ୍ରଧାନ।

ଘର ସହ ଏକ କାର ଧରି ବୁଲିବା ପାଇଁ ଚାହୁଁଥିଲେ। କିଛିମାସ ତଳେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତଙ୍କ ସହ ପରିଚିତ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ସୁମିତ୍ରା ଜଣଙ୍କ ସହ ଲିଭ୍ ଇନ୍‌ରେ ରହୁଥିବାବେଳେ ଅନ୍ୟ ଜଣଙ୍କୁ ପ୍ରେମ କରୁଥିଲେ। ଏପରିକି ଦୀନବନ୍ଧୁଙ୍କୁ ମିଛ କହି ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କ ସହ ବୁଲାବୁଲି କରୁଥିଲେ। ଉଭୟ ହୋଟେଲରେ ରହିବା ସହ ପାର୍କ, ମଲ୍ ମଧ ବୁଲୁଥିଲେ। ଦୀନବନ୍ଧୁଙ୍କ ସନ୍ଦେହ ହେବାରୁ ସେ ସୁମିତ୍ରାଙ୍କୁ ଏନେଇ ପଚାରିଥିଲେ। ହେଲେ ସତ୍ୟବ୍ରତ ଜଣେ ଭଲ ବନ୍ଧୁ ବୋଲି କହି ସୁମିତ୍ରା କଥା ଏଡ଼ାଇ ଦେଉଥିଲେ। ରବିବାର ରାତିରେ ସବୁକିଛି ଧରାପଡ଼ି ଯାଇଥିଲା। ଦୀନବନ୍ଧୁ ଇଭେଣ୍ଟ କାମରେ ବାହାରକୁ ଯାଇଥିବାବେଳେ ସୁମିତ୍ରା ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଚକୋଲେଟ୍ ଡେ' ପାଳନ ପାଇଁ ଘରକୁ ଡାକିଥିଲେ। ସତ୍ୟବ୍ରତ ଚକୋଲେଟ୍ ଏବଂ ଗୋଲାପ ଧରି ପ୍ରେମିକା ସୁମିତ୍ରା ରହୁଥିବା ନୀଳାଦ୍ରି ବିହାର ସେକ୍ଟର-୨ସ୍ଥିତ ଭଡ଼ାଘରକୁ ଆସିଥିଲେ। ସେଠାରେ ଚକୋଲେଟ୍ ଡେ ପାଳିବା ସହ ମଦ୍ୟପାନ କରିଥିଲେ। ରାତି ପ୍ରାୟ ୧୨:୩୦ରେ ଦୀନବନ୍ଧୁ ଘରକୁ ଫେରିଥିଲେ। ସେ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଦେଖି ଉତ୍ତେଜିତ ହୋଇଯାଇଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ☞ପୃଷ୍ଠା-୨

## ମାଲକାନଗିରିରେ ଗଞ୍ଜେଇ ତେଲ କାରଖାନା: ୪ ଗିରଫ

ମାଲକାନଗିରି,୯।୨
(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପୋଲିସ ବଡ଼ପଦର ଗାଁରୁ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ଠାବ କରିଛି। ସେଠାରୁ ପୋଲିସ ୪ଜଣ ଗଞ୍ଜେଇ ତେଲ ପ୍ରସ୍ତୁତକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ଚୋରା ଚାଲାଣକାରୀ ଅଛନ୍ତି। ସେମାନଙ୍କ ଘର ଆନ୍ଧ୍ର ପ୍ରଦେଶରେ। ଘଟଣାସ୍ଥଳରୁ ୨ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଛି;

### ୪ ମାସରେ ଜବତ ହେଲାଣି ୭.୫ କୋଟିର ତେଲ

ଯାହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ସୋମବାର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏଥିସହ ୩୦ କେଜି ଗଞ୍ଜେଇ ଓ ତେଲ ସାମଗ୍ରୀ ଜବତ କରାଯାଇଛି। ଗତ ୪ ମାସରେ ମାଲକାନଗିରି ☞ପୃଷ୍ଠା-୨

## ପାର୍ଲାମେଣ୍ଟକୁ ବୋମା ଧମକ

### ବିସ୍ଫୋରଣ ଆଶଙ୍କାରେ ଦିଲ୍ଲୀର ୧୫ ସ୍କୁଲ୍‌କୁ ଖାଲି କରାଗଲା

ନୂଆଦିଲ୍ଲୀ,୯।୨

ପାର୍ଲାମେଣ୍ଟ ସମେତ ଜାତୀୟ ରାଜଧାନୀର ଅନ୍ୟୂନ ୧୫ଟି ସ୍କୁଲ୍‌କୁ ବୋମାରେ ଉଡ଼ାଇଦେବାକୁ ସୋମବାର ଇମେଲ୍ ଯୋଗେ ଧମକ ମିଳିଛି। ଫଳରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯାଇଥିବା ଦିଲ୍ଲୀ ଅଗ୍ନିଶମ ସେବା (ଡିଏଫ୍‌ଏସ୍) ପକ୍ଷରୁ କୁହାଯାଇଛି। ସୋମବାର ସକାଳେ ସହରର ବିଭିନ୍ନ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ଜରୁରୀ କଲ୍ ମିଳିଥିଲା। ଫଳରେ ଉକ୍ତ ଅଞ୍ଚଳକୁ ଦମକଳ ଗାଡ଼ି ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ପଠାଯାଇଥିଲା ବୋଲି ଡିଏଫ୍‌ଏସ୍ କହିଛି। ସେଥିରୁ ୮ଟି ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଅନ୍ୟ ସ୍କୁଲଗୁଡ଼ିକରେ ତଲାସି ଜାରି ରହିଛି।

ଧମକପୂର୍ଣ୍ଣ ବାର୍ତ୍ତାର ଏକ ସ୍କ୍ରିନ୍‌ସଟ୍ ସୋସିଆଲ ମିଡିଆରେ ଘୂରିବୁଲୁଛି, ଯେଉଁଥିରେ ଲେଖାଅଛି, 'ଦିଲ୍ଲୀ ଖଲିସ୍ତାନ ପାଲଟିବ। ଅଫଜଲ ଗୁରୁଙ୍କ ସ୍ମୃତିରେ'। ଫେବୃଆରୀ ୧୩ ଅପରାହ୍ନ ୧ଟା ୧୧ ମିନିଟ୍ ସମୟରେ ପାର୍ଲାମେଣ୍ଟରେ ବିସ୍ଫୋରଣ ହେବ ବୋଲି ଉକ୍ତ ମେଲ୍‌ରେ ଧମକ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଜୈଶ-ଇ-ମହମ୍ମଦର ୫ ଆତଙ୍କବାଦୀଙ୍କ ଆକ୍ରମଣରେ ଦିଲ୍ଲୀ ପୋଲିସର ୬ ଜଣ ଯବାନ, ୨ ଜଣ ଅର୍ଦ୍ଧସାମରିକ ଯବାନ ଏବଂ ଜଣେ ମାଳୀ ନିହତ ହୋଇଥିଲେ। ସୁରକ୍ଷା ବଳ ଗୁଳିରେ ସମସ୍ତ ୫ ଜଣ ଆତଙ୍କବାଦୀ ନିପାତ ହୋଇଥିଲେ। ପାକିସ୍ତାନରୁ ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ ଏହି ଆକ୍ରମଣକୁ ଚଳାଉଥିଲେ ☞ପୃଷ୍ଠା-୨

## ତାମିଲନାଡୁରେ ୩ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା

ଦିଗପହଣ୍ଡି,୯।୨(ଅଶେଷ ନାଥ ମିଶ୍ର)

ତାମିଲନାଡୁକୁ ଦାଦନ ଶ୍ରମିକ ରୂପେ ଓଡ଼ିଶାର ଗଞ୍ଜାମ ଜିଲାରୁ କାମ କରିବାକୁ ଯାଇ ୩ ଜଣ ଶ୍ରମିକ ନିର୍ଯାତନାର ଶିକାର ହୋଇଛନ୍ତି। ସେମାନେ କାମ କରୁଥିବା କମ୍ପାନୀରେ ଅଟକରଖି ନିର୍ଯାତିତ ହେଉଥିବା ଅଭିଯୋଗ ହୋଇଛି। ଏହି ଖବର ଜାଣିବା ପରେ ଦିଗପହଣ୍ଡି ପୋଲିସ ଏହାକୁ ଗୁରୁତର ସହ ନେଇଛି। ସୋମବାର ନଂ. ୪୪/୨୬ରେ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ତାମିଲନାଡୁ ଯାତ୍ରା କରିଛି।

ଖବରରୁ ଜଣାପଡ଼ିଛି, ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗାଁର ବି.ତବତ ରେଡ୍ଡୀଙ୍କ ପୁଅ ବି. ବୁଦ୍ଧୁ ରେଡ୍ଡୀ(୩୨), ବି.ଗଣେଶ ରେଡ୍ଡୀଙ୍କ ପୁଅ ବି.ପୂର୍ଣ୍ଣ ରେଡ୍ଡୀ (୩୦) ଏବଂ ଏସ୍.ଦୁର୍ଯ୍ୟୋଧନ ଦୋରାଙ୍କ ପୁଅ ଏସ୍. ଧୋବା ଦୋରା (୩୧) ଗତ ୧୫ ଦିନ ତଳେ


### ଉଦ୍ଧାର ପାଇଁ ଗଲା ଦିଗପହଣ୍ଡି ପୋଲିସ



ଏସ୍. ଧୋବା ଦୋରା



ବି. ବୁଦ୍ଧୁ ରେଡ୍ଡୀ



ବି.ପୂର୍ଣ୍ଣ ରେଡ୍ଡୀ

କାମ କରିବା ପାଇଁ ଜଣେ ଶ୍ରମିକ ଠିକାଦାରଙ୍କ ସହ ତାମିଲନାଡୁ ଯାଇଥିଲେ। ସେଠାରେ ନାଗପଟ୍ଟନମ୍ ଜିଲା ପଙ୍ଗାଲ ଗ୍ରାମସ୍ଥିତ ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ ପାଇପ ୱେଲ୍ଡିଂ କାମ ଠିକାଦାର ସେମାନଙ୍କୁ ନେଇଥିଲେ। ମାତ୍ର ସେଠାରେ କାମ ନ ମିଳିବାରୁ ସେମାନେ ଗାଁକୁ ଫେରିବାକୁ ସେଠାକାର ରେଳ ଷ୍ଟେଶନକୁ ଚାଲି ଆସିଥିଲେ। ସେଠାରୁ ଅନ୍ୟ ଜଣେ ଶ୍ରମିକ ଠିକାଦାର ସେମାନଙ୍କୁ କାମ ଦେବାର ପ୍ରତିଶ୍ରୁତି ଦେଇ ପୁଣି ସେହି ବିସ୍କୁଟ କମ୍ପାନୀକୁ ଡାକି ନେଇଥିଲେ। ସେଠାରେ କମ୍ପାନୀମାଲିକ ସେମାନଙ୍କୁ କ୍ରୀତଦାସ ଭଳି ଖଟାଇବା ସହ ଏକ ଘର ଭିତରେ ନଜରବନ୍ଦୀ କରି ରଖି ସେମାନଙ୍କ ମୋବାଇଲ ଫୋନ ଛଡାଇ ନେଉଥିଲେ। ସେମାନଙ୍କୁ ୩ ଦିନ ହେଲା କିଛି ଖାଇବାକୁ ମିଳିନାହିଁ। ପ୍ରତିଦିନ ସନ୍ଧ୍ୟା ୬ଟାରେ କମ୍ପାନୀର ଜଣେ କର୍ମଚାରୀ ମୋବାଇଲ ଫୋନ ସେମାନଙ୍କୁ ଦେଉଥିଲେ। ପୁଣି ୫ ମିନଟ୍ ପରେ ଛଡାଇ ନେଉଥିଲେ। ଏପରିକି ପରିବାର ଲୋକଙ୍କ ସହ କଥା ହେବାକୁ ଫୋନ ଦେଉ ନ ଥିଲେ। ମଜୁରି ବାବଦ ଟଙ୍କା ମାଗିବାରୁ ସେଠାରେ ସେମାନଙ୍କୁ କମ୍ପାନୀ ମାଲିକଙ୍କ ଇଙ୍ଗିତରେ ଶ୍ରମିକ ଠିକାଦାର ନିଷ୍ଠୁର ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏସ୍.ଧୋବା କୌଶଳକ୍ରମେ ଶୁକ୍ରବାର ଫୋନ ଯୋଗେ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କ ବାପା ଦୁର୍ଯ୍ୟୋଧନ, ପୂର୍ଣ୍ଣଙ୍କ ସ୍ତ୍ରୀ ମୁକ୍ତା ରେଡ୍ଡୀ ☞ପୃଷ୍ଠା-୨

## ଚନ୍ଦ୍ରୟାନ-୪ ମିଶନ ପାଇଁ ଚନ୍ଦ୍ରରେ ସ୍ଥାନ ଚିହ୍ନଟ




ବେଙ୍ଗାଲୁରୁ,୯।୨(ପି.ଟି.)

ଭାରତର ଚନ୍ଦ୍ରୟାନ-୪ ମିଶନକୁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ଦେଇସାରିଛନ୍ତି। ଏହି ମିଶନକୁ ୨୦୨୬ରେ କାର୍ଯ୍ୟକାରୀ କରିବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଅଭିଯାନ ଜାରି ରଖିଛି। ୨୦୨୮ରେ ହେବାକୁ ଥିବା ଏହି ମିଶନ ପାଇଁ ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ସ୍ଥାନ ନିରୂପଣ କରିଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନର ଅବତରଣ ପାଇଁ ସ୍ଥାନ ନିରୂପଣ ହୋଇସାରିଛି ବୋଲି ଇସ୍ରୋ ପକ୍ଷରୁ ସୋମବାର ସୂଚନାଦିଆଯାଇଛି। ଇସ୍ରୋ ବୈଜ୍ଞାନିକମାନଙ୍କ ସୂଚନା ଅନୁସାରେ ଚନ୍ଦ୍ରର ଦକ୍ଷିଣ ମେରୁରେ 'ମୋନ୍ସ ମୋଟନ(ଏମ୍‌ଏମ୍)' ନାମରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ରହିଛି। ଚନ୍ଦ୍ରୟାନ ଅବତରଣ ପାଇଁ ଏହି ଅଞ୍ଚଳର ଏମ୍‌ଏମ୍-୧, ଏମ୍‌ଏମ୍-୩, ଏମ୍‌ଏମ୍-୪ ଏବଂ ଏମ୍‌ଏମ୍-୫ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘୁମୁସର ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୫୦ ଆମ୍ବୁଲାନ୍ସର ଶୁଭାରମ୍ଭ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ଗେଟ୍ ନଂ– ୩, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥ କଥାମୃତ, ସ୍ଥାନ: ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ, ଜୟଦେବ ବିହାର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ ୨୦୨୬ର ତୃତୀୟ ଦିବସ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଚତୁର୍ଦ୍ଦଶ ଶିଶିର ମେଳାର ଷଷ୍ଠ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ପଞ୍ଚମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଦିବଂଗତ ସମାଜସେବୀ ରାଧାଶ୍ୟାମ ବେହେରାଙ୍କ ସ୍ମୃତିସଭା, ସ୍ଥାନ: ଚାନ୍ଦବାଲି ବରିଷ୍ଠ ନାଗରିକ ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଶାସ୍ତ୍ରୀନଗର ପ୍ରିମିୟର ଲିଗ୍ ସର୍ଟ ବାଉଣ୍ଡରି କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ସନ୍ଧ୍ୟା ୫ ଟା ୩୦।

**ବ୍ରହ୍ମପୁର**
- ଜିଲା ସ୍ୱାସ୍ଥ୍ୟ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ, ସମୟ: ମଧ୍ୟାହ୍ନ ୧୨ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ, ସ୍ଥାନ: ସର୍କିଟ ହାଉସ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ ଆସିକା, ସମୟ: ପୂର୍ବାହ୍ନ ୧୧ ଟା।
- ସଦର ଏସ୍‌ଡିପିଓ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: କନିସି ହାଟ, ସମୟ: ମଧ୍ୟାହ୍ନ ୧୨ ଟା ୩୦।

**କନ୍ଧମାଳ**
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦାରିଙ୍ଗବାଡ଼ି ଗସ୍ତ, ସ୍ଥାନ: ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ, ସମୟ: ପୂର୍ବାହ୍ନ ୧୦ ଟା।

**ଢେଙ୍କାନାଳ**
- ନ୍ୟାଶନାଲ ଡି–ୱର୍ମିଙ୍ଗ୍ ଡେ', ସ୍ଥାନ:ଢେଙ୍କାନାଳ ଅଁଳାବେରେଣୀ ଆଲୁଅଝରଣ ଆଶ୍ରମ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।

**ଜଗତ୍‌ସିଂହପୁର**
- ଶିବରାତ୍ରି ଉପଲକ୍ଷେ ମହାକାଳେଶ୍ୱର ମହାଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ମହାକାଳେଶ୍ୱର ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ୧୮ ତମ ଜନ୍ମୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆବଜାର, ମନ୍ଦିର ପରିସର, ପାରାଦୀପ, ସମୟ: ସକାଳ ୮ଟା।
- ଆର.କେ. ହୀରାଲାଲ ଯାଦୁକର ସଂସ୍ଥା ପକ୍ଷରୁ ମ୍ୟାଜିକ ଶୋ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ବାୟାବାବା କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଜମ୍ବୁ ଦ୍ୱୀପ କ୍ରିକେଟ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ କପର ଫାଇନାଲ ମ୍ୟାଚ, ସ୍ଥାନ: ଶଙ୍ଖପଦା, ବିଜୟନଗର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଡିଗ୍ରୀ କଲେଜ୍ ପରିସର, ସମୟ: ସକାଳ ୮ଟା୩୦।
- ଏମଡିଏ ପ୍ରୋଗ୍ରାମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ରସୁଲପୁର ବ୍ଲକର କୁଣ୍ଡପାଟଣା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯଯାତି ଜିଲା ମହୋତ୍ସବର ସବକମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାମ ହନୁମାନ ମିଳନ ଓ ବାଳି ଉଦ୍ଧାର ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ୧୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୧୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୨ୟ ଦିବସ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ବିଦ୍ରୋହ ନିଜ ବିରୁଦ୍ଧରେ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲା ବିଜେଡ଼ି ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ଓ ପ୍ରତିବାଦ ସଭା, ସ୍ଥାନ: ରାୟଗଡ଼ା ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।
- ସେଫର ଇଣ୍ଟରନେଟ ଡେ, ସ୍ଥାନ: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ଦୁଇଟି ନିର୍ବାଚନ ମଣ୍ଡଳୀରେ ୧୨ ଘଣ୍ଟିଆ ବନ୍ଦ, ସ୍ଥାନ: ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀ, ସମୟ: ସକାଳ ୬ରୁ ସନ୍ଧ୍ୟା ୬।
- ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ବିଞ୍ଜିଗୁଡ଼ାସ୍ଥିତ ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

**କୋରାପୁଟ**
- କ୍ରିକେଟ ଖେଳାଳି ଚୟନ ଦ୍ୱିତୀୟ ଦିନ, ସ୍ଥାନ: ହାଲ ଖେଳପଡ଼ିଆ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଘାଟନ, ସ୍ଥାନ: ମହାବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ସାମାଜିକ ସଦ୍‌ଭାବନା ବୈଠକ, ସ୍ଥାନ: ବସ୍‌ଷ୍ଟାଣ୍ଡ ଶିବ ମନ୍ଦିର, ସେମିଳିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

**ମାଲକାନଗିରି**
- ଦକ୍ଷତା ବିକାଶ ବିଭାଗ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ମାଲକାନଗିରି ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦରଦାମ ନିୟନ୍ତ୍ରଣ ଓ ମୂଲ୍ୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସକାଶେ ଆଶୀର୍ବାଦ ସମାରୋହ, ସ୍ଥାନ : ବୁର୍ଲା ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ନମ୍ବର ଦୁଇ, ସମୟ : ସକାଳ ୯ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ହୀରାକୁଦ କ୍ରୀଡାସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ : ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ : ଅପରାହ୍ନ ୩ଟା।
- ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ : ଫାଟକ ସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ସାର୍ବଜନୀନ ବାତଜ୍ୱର ଔଷଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଅଖିଳ ଭାରତୀୟ ସାହିତ୍ୟ ଅନୁଷ୍ଠାନର ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୮ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଥାନାଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡୁମେରପାଲି ରାସ୍ତାରେ ନୂତନ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:ଅମ୍ବାପାଲି ଛକ, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

**କଳାହାଣ୍ଡି**
- ପିଡ଼ି ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଫୁଟ୍‌ବଲ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ଛାତ୍ର କ୍ରୀଡ଼ାବାସ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜଳ ଅର୍ପଣ ଦିବସ, ସ୍ଥାନ: ଖୁଣ୍ଟବନ୍ଧ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଜାତୀୟ କୃମିନାଶକ ଦିବସ, ସ୍ଥାନ: ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ବାରକୋଟ ବ୍ଲକ କଲା ଗ୍ରାମ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ:ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ବାନରସେନା ମଞ୍ଚର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଯାଦବ ସମାଜର ବୈଠକ, ସ୍ଥାନ: କୋମନା ବ୍ଲକ ଆଞ୍ଚଳିକ ଯାଦବ ସମାଜ କେନ୍ଦ୍ର ତରବୋଡ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ଆର୍‌ଏସ୍‌ସିସି କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର ବନ୍ଧୁ ଓ ପରିଜନଙ୍କ ସହ ଦୂରଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ କାମକୁ ସମ୍ପନ୍ନ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତାଦିରେ ସଫଳତା ପାଇବେ। ସାହିତ୍ୟାଲୋଚନା, ବିବାଦରେ ମଧ୍ୟସ୍ଥତା, ଋଣ ପରିଶୋଧରେ ସଫଳତା ହାସଲ କରିବେ।

**ବୃଷ** – ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରେ ସରକାରୀ ସ୍ତରରୁ ସହାୟତା ପାଇବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ଲାଭକରି ନୂତନ କାମରେ ହାତଦେବେ। ପ୍ରଶାସନିକ ସ୍ତରରେ ଅଥବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କୃତ୍ତିକା ନକ୍ଷତ୍ର ମତଭେଦ କାରଣରୁ ଅଶାନ୍ତି ଲାଗିରହିବ।

**ମିଥୁନ** – କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନରେ ସତର୍କ ନ ହେଲେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତକରିବ। ପୁନର୍ବସୁ ପାରିବାରିକ ସ୍ତରରେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ୍ୟ ପ୍ରତିହତ କରିପାରିବେ । ଦୀର୍ଘଦିନରୁ ଛିନ୍ନ ହୋଇଯାଇଥିବା ଭ୍ରାତୃସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ** – କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧର ଆଶା ରହିଛି । ଗୁପ୍ତ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଋଣ ପରିଶୋଧର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି।

**ସିଂହ** – ବନ୍ଧୁଙ୍କ ସହାୟତାରେ ପାରିବାରିକ ଆବଶ୍ୟକତା ପୂରଣ କରିବେ। ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** – ଆଜିର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ଯୋଗୁ ମାନସିକ ସ୍ତରରେ ଅଶାନ୍ତି ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବ। ହସ୍ତା ନକ୍ଷତ୍ର ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜାରେ ମନୋନିବେଶ କରିପାରନ୍ତି।

**ତୁଳା** – ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୁତପୂର୍ବ ସଫଳତା ହାସଲକରି ଋଣମୁକ୍ତ ହେବେ। ସ୍ୱାତୀ ନକ୍ଷତ୍ର କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ଆସିପାରେ। ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ଆଜିର ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂରହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଈର୍ଷାପରାୟଣ ପାଖଲୋକ ଅପପ୍ରଚାର କରିପାରନ୍ତି । ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** – ଆଜି ବୃଥା ତର୍କ ଓ ବିବାଦ କାରଣରୁ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ବିଗିଡିଯିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ମୂଳା ନକ୍ଷତ୍ର ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** – ଆଜି ଧନିଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ଲାଗିରହିବ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବନ୍ଧୁଙ୍କ ଆକ୍ଷେପୋକ୍ତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ଉପକୃତ ହେବେ। ବନ୍ଧୁମାନଙ୍କ ହତାଦର ଓ ଦୁର୍ବ୍ୟବହାରରୁ ଅଶାନ୍ତ ରହିପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳପାଇବେ। ଶତଭିଷା ନକ୍ଷତ୍ର ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମୀନ** – ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନକରି କୃତକାର୍ଯ୍ୟ ହେବେ। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଫେବୃଆରୀ ୧୦ ତାରିଖ, ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର। ରାଶି ନକ୍ଷତ୍ର–ସକାଳ ଘ.୦୭।୫୫ ମି. ଗତେ ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯।୧୧ ଗତେ ଘ.୧୦।୫୩ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୦ ଗତେ ଘ.୦୪।୧୫ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଡିଜିଟାଲ ଠକେଇ...

ଏବଂ ଏନ୍.ଭି. ନଞ୍ଜରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଆବେଦନର ଶୁଣାଣି କରି କହିଛନ୍ତି, ଡିଜିଟାଲ ଆରେଷ୍ଟ ସ୍କାମ୍ ଏକ ଆତଙ୍କ। ଏପରି ସାଇବର ଠକେଇ ରୋକିବା ପାଇଁ ବ୍ୟାଙ୍କଗୁଡ଼ିକ ତତ୍ପରତା ସହ କାର୍ଯ୍ୟ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ଗ୍ରାହକଙ୍କ ଆକାଉଣ୍ଟରେ ଟଙ୍କା ନେଣଦେଣ ଉପରେ କୌଣସି ଅସ୍ୱାଭାବିକ, ବଡ଼ କାରବାର ହେଉଛି ; ସେତେବେଳେ ବ୍ୟାଙ୍କଗୁଡ଼ିକ ଉତ୍ତରଦାୟୀ ଭୂମିକା ତୁଲାଇ ଗ୍ରାହକଙ୍କୁ ତତ୍କାଳ ସତର୍କ କରାଇବେ। ଜଣେ ଅବସରପ୍ରାପ୍ତ କର୍ମଚାରୀ ସାଧାରଣତଃ ୧୦,୦୦୦ କିମ୍ବା ୨୦,୦୦୦ ଟଙ୍କା ଉଠାଇଥାନ୍ତି। ଏହି ସ୍ଥଳେ ତାଙ୍କ ଆକାଉଣ୍ଟରୁ ଯଦି ବଡ଼ ଆମାଉଣ୍ଟ ଉଠିବା ମାତ୍ରେ ସମ୍ପୃକ୍ତ ଗ୍ରାହକଙ୍କ ନିକଟକୁ ଆଲର୍ଟ ମେସେଜ ଯିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

କେବଳ ଏତିକି ନୁହେଁ, ରିଜର୍ଭ ବ୍ୟାଙ୍କ, ଟେଲିକମ୍ୟୁନିକେଶନ୍ ବିଭାଗ ଓ ଅନ୍ୟ ପକ୍ଷମାନଙ୍କୁ ମିଳିତ ଭାବେ ବୈଠକ କରି ଡିଜିଟାଲ ଆରେଷ୍ଟର ଶିକାର ହେଉଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାରା ଦେଶରେ ଯେପରି କାର୍ଯ୍ୟକାରୀ ହୋଇପାରିବ, ସେଭଳି ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ପ୍ରସ୍ତୁତ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ୪ ସପ୍ତାହ ପରେ ଏହି ପ୍ରସଙ୍ଗରେ ପୁନର୍ବାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

### ୟୁପିଆଇ ଜରିଆରେ...

କରି ଇପିଏଫ୍ ଅର୍ଥ ଉଠାଇବା ସହ ପାସ୍‌ବୁକ୍ ବାଲାନ୍ସ ଆଦି ଅନ୍ୟାନ୍ୟ ସେବା ଉପଲବ୍ଧ କରିପାରିବେ। ସମ୍ପ୍ରତି କର୍ମଚାରୀମାନେ ସେମାନଙ୍କ ଇପିଏଫ୍ ଆକାଉଣ୍ଟ ସମ୍ପର୍କରେ ଜାଣିବା ଏବଂ ସେବା ଉପଲବ୍ଧ କରିବା ପାଇଁ ସାର୍ବଜନିକ ଆକାଉଣ୍ଟ ନମ୍ବର (ୟୁଏଏନ୍) ପୋର୍ଟାଲ କିମ୍ବା ଉମଙ୍ଗ ଆପ୍ ବ୍ୟବହାର କରୁଛନ୍ତି। ଉକ୍ତ ସେବା ଉଭୟ ପ୍ଲାଟ୍‌ଫର୍ମରେ ଉପଲବ୍ଧ ରହିବାକୁ ଥିବାବେଳେ ନୂଆ ଆପ୍ ଏହି ସେବାକୁ ଅଧିକ ଉନ୍ନତ କରିବ। ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ଯୋଗ୍ୟ ଇପିଏଫ୍ ବାଲାନ୍ସ ସେଥିରେ ଦେଖିହେବ। କାରବାର ସମ୍ପୂର୍ଣ୍ଣ କରିବାକୁ ସଦସ୍ୟ ନିଜର ଲିଙ୍କ୍ ହୋଇଥିବା ୟୁପିଆଇ ପିନ୍ ବ୍ୟବହାର କରିବେ।

### ବାଚସ୍ପତିଙ୍କ ବିରୋଧରେ...

ସୋମବାର ଅପରାହ୍ନରେ ବାଚସ୍ପତିଙ୍କୁ ଭେଟି ଅଚଳାବସ୍ଥା ଦୂର ପାଇଁ ସମାଧାନ ସୂତ୍ର ବାହାର କରିବା ଉପରେ ଆଲୋଚନା କରିଛନ୍ତି। ସୋମବାର ଗୃହ ଦିନକ ପାଇଁ ମୁଲତବୀ ରହିବାରୁ ରାହୁଲଙ୍କ ସମେତ ଟିଏମ୍‌ସିର ଅଭିଷେକ ବାନାର୍ଜୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ ବାଚସ୍ପତିଙ୍କୁ ଭେଟି ଅଚଳାବସ୍ଥା ଦୂର ପାଇଁ ଆଲୋଚନା କରିଥିଲେ। ଗୃହରେ ବିରୋଧୀ କାହିଁକି ହଟ୍ଟଗୋଳ କରୁଛନ୍ତି, ତାହାକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ନେତାମାନେ ଆଲୋଚନା କରିଥିଲେ। କହିବାକୁ ଅନୁମତି ଦେଲେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ରାହୁଲ କହିଥିଲେ। ତେବେ ବିର୍ଲା ବିରୋଧୀ ଦଳ ନେତାମାନଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନ ଶୁଣାଇ ସରକାରଙ୍କ ସହ ଆଲୋଚନା ପରେ ଜଣାଇବେ ବୋଲି କହିଥିଲେ।

ବାଚସ୍ପତିଙ୍କୁ ଭେଟିବା ପରେ ରାହୁଲ କହିଛନ୍ତି, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହକୁ ଆସିଲେ ନାହିଁ। ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ପ୍ରଧାନମନ୍ତ୍ରୀ ଭୟଭୀତ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଗତ ଗୁରୁବାର ବିରୋଧୀ ଏମ୍‌ପିମାନଙ୍କଠାରୁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ବିପଦ ଥିବା ଅଭିଯୋଗରେ ସାହସ ଥିଲେ ଏତଲା ଦାଏର କରିବାକୁ ରାହୁଲ ଆହ୍ୱାନ ଦେଇଛନ୍ତି। ବିରୋଧୀ ଆଲୋଚନା ପାଇଁ ଆଗ୍ରହୀ ଥିବାବେଳେ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିର କୃଷକଙ୍କ ଉପରେ ପ୍ରଭାବ ଆଦି କାରଣରୁ ସରକାର ବଜେଟ ଉପରେ ଆଲୋଚନା କରିବାକୁ ଭୟ କରୁଥିବା ସେ ଅଭିଯୋଗ କରିଛନ୍ତି।

ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ଅନୁଷ୍ଠିତ ବିରୋଧୀ ଦଳ ନେତାମାନଙ୍କ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଟିଏମ୍‌ସି, ବାମଦଳ, ଡିଏମ୍‌କେ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଶିବସେନା (ୟୁବିଟି), ଏନ୍‌ସିପି(ଏସ୍‌ପି) ଏବଂ ଆର୍‌ଏସ୍‌ପି ନେତାମାନେ ଯୋଗ ଦେଇଥିଲେ। ଯଦି ଅନାସ୍ଥା ପ୍ରସ୍ତାବ ଆସେ, ତେବେ ପଦବୀରେ ଥିବା ବାଚସ୍ପତିଙ୍କ ବିରୋଧରେ ଏହା ଚତୁର୍ଥ ଅନାସ୍ଥା ପ୍ରସ୍ତାବ ହେବ। ପୂର୍ବରୁ ବାଚସ୍ପତି ଜି.ଭି. ମାଭାଲାଙ୍କର, ହୁକୁମ ସିଂ ଏବଂ ବଳରାମ ଜାଖରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା।

### ୨ୟ ପ୍ରେମିକଙ୍କ...

ହୋଇଥିଲା। ଏହି ସମୟରେ ଦୀନବନ୍ଧୁ ରୋଷେଇଘରୁ ଏକ ଧାରୁଆ ଛୁରି ଆଣି ସତ୍ୟବ୍ରତଙ୍କ ତଣ୍ଟି କାଟି ଦେଇଥିଲେ। ବେକରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେଉଥିବାବେଳେ ସତ୍ୟବ୍ରତ ବେକକୁ ଧରି ଦୌଡ଼ି ଦୌଡ଼ି କାର୍ ରଖିଥିବା ଶୈଳଶ୍ରୀବିହାର ମଙ୍ଗଳା ମନ୍ଦିର ନିକଟକୁ ଆସିଥିଲେ। ହେଲେ କାର ଭିତରକୁ ପଶି ନ ପାରି ବାହାରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହାପରେ ପ୍ରେମିକା ସୁମିତ୍ରା ଏବଂ ଦୀନବନ୍ଧୁ ଆସି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସରେ ସତ୍ୟବ୍ରତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସତ୍ୟବ୍ରତ ଚଲାଉଥିବା ଗାଡ଼ିର ମାଲିକଙ୍କୁ ସୁମିତ୍ରା ସବୁ କିଛି କହିଥିଲେ। ଗାଡ଼ି ହତ୍ୟା ମାମଲାରେ ନ ଫସିବା ପାଇଁ ମାଲିକ ଭୋରୁ ଜଣେ ଡ୍ରାଇଭର ଠିକ୍ କରି ଡବଲ ଚାବିରେ ଶୈଳଶ୍ରୀବିହାର ନିକଟରୁ ଆଣିଥିଲେ। କିନ୍ତୁ ଡ୍ରାଇଭର ଅତ୍ୟଧିକ ନିଶାଗ୍ରସ୍ତ ଥିବାରୁ ଶିଶୁଭବନ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟାଇଥିଲେ। କାର୍ ବ୍ରିଜ୍ ଡିଭାଇଡରରେ ପିଟି ହୋଇ ଅନ୍ୟପଟରେ ବାଡ଼ ଭାଙ୍ଗି ତଳକୁ ପଡ଼ି ଯାଇଥିଲା। ବସ୍ତିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ଉପରେ କାର୍ ପଡ଼ି ଯାଇଥିଲା। କ୍ୟାପିଟାଲ ଥାନା ପୋଲିସ ସକାଳୁ ଏକ କ୍ରେନ୍ ସାହାଯ୍ୟରେ ଗାଡି ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

### ତାମିଲନାଡୁରେ...

ଏବଂ ବୁଦ୍ଧୁଙ୍କ ସ୍ତ୍ରୀ ସୁମିତ୍ରା ରେଣ୍ଡ଼ୀ ଶନିବାର ଦିଗପହଣ୍ଡି ଥାନାରେ ଏନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ବ୍ରହ୍ମପୁର ଯାଇ ଏସ୍‌ପି ଡା. ଶ୍ରବଣା ବିବେକ ଏମ୍‌ଙ୍କୁ ଭେଟି ସମସ୍ତ ଘଟଣା ଜଣାଇଥିଲେ। ଏସ୍‌ପି ତାମିଲନାଡୁ ତିରିପୁର ଏସ୍‌ପିଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରି ସହାୟତା ପାଇଁ ଅନୁରୋଧ କରିଥିଲେ। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଟକ ଥିବା ୩ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିଗପହଣ୍ଡି ଥାନା ପ୍ରୋବେସନାରୀ ଏସ୍‌ଆଇ ମହାପ୍ରସାଦ ମହାନ୍ତି, ଏଏସ୍‌ଆଇ ମନୋଜ ସିଂ ଏବଂ ୨ ଜଣ କନଷ୍ଟେବଲ ସୋମବାର ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ଏନେଇ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।

### ଚନ୍ଦ୍ରୟାନ-୪ ମିଶନ...

ଆଦି ୪ଟି ସ୍ଥାନକୁ ଚିହ୍ନଟ କରାଯାଇଥିଲାବେଳେ ସେଗୁଡିକ ମଧ୍ୟରୁ ଏମ୍‌ଏମ୍–୪ ହିଁ ଚନ୍ଦ୍ରୟାନ–୪ ଲାଗି ସବୁଠୁ ପ୍ରକୃଷ୍ଟ ବୋଲି ସେମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଇସ୍ରୋର ପୂର୍ବ ଚନ୍ଦ୍ରୟାନ ଅଭିଯାନ ତୁଳନାରେ ଚନ୍ଦ୍ରୟାନ–୪ ଅପେକ୍ଷାକୃତ ଜଟିଳ ରହିବ। କାରଣ ଏହି ଅଭିଯାନରେ ଚନ୍ଦ୍ରୟାନକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବା ପରେ ଆବଶ୍ୟକ ଗବେଷଣା ଶେଷକରି ଏହାକୁ ପୁଣି ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯିବା ଲକ୍ଷ୍ୟ ରଖାଯାଇଛି।

### ପାର୍ଲାମେଣ୍ଟକୁ...

ବୋଲି ଭାରତୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ସେହିପରି ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାର୍ ବୋମା ବିସ୍ଫୋରଣ ଘଟି ୧୫ ଜଣଙ୍କ ମୃତ୍ୟୁ ହେବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ମନରୁ ଲିଭି ନ ଥିଲା ବେଳେ ପୁନର୍ବାର ପାର୍ଲାମେଣ୍ଟ ସମେତ ବିଭିନ୍ନ ସ୍କୁଲକୁ ବୋମା ଧମକ ମିଳିଥିବାରୁ ଦିଲ୍ଲୀ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ପାର୍ଲାମେଣ୍ଟ ଭବନ ବ୍ୟତୀତ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଲୋରେଟୋ କନ୍‌ଭେଣ୍ଟ ସ୍କୁଲ୍, ଦକ୍ଷିଣ ଦିଲ୍ଲୀ ଶ୍ରୀନିବାସପୁରୀର କେମ୍ବ୍ରିଜ୍ ସ୍କୁଲ୍, ରୋହିଣୀ ଅଞ୍ଚଳରେ ଥିବା ଭେଙ୍କଟେଶ୍ୱର ସ୍କୁଲ ଏବଂ ସିଏମ୍ ସ୍କୁଲ୍ ଓ ବାଲ୍ ଭାରତୀୟ ସ୍କୁଲ, ଦକ୍ଷିଣ ଦିଲ୍ଲୀ ନ୍ୟୁ ଫ୍ରେଣ୍ଡସ କଲୋନିର କେମ୍ବ୍ରିଜ୍ ସ୍କୁଲ, ଦକ୍ଷିଣ ଦିଲ୍ଲୀ ସାଦିକ୍ ନଗରର ଦି ଇଣ୍ଡିଆନ ସ୍କୁଲ୍ ଏବଂ ଡିଟିଏ ସ୍କୁଲକୁ ବୋମା ଧମକ ମିଳିଛି। ସେଠାରେ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଟିମ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ଖାନତଲାସି ଚଳାଇବା ସହ ସ୍କୁଲଗୁଡ଼ିକୁ ଖାଲି କରିଦିଆଯାଇଥିଲା। ଇମେଲ୍‌ଗୁଡ଼ିକ କେଉଁଠୁ ଆସିଥିଲା, ତାହା ଜାଣିବା ପାଇଁ ସାଇବର ଟିମ୍‌କୁ ନିୟୋଜିତ କରାଯିବା ସହ ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ତେବେ କୌଣସି ସ୍କୁଲରୁ କୌଣସି ସନ୍ଦିଗ୍ଧ ମିଳି ନ ଥିବା ଅଧିକାରୀମାନେ କହିଛନ୍ତି।



କାରଖାନାରୁ ମିଳିଥିବା ସାମଗ୍ରୀ।

### ମାଲକାନଗିରିରେ ଗଞ୍ଜେଇ...

ପୋଲିସ ୭.୫ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ କରାଯାଇଥିବା ସେ କହିଛନ୍ତି। ଆଗାମୀ ଦିନରେ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ହେଲ୍ପଲାଇନ୍ ନମ୍ବର ୯୪୩୮୯୧୬୯୭୨ ଜାରି କରାଯାଇଛି। ଗଞ୍ଜେଇ ତେଲ ନେଟୱର୍କକୁ ରୋକିବା ପାଇଁ ମାଲକାନଗିରି ପୋଲିସକୁ ସହାୟତା କରିବାକୁ ଏସ୍‌ପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅବଧାନକୁ କୁଣ୍ଡା ଦେଇ ପାଠ ପଢ଼ିବା।**

ଅବଧାନ ଅର୍ଥ ଗୁରୁ ହୋଇଥିବା ବେଳେ ତାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିବା ହେତୁ ଦକ୍ଷିଣା ବା ପାଉଣା ଦେବାକୁ ପଡ଼ିଥାଏ, ଯାହାକି ଶାସ୍ତ୍ରୋକ୍ତ ଧର୍ମ ବୋଲି ଜଣାଯାଇଥାଏ। ତାଙ୍କୁ ଦକ୍ଷିଣା ନ ଦେଲେ ତାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ବା ପାଠ କାର୍ଯ୍ୟକାରୀ ହୋଇ ନ ଥାଏ ଏବଂ ପାଠରୁ ଜାତ ବୁଦ୍ଧିର ଉତ୍କୃଷ୍ଟତା ରହି ନ ଥାଏ। ପାଠ ପଢ଼ି ନିର୍ବୁଦ୍ଧିଆ ରହୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଇଘେରାକୁ ବାଇଗଣ ଫୋପାଡ଼ିବା।**

ମାଘ ମାସ ଅଗ୍ନି ପୂର୍ଣ୍ଣିମା ଉପଲକ୍ଷେ ପାଳିତ ହେଉଥିବା ଉତ୍ସବରେ ଲୋକେ ଅଗ୍ନିରେ ବାଇଗଣ ଫୋପାଡ଼ିଥାନ୍ତି। ଏହା ଏକ ଲୋକ ପରମ୍ପରା। ପ୍ରକୃତ ଅର୍ଥରେ ଏହାର ଲକ୍ଷ୍ୟ ବା ଉଦ୍ଦେଶ୍ୟ କିଛି ନାହିଁ। ଅନିଶ୍ଚିତ ପଥରେ ଯାଉ ଯାଉ ଯାହା ମିଳିବାର ମିଳିଯାଉ, ନଚେତ୍ ନ ମିଳୁ ବା ଅନ୍ୟ ଅର୍ଥରେ ପ୍ରାପ୍ତିର ନିଶ୍ଚିତତା ନ ଥାଇ କୌଣସି କାମରେ ହାତ ଦେବା ଅର୍ଥରେ ଏଭଳି ଉକ୍ତି ବା ରୂଢ଼ି ପ୍ରୟୋଗ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଙ୍ଗପଡ଼ା ପାହାଡ଼ରେ ଲାଗିଥିବା ନିଆଁ ଲିଭାଇଲେ

## ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଜଙ୍ଗଲ ନିଆଁ ନିବାରଣ ସମ୍ପର୍କିତ ସାଇକେଲ ଯାତ୍ରା ଉଦ୍‌ଯାପିତ

**ଅନୁଗୋଳ,୯।୨ (ଜ୍ୟୋତିରଞ୍ଜନ ସାହୁ)**

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଅନୁଗୋଳ ସାଥୀ ପରିବାର ପକ୍ଷରୁ ଗତ ୫ ତାରିଖରୁ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା ଜଙ୍ଗଲ ନିଆଁ ନିବାରଣ ସମ୍ପର୍କିତ ପରିବେଶ ସଚେତନତାମୂଳକ ସାଇକେଲ ଶୋଭାଯାତ୍ରା ୫ ଦିନ ପରେ ସୋମବାର ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଯାତ୍ରାରେ ସାଥୀ ପରିବାର ସଦସ୍ୟମାନେ ପ୍ରାୟ ୪୨ଟି ଗାଁ ପରିକ୍ରମା କରି ଗ୍ରାମବାସୀ, ଯୁବ, ଛାତ୍ରସମାଜ ନିକଟରେ ପରିବେଶ ସୁରକ୍ଷା ସନ୍ଦେଶ ପହଞ୍ଚାଇଥିଲେ। ଏହି ଅବସରରେ ଅଙ୍ଗପଡ଼ା ପାହାଡ଼ରେ ଲାଗିଥିବା ନିଆଁକୁ ମଧ୍ୟ ସାଇକେଲ ଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନେ ଲିଭାଇଥିଲେ। ଅନୁଗୋଳ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଦସ୍ୟମାନେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ଏହି ସଚେତନତା ସାଇକେଲ ଯାତ୍ରା ଅନୁଭୂତି ସମ୍ପର୍କରେ ସଦସ୍ୟମାନେ କହିଛନ୍ତି, ଗାଁଗୁଡ଼ିକରେ ସେମାନେ ପହଞ୍ଚିବା ପରେ ସ୍ଥାନୀୟ ମହିଳାମାନେ ସମସ୍ତଙ୍କୁ ପାଛୋଟି ନେବା ସହ ସ୍ୱାଗତ କରିଥିଲେ। ଯୁବବର୍ଗ ବିଶେଷ ଆଗ୍ରହ ଦେଖାଇ ଗାଁରେ ସଚେତନତା କାର୍ଯ୍ୟରେ ସହଭାଗୀ ହୋଇଥିଲେ। କେତେକ ସ୍ଥାନରେ ପକ୍କା ରାସ୍ତା ନ ଥିବାରୁ ସଦସ୍ୟମାନେ ମାଟି ଓ ପଥର ରାସ୍ତା ଦେଇ ସାଇକେଲ ଚଲାଇ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସଚେତନତା ସୃଷ୍ଟି କରିଥିଲେ। ଯାତ୍ରାର ଦ୍ୱିତୀୟ ଦିନରେ ଜଙ୍ଗଲାଞ୍ଚଳ ଦେଇ ଗଲାବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ତଥାପି ସତର୍କତା ଅବଲମ୍ବନ କରି ସେମାନେ ଯାତ୍ରା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିଲେ। ଜଙ୍ଗଲ ନିଆଁର ଭୟାବହ ପ୍ରଭାବ ଓ ମାନବୀୟ ଅବହେଳା କିପରି ପରିବେଶକୁ କ୍ଷତିଗ୍ରସ୍ତ କରୁଛି, ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ ଜୋର୍ ଦିଆଯାଇଥିଲା। ଅଙ୍ଗପଡ଼ା ପାହାଡ଼ରେ ନିଆଁ ଲାଗିଥିବା ବେଳେ ସାଥୀ ପରିବାରର ସଦସ୍ୟମାନେ ନିଜେ ଆଗକୁ ଆସି ନିଆଁ ଲିଭାଇ ପରିବେଶ ପ୍ରତି ସମର୍ପଣର ଉଦାହରଣ ସୃଷ୍ଟି କରିଥିଲେ। ଏଥିସହ ସଦସ୍ୟମାନେ ଚାଷୀମାନଙ୍କୁ ଜୈବିକ କୃଷି ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦେଇ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ବିଷୟରେ ଜଣାଇଥିଲେ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଚାରାରୋପଣ ବୃଦ୍ଧି ଓ ବାୟୁ, ଜଳ ପ୍ରଦୂଷଣ ରୋକିବାକୁ ବୁଝାଇଥିଲେ। ପରିବେଶ ସୁରକ୍ଷା ସମ୍ପର୍କିତ ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି।



୫ ଦିନିଆ ସଚେତନତା ସାଇକେଲ ଯାତ୍ରା ଶେଷ କରି ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଥିବା ସାଥୀ ପରିବାରର ସଦସ୍ୟମାନେ।

ଏହି ସଚେତନତା କାର୍ଯ୍ୟକ୍ରମରେ ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ସଭାପତି ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ ପ୍ରଧାନ, ସଦସ୍ୟ ସଭାପତି ସିଦ୍ଧାର୍ଥ ପ୍ରଧାନ, ପିଣ୍ଟୁ ବେହେରା, ସୌମ୍ୟରଞ୍ଜନ ଥନ୍ଧ, ଗୁରୁଦେବ ସାହୁ, ବିଜୟ କୁମାର ଜେନା, ପପୁନ ସାହୁ, ଯୁବ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବିନୋଦ ମାଝୀ ଓ ଦିବ୍ୟରଞ୍ଜନ ସାହୁ, ସୁମନ୍ତ ସାହୁ, ସେକେଣ୍ଡ ଯୁଥ୍ ଲାଇଟ ଆସୋସିଏଶନର ଶିପୁନ ସାହୁ, ସୁନୀଲ ଦଳବେହେରା ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାରର ଅନୁଗୋଳ ଜିଲା ସଦସ୍ୟମାନେ ଉପସ୍ଥିତ ଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସାମାଜିକ କର୍ମୀ ପର୍ଶୁରାମ ଦାସ ସ୍ୱାଗତଯୋଗ୍ୟ ବୋଲି କହିବା ସହ ବାୟୁ ଓ ଜଳ ପ୍ରଦୂଷଣ ରୋକିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର ଉପସ୍ଥିତ ଥିଲେ।

# ଇଣ୍ଡିଆନ ଆଇଡଲ୍ -୧୬ ଫାଇନାଲରେ ନୀଳଗିରି ଝିଅ ଜ୍ୟୋତିର୍ମୟୀ

**ନୀଳଗିରି, ୯।୨ (ପ୍ରଶାନ୍ତ ବିଶ୍ୱାଳ)**


କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ।

ସୋନି ଟିଭି ରିଆଲିଟି ଶୋ 'ଇଣ୍ଡିଆନ ଆଇଡଲ୍ -୧୬'ର ଫାଇନାଲ ରାଉଣ୍ଡରେ ପହଞ୍ଚିଛନ୍ତି ନୀଳଗିରି ମାଟିର ସୁନାଝିଅ ଜ୍ୟୋତିର୍ମୟୀ ନାୟକ। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ଚକ୍ରଧର ନାୟକ ଓ ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚିରଖିଥିଲେ। ଜ୍ୟୋତିର୍ମୟୀ ଓଡ଼ିଆରେ ୧ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇଥିବା ବେଳେ କର୍କଟ ରୋଗରେ ପୀଡିତ ରୋଗୀଙ୍କ ପାଇଁ ମ୍ୟୁଜିକ ଥେରାପି ମାଧ୍ୟମରେ ଗୀତ ଗାଇ ଆନନ୍ଦପ୍ରଦାନ କରିଥାନ୍ତି। ଚଳିତ ଇଣ୍ଡିଆନ ଆଇଡଲ୍ -୧୬ରେ ଲଗାତାର ପ୍ରଭାବଶାଳୀ ପ୍ରଦର୍ଶନ କରି ବିଚାରକଙ୍କ ପ୍ରଥମପସନ୍ଦ ହୋଇପାରିଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅନୁରକ୍ତ ଜ୍ୟୋତିର୍ମୟୀ ଅନ୍ୟ ପ୍ରତିଯୋଗୀ କଣ୍ଠଶିଳ୍ପୀଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନ କରି ସର୍ବାଗ୍ରେ ରହିଥିବା ବେଳେ ଫାଇନାଲରେ ବିଜୟମୁକୁଟ ପିନ୍ଧି ରାଜ୍ୟ, ଜିଲା ଏବଂ ଜନ୍ମମାଟି ନୀଳଗିରି ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ହଜାର ହଜାର ରାଜ୍ୟ ତଥା ନୀଳଗିରିବାସୀ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ମଙ୍ଗଳକାମନା କରି ଅଖଣ୍ଡ ଦୀପଦାନ କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

# ଲୁହାରଡ୍, କୁରାଢ଼ି ଧରି ମୋବାଇଲ ଟାୱାର ଉପରେ ଯୁବକ

**ତେନ୍ତୁଳିଖୁଣ୍ଟି, ୯।୨ (ଚିଦାନନ୍ଦ ସାହୁ)**

### ଉଦ୍ଧାର କରିବାକୁ ପୋଲିସ, ଅଗ୍ନିଶମ ବିଭାଗ ନାକେଦମ୍

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ତଗାପାଲି ଗ୍ରାମରେ ଥିବା ଏକ ମୋବାଇଲ ଟାୱାର ଉପରକୁ ସ୍ଥାନୀୟ ଯୁବକ ଭୁକ୍ତା ଯାନୀ ସୋମବାର ସକାଳ ପ୍ରାୟ ୧୦ଟାରେ ଚଢ଼ି ଯାଇଥିଲେ। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ଖାତିଗୁଡ଼ା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ସେମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଭୁକ୍ତାଙ୍କୁ ଉଦ୍ଧାର କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା ଭୁକ୍ତାଙ୍କୁ ତଳକୁ ଅଣାଯାଇ ପାରି ନ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଗତବର୍ଷ ଭୁକ୍ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ପରିବାର ଲୋକେ କହିଛନ୍ତି। ନିଜେ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରି ବିକାବିକି କରି ପରିବାର ଚଳାଉଥିଲେ। କିନ୍ତୁ ସୋମବାର ହାତରେ ଲୁହାରଡ୍, କୁରାଢ଼ି ଧରି ଗ୍ରାମରେ ଥିବା ମୋବାଇଲ ଟାୱାର ଉପରକୁ ଚଢ଼ି ଯାଇଥିଲେ। ଓହ୍ଲାଇବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସେ ଶୁଣୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖାତିଗୁଡ଼ା ପୋଲିସ ପୂଜାରୀଗୁଡ଼ା ଅଗ୍ନିଶମ ବିଭାଗ ଦିନତମାମ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଭୁକ୍ତା ପୂରା ଉପରକୁ ଚଢ଼ି ଯାଇଥିବାରୁ ଡେଇଁ ପଡ଼ିଲେ ଜୀବନ ପ୍ରତି ବିପଦ ରହିଛି। ତେଣୁ ବାଧ ହୋଇ ତଳେ ଜଗିଛୁ ବୋଲି ଥାନାଧିକାରୀ ବୀରେନ୍ଦ୍ର ବାଗ ପ୍ରକାଶ କରିଛନ୍ତି।

# ୯୪% ଅଭିଯୋଗର ସମାଧାନ ସରିଛି

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର, ୯।୨ (ସୁନିତ୍ ମିଶ୍ର)**


ଭୁବନେଶ୍ୱର ୟୁନିଟ୍ ୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ୧୬ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୟୁନିଟ୍ -୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୋହନ ଚରଣ ମାଝୀଙ୍କ ସମେତ ୫ ଜଣ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିର ୧୬ତମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡା ୯୪% ହେବ। ବାକି ଥିବା ଅଭିଯୋଗ ଗୁଡିକ ପ୍ରକ୍ରିୟା ଭିତରେ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗ ଶୁଣାଣି ତାଙ୍କ ସରକାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ଲାଗି ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ ଦିଗରେ ଯତ୍ନବାନ ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲାସ୍ତରରେ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲାପାଳ ଓ ଏସ୍‌ପିମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆରମ୍ଭରୁ ୩୨ ଜଣ ଦିବ୍ୟାଙ୍ଗଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡିତ ଭଦ୍ରକ ଜିଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ, ଯାଜପୁର ଜିଲା କାର୍ତ୍ତିକ ସିଂଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥିସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟଣାଗଡରୁ ଆସିଥିବା କିଡ୍‌ନୀ ଓ ସ୍ନାୟୁଗତ ରୋଗରେ ପୀଡ଼ିତା ତିଲୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଦେବା ଲାଗି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଘଟ ଦିନ ମଧ୍ୟାହ୍ନଭୋଜନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୨ (ସୁଚିସ୍ମିତା ସାହୁ)**

ଆସନ୍ତା ୧୨ ତାରିଖରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମକରଣ ପରିବର୍ତ୍ତନକୁ ବିରୋଧ କରିବା ସହ ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ ଆଦି କେତେକ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ। ଏହି ଧର୍ମଘଟକୁ ଓଡ଼ିଶାର ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାମାନେ ସମର୍ଥନ କରିଛନ୍ତି। ତେଣୁ ଧର୍ମଘଟ ଦିନ ବିଦ୍ୟାଳୟରେ ପାଚିକା ଓ ସହାୟିକାମାନେ ଅନୁପସ୍ଥିତ ରହିବାର ଆଶଙ୍କା ରହିଛି। ତେଣୁ କୌଣସି ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରୁ ବଞ୍ଚିତ କରାଯିବ ନାହିଁ। ଧର୍ମଘଟକୁ ଦୃଷ୍ଟିରେ ରଖି ମଧ୍ୟାହ୍ନ ଭୋଜନର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ (ପ୍ରଧାନମନ୍ତ୍ରୀ ପୋଷଣ) ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟାହ୍ନ ଭୋଜନ ପାଇଁ ଜିଲା ଶିକ୍ଷା ଅଧିକାରୀମାନେ ସ୍ଥାନୀୟସ୍ତରରେ ବିକଳ୍ପ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

10001/34/2526


ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬

'ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା'

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

କୁଷ୍ଠ ରୋଗର ଲକ୍ଷଣ




କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/25-26/0017




# ମହାପ୍ରସାଦକୁ ପୁଣି ଅବମାନନା

**ପୁରୀ, ୯।୨ (ଅଜିତ୍ କୁମାର ମହାନ୍ତି)**

ପୁଣି ମହାପ୍ରସାଦକୁ ଅବମାନନା। କେଉଁଉପାନ୍ତ ଅଞ୍ଚଳରେ ନୁହେଁ, ଖୋଦ୍ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରସାଦକୁ ଅବମାନନା କରାଯାଇଛି। କିଛି ବ୍ୟକ୍ତି ଡାଇନିଙ୍ଗ ଟେବୁଲରେ ଚପଲ ପିନ୍ଧି ବସି ମହାପ୍ରଭୁଙ୍କ ମହାପ୍ରସାଦ ସେବନର ଭିଡିଓ ଭାଇରାଲ୍ ହୋଇଛି। ଏପରି ଦୃଶ୍ୟ ଭାଇରାଲ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ସୂଚନାଥାଉକି, ପୁରୀର ଏକ ହୋଟେଲରେ ବଙ୍ଗୀୟ ଯାତ୍ରୀ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ ଘୋର ଆଘାତ ଦେଇଛି। କେବଳ ଡାଇନିଂ ଟେବୁଲ୍‌ରେ ବସି ମହାପ୍ରସାଦ ସେବନ ନୁହେଁ, ବରଂ ଚପଲ ପିନ୍ଧି ଏହାକୁ ସେବନ କରିବାକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦ କାଣିଚାଏ ପ୍ରାପ୍ତ ହେଲେ ଆତ୍ମତୃପ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମହାପ୍ରସାଦ ସେବନ ସମୟରେ ଖାଲିପାଦରେ ତଳେ ବସି ଏହାକୁ ସେବନ କରିବାର ପରମ୍ପରା ମଧ୍ୟ ରହିଛି। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିବା ଦ୍ୱାରା ଅଶେଷ ପୁଣ୍ୟ ମିଳେ। କିନ୍ତୁ ମହାପ୍ରସାଦକୁ ଏଭଳି ଅସମ୍ମାନ କରିବା ଆଦୌ ଉଚିତ ନୁହେଁ ବୋଲି ଜଗନ୍ନାଥପ୍ରେମୀ କହିଛନ୍ତି। ତେବେ ଯେଉଁ ହୋଟେଲରେ ବଙ୍ଗୀୟ ଯାତ୍ରୀ ମହାପ୍ରସାଦକୁ ଅସମ୍ମାନ କରିଛନ୍ତି ସେହି ହୋଟେଲର କର୍ମଚାରୀମାନେ ସେହି ସମୟରେ କ'ଣ କରୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ମହାପ୍ରସାଦକୁ ସମ୍ମାନ ଦେଇ କିଭଳି ସେବନ କରିବା କଥା ସେ ନେଇ ହୋଟେଲ ପକ୍ଷରୁ ଯାତ୍ରୀମାନଙ୍କୁ ସଚେତନ କରାଗଲେ ଏଭଳି ଘଟଣା ବାରମ୍ବାର ଘଟନ୍ତା ନାହିଁ ବୋଲି ସେବାୟତମାନେ ମତ ରଖିଛନ୍ତି। ଏଣୁ ସମସ୍ତ ହୋଟେଲିୟର ଏ ଦିଗରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

# ଆଇସ୍‌କ୍ରିମ୍ ଖାଇଲେ

କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ କୁମୁସର ଗାଁରେ ୯ ଫେବୃଆରୀରେ ଅନୁଷ୍ଠିତ ଏକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ ଆଇସ୍‌କ୍ରିମ ଖାଇ ୧୮ ଜଣ ପିଲା ଅସୁସ୍ଥ ହୋଇଥିବା ଘଟଣା ପଦାକୁ ଆସିଛି । ସେମାନେ ଏହାକୁ ଖାଇବାର କିଛି ସମୟ ପରେ ପାଟି ଫୁଲିଯିବା ସହ ଅସୁସ୍ଥତା ଅନୁଭବ କରିଥିଲେ । ପିଲାମାନଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଛନ୍ତି । ଗ୍ରାମବାସୀ ଆଇସ୍‌କ୍ରିମ ବିକାଳିଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ । ଅନେକ ସମୟରେ ଏହିଭଳି ଘଟଣା ଘଟୁଥିଲେ ମଧ୍ୟ ତାହାକୁ ରୋକାଯାଇପାରୁ ନାହିଁ । ବିକାଳି ଯେତେ ମାତ୍ରାରେ ଦୋଷୀ ତତୋଽଧିକ ଅପରାଧୀ ହେଉଛନ୍ତି ଖାଉଟି ବଜାରରେ ଅଜଣା ଥିବା ଆଇସ୍‌କ୍ରିମ୍ ପ୍ରସ୍ତୁତ କରୁଥିବା ସଂସ୍ଥାର ମାଲିକ । ଶୀତ ସରିବା ପରେ ଗରମ ଆରମ୍ଭ ହେବା ମାତ୍ରେ ଆଇସ୍‌କ୍ରିମ୍‌ର ଚାହିଦା ବଢ଼ିଥାଏ । ପିଲାଙ୍କ ପାଇଁ ଏହା ଆକର୍ଷଣୀୟ ହୋଇଥିବାରୁ କମ୍ ଦାମରେ ତାହାକୁ ଯୋଗାଇ ଦେବା ଲାଗି ଅନାମଧେୟ ଆଇସ୍‌କ୍ରିମ୍ ପ୍ରସ୍ତୁତକାରୀ ସଂସ୍ଥା ଲାଗି ପଡ଼ିଥାଆନ୍ତି । ଅଧିକାଂଶ କାରଖାନା କର୍ତ୍ତୃପକ୍ଷ ଅସ୍ୱାସ୍ଥ୍ୟକର ପରିବେଶରେ ଆଇସ୍‌କ୍ରିମ୍ ପ୍ରସ୍ତୁତ ବେଳେ ସିଧା ପାଇପ୍ ଜଳକୁ ବ୍ୟବହାର ସହ ତାହାକୁ ସ୍ୱାଦିଷ୍ଟ କରିବା ଲାଗି ଖାଦ୍ୟ ଅନୁପଯୋଗୀ ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଥିବା ଖବର ଶୁଣିବାକୁ ମିଳେ । ବୁଲା ବିକାଳିଙ୍କ ବାକ୍ସ ଓ ବିକିବା ସ୍ଥାନର ସ୍ୱଚ୍ଛତା ମଧ୍ୟ ପ୍ରଶ୍ନବାଚୀରେ ଥାଏ । ଫଳରେ ଅପମିଶ୍ରିତ ଆଇସ୍‌କ୍ରିମ ଖାଇବା ଦ୍ୱାରା ଛାଡ଼ାବାନ୍ତି ଯାଏ କଥା ଯାଏ । ଏହା ବିଶେଷକରି ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ଦେଖାଯାଏ । ସ୍କୁଲ ଅଞ୍ଚଳ, ଗାଁ ଭିତରେ ବୁଲି ଆଇସ୍‌କ୍ରିମ ବିକୁଥିବା ବିକାଳି ପାଖରେ ପିଲାଙ୍କ ଭିଡ଼ ଜମିଥାଏ । କେହି ତାହାର ଗୁଣବତ୍ତାକୁ ପରଖି ନ ଥାଆନ୍ତି । ସେତକ କରିବାର ସୁଯୋଗ ମଧ୍ୟ ନ ଥାଏ । ପିଲାମାନଙ୍କ ପାଟିକୁ ସୁଆଦ ଲାଗିଲେ ମାତାପିତା ଓ ଅଭିଭାବକ ଖୁସ୍ । ଏଭଳି ସ୍ଥିତିର ଫାଇଦା ନେବା ପାଇଁ ଆଇସ୍‌କ୍ରିମ କମ୍ପାନୀଗୁଡ଼ିକ ବିକାଳିଙ୍କୁ ମାଧ୍ୟମ କରିଥାଆନ୍ତି ।

କେବଳ ଆଇସ୍‌କ୍ରିମ୍ ନୁହେଁ, ଗୁପଚୁପ୍, ଦହିବରା, ଚାଟ୍‌ଠାରୁ ଆରମ୍ଭ କରି ରାସ୍ତାକଡ଼ରେ ମିଳୁଥିବା ଆଖୁରସ ଓ ତରଭୁଜ ରସ ମଧ୍ୟ ଅପମିଶ୍ରିତ ହେଉଥିବା ଘଟଣା ସମୟ ବ୍ୟବଧାନରେ ବାରମ୍ବାର ଶୁଣିବାକୁ ମିଳେ । କେବଳ ଆର୍ଥିକ ଦୁର୍ବଳ ବର୍ଗର ବ୍ୟକ୍ତିମାନେ ରାସ୍ତାକଡ଼ ଖାଦ୍ୟ ପସନ୍ଦ କରନ୍ତି ତାହା ନୁହେଁ, ଘରେ ବିଶୁଦ୍ଧ ପାନୀୟ ଜଳ ପ୍ରତି ଅତ୍ୟନ୍ତ ସତର୍କ ଥିବା ଥିଲାବାଲା ଲୋକ ମଧ୍ୟ ପାଟି ଲାଳସାରେ ଅପମିଶ୍ରିତ ଖାଦ୍ୟ ଖାଇ ଅସୁସ୍ଥ ହୋଇଥାଆନ୍ତି । ପିଲା ବା ଅନେକ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ପଡ଼ିଲେ ସ୍ୱାସ୍ଥ୍ୟ ବିଭାଗ ବିଶେଷକରି ଖାଦ୍ୟ ଯାଞ୍ଚକାରୀ ଅଧିକାରୀ ବା କର୍ମଚାରୀ ତତ୍ପର ହୋଇଉଠନ୍ତି । ତତ୍‌କ୍ଷଣାତ୍ କିଛି ବିକାଳି ବା ରାସ୍ତାକଡ଼ ଦୋକାନୀଙ୍କ ଉପରେ ଲୋକଦେଖାଣିଆ ଚଢ଼ାଉ କରି ଦାୟିତ୍ୱ ଶେଷ କରିଦେଇଥାଆନ୍ତି । ଗଣମାଧ୍ୟମ କିମ୍ବା ସଚେତନ ଲୋକଙ୍କ ଦୃଷ୍ଟିରେ କାର୍ଯ୍ୟ ପ୍ରତି ସଚ୍ଚୋଟ ଦେଖାଇ ହେଉଥିବା କିଛି ଫୁଡ୍ ଇନ୍‌ସପେକ୍ଟର ବଡ଼ ମେଳା କିମ୍ବା ଅଧିକ ଲୋକ ହାଉଯାଉ ହେଉଥିବା ଅଞ୍ଚଳରେ କାଁଭାଁ ଯାଞ୍ଚ କରି ଜରିମାନା କରିଥାଆନ୍ତି । ଅସଲ ଅସ୍ୱାଭାବିକତା ପ୍ରତିନିୟତ ହେଉଥିଲେ ମଧ୍ୟ କ୍ରମାଗତ ଯାଞ୍ଚ କରାଯାଉ ନ ଥିବାରୁ ଅନେକ ବିକାଳି ଫୁଲାଫାଙ୍କିଆ ଅପମିଶ୍ରଣ କାମରେ ଲାଗିଥାଆନ୍ତି । ବ୍ରାଣ୍ଡ୍ ନ ଥିବାରୁ ପ୍ରକୃତ ଦୋଷୀଙ୍କୁ ଧରିବା ମଧ୍ୟ କଷ୍ଟକର । ତଥାପି ବାରମ୍ବାର କାର୍ଯ୍ୟାନୁଷ୍ଠାନ ହେଉଥିଲେ ଅପମିଶ୍ରଣକାରୀଙ୍କ ଭିତରେ ଗୋଟେ ଭୟ ପଶନ୍ତା ।

କୁହାଯାଉଛି ଜନସଂଖ୍ୟାବହୁଳ ଭାରତବର୍ଷରେ ଯେଉଁ ଜାଗାରେ ଖାଦ୍ୟ ପସରାଟିଏ ମେଲାଇ ଦେଲେ ତାହା ବିକ୍ରି ହୋଇଯିବା ସହଜ । କ୍ୱଚିତ ବ୍ୟକ୍ତି ଖାଦ୍ୟକୁ ପରଖି ଭୋଜନ ବା ସେବନ କରିଥାଆନ୍ତି । ନ ହେଲେ ଅଧିକାଂଶ ଯେଉଁଠି ଦେଖିବେ ଟାଉଟାଉ କରି ଖାଇବାରେ ବ୍ୟସ୍ତ । ଘରେ ସ୍ୱାସ୍ଥ୍ୟକର ଖାଦ୍ୟ ଥିଲେ ମଧ୍ୟ ବଜାର ଖାଇବାର ମଜା ଘରେ ମିଳେ ନାହିଁ । ଅଭିଯୋଗ ମଧ୍ୟ ଆସିଥାଏ ଯେ, କେବଳ ରାସ୍ତାକଡ଼ ଦୋକାନ ବା ଠେଲାଗାଡ଼ିରେ ବିକ୍ରି ସାମଗ୍ରୀ ନୁହେଁ, କେତେକ ବଡ଼ ହୋଟେଲରେ ଫ୍ରିଜ୍‌ରେ ଦୀର୍ଘସମୟ ରଖାଯାଇଥିବା ସାମଗ୍ରୀକୁ ରନ୍ଧନ ପ୍ରକ୍ରିୟାରେ ସ୍ୱାଦିଷ୍ଟ କରାଯାଇ ଲୋକଙ୍କୁ ପରଷାଯାଇଥାଏ । ସହଜରେ ଆମେ ଫୁଡ୍ ଇନ୍‌ସପେକ୍ଟରଙ୍କୁ ଦୋଷ ଦେଇଥାଉ । କିନ୍ତୁ ଘରୁ ସଚେତନତା ଆରମ୍ଭ କରିବା କଥା, ଯାହାକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ବାରମ୍ବାର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇବା ଦରକାର । ଯଦି ତାହା ହୁଏ, ତେବେ ପିଲାମାନେ ମୂଳରୁ ସଜାଗ ହେବାର ସୁଯୋଗ ପାଇବେ ।

**ଅଭିଯୋଗ ମଧ୍ୟ ଆସିଥାଏ ଯେ, କେବଳ ରାସ୍ତାକଡ଼ ଦୋକାନ ବା ଠେଲାଗାଡ଼ିରେ ବିକ୍ରି ସାମଗ୍ରୀ ନୁହେଁ, କେତେକ ବଡ଼ ହୋଟେଲରେ ଫ୍ରିଜ୍‌ରେ ଦୀର୍ଘସମୟ ରଖାଯାଇଥିବା ସାମଗ୍ରୀକୁ ରନ୍ଧନ ପ୍ରକ୍ରିୟାରେ ସ୍ୱାଦିଷ୍ଟ କରାଯାଇ ଲୋକଙ୍କୁ ପରଷାଯାଇଥାଏ । ସହଜରେ ଆମେ ଫୁଡ୍ ଇନ୍‌ସପେକ୍ଟରଙ୍କୁ ଦୋଷ ଦେଇଥାଉ । କିନ୍ତୁ ଘରୁ ସଚେତନତା ଆରମ୍ଭ କରିବା କଥା, ଯାହାକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ବାରମ୍ବାର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇବା ଦରକାର । ଯଦି ତାହା ହୁଏ, ତେବେ ପିଲାମାନେ ମୂଳରୁ ସଜାଗ ହେବାର ସୁଯୋଗ ପାଇବେ ।**

# ଗମ୍ଭୀର ସ୍ଥିତିରେ ବାୟୁ ପ୍ରଦୂଷଣ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ଜଟିଳ, ବୈଶ୍ୱିକ ଜରୁରିକାଳୀନ ପରିସ୍ଥିତି ପାଲଟିଛି । ଭାରତ ପରିପ୍ରେକ୍ଷୀରେ ଏହା ସ୍ୱାସ୍ଥ୍ୟ ନିମନ୍ତେ ପରିବେଶୀୟ ବିପଦ ଭାବରେ ଉଭା ହୋଇଛି । ନିକଟରେ ସୁଇଜରଲାଣ୍ଡର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ ଅଂଶଗ୍ରହଣ କରି ପୂର୍ବତନ ଆଇଏମ୍ଏଫ୍ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ବ୍ୟକ୍ତ କରିଥିଲେ ଯେ ବାୟୁ ପ୍ରଦୂଷଣ ଭାରତ ପାଇଁ ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ, ଯାହା ଦେଶ ଉପରେ ଲାଗୁ ହେଉଥିବା ବୈଶ୍ୱିକ ଶୁଳ୍କକୁ ମଧ୍ୟ ଅତିକ୍ରମ କରେ । ଏହା ବାର୍ଷିକ ୧୭ ଲକ୍ଷ ମୃତ୍ୟୁ (ମୋଟ ମୃତ୍ୟୁର ୧୮%) ନିମନ୍ତେ ଦାୟୀ ଏବଂ ଭାରତକୁ ୩୩୯ ବିଲିୟନ ଡଲାର ବା ଏହାର ଜିଡିପିର ୯.୫% କ୍ଷତି ପହଞ୍ଚାଏ, ଯାହା ଜୀବନ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ନକାରାତ୍ମକ ଭାବେ ପ୍ରଭାବିତ କରେ । ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆମେରିକାର ଲାନ୍‌ସେଟ କାଉଣ୍ଟଡାଉନରେ ସଦ୍ୟତମ ୨୦୨୫ ରିପୋର୍ଟ ପ୍ରକାଶ କରିଛି ଯେ ପ୍ରଦୂଷଣ ହେଉଛି ଭାରତରେ ଏକ ଗମ୍ଭୀର ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟ । ଚିନ୍ତାଜନକ ଭାବରେ, ଭାରତରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ୨୦୨୨ରେ ୧୭ ଲକ୍ଷରୁ ଅଧିକରେ ପହଞ୍ଚିଥିଲା, ଯାହା ୨୦୧୦ ତୁଳନାରେ ୩୮% ବୃଦ୍ଧିକୁ ସୂଚିତ୍ କରେ ।

ପ୍ରତିବର୍ଷ ତମାଖୁ ସେବନ ତୁଳନାରେ ପ୍ରଦୂଷଣ ଯୋଗୁ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟୁଛି । ସୁଇଜରଲାଣ୍ଡର ଆଇକ୍ୟୁଏଆର୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪ ଅନୁଯାୟୀ, ଭାରତ ଅତ୍ୟନ୍ତ ଖରାପ ବାୟୁ ଗୁଣବତ୍ତା ଦୃଷ୍ଟିରୁ ବିଶ୍ୱରେ ୨୦୨୩ର ତୃତୀୟ ସ୍ଥାନରୁ ନିମ୍ନଗାମୀ ହୋଇ ପଞ୍ଚମ ସ୍ଥାନରେ ପହଞ୍ଚିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ମାନଦଣ୍ଡ ତୁଳନାରେ ପିଏମ୍ ୨.୫ (ପ୍ରଦୂଷଣକାରୀ ସୂକ୍ଷ୍ମ କଣିକା) ପରିମାଣ ବହୁ ଉଚ୍ଚ ସ୍ତରରେ ରହିଛି । ଭାରତରେ ୨୦୨୪ ର ବାର୍ଷିକ ହାରାହାରି ପିଏମ୍ ୨.୫ ମାତ୍ରା ପ୍ରାୟ ଘନମିଟରରେ ୫୦.୬ ମାଇକ୍ରୋଗ୍ରାମ ଥିଲା, ଯାହା ଡବ୍ଲ୍ୟୁଏଚଓ୍ ଦ୍ୱାରା ସୁପାରିସ ହୋଇଥିବା ସୀମା ୫ ମାଇକ୍ରୋଗ୍ରାମ୍‌ର ପ୍ରାୟ ଦଶ ଗୁଣରୁ ଅଧିକ । ଏପରି ବିପଦପୂର୍ଣ୍ଣ ମାତ୍ରାର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି । ବାସ୍ତବରେ ବିଶ୍ୱର ସର୍ବାଧିକ ୨୦ଟି ପ୍ରଦୂଷିତ ସହର ମଧ୍ୟରୁ ୧୩ଟି ଭାରତରେ ଅବସ୍ଥିତ ଏବଂ ଦିଲ୍ଲୀ ନିରନ୍ତର ଭାବରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହରର କୁଖ୍ୟାତି ଅର୍ଜନ କରିଛି । ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୩ ଅନୁଯାୟୀ, ବିଶ୍ୱର ୧୦୦ଟି ପ୍ରଦୂଷିତ ସହର ମଧ୍ୟରୁ ୮୩ଟି ଭାରତରେ ଅବସ୍ଥିତ । ଏସବୁ ତଥ୍ୟ ସୂଚିତ୍ କରୁଛି ଯେ ପ୍ରଦୂଷଣଜନିତ ସମସ୍ୟା କ୍ରମେ ଅଧିକ ଗମ୍ଭୀର ହୋଇ ଉଭୟ ଜନସମାଜ ଏବଂ ପରିବେଶକୁ ରୋଗାକ୍ରାନ୍ତ କରୁଛି ।



ଡବ୍ଲ୍ୟୁଏଚ୍ଓ ତଥ୍ୟ ଦର୍ଶାଉଛି ଯେ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ବିଶ୍ୱରେ ହୃଦ୍‌ରୋଗ ଏବଂ ଶ୍ୱାସକ୍ରିୟାଜନିତ ରୋଗରେ ପ୍ରାୟ ୭୦ ଲକ୍ଷ ଅକାଳ ମୃତ୍ୟୁ ହେଉଛି । ଅନ୍ତର୍ଜାତୀୟ ଅଧ୍ୟୟନ (ଯଥା, ଲାନସେଟ ପ୍ଲାନେଟାରି ହେଲ୍‌ଥ) ସୂଚିତ୍ କରେ ଯେ କୌଣସି ଭାରତୀୟ ସହର ଡବ୍ଲ୍ୟୁଏଚଓ୍‌ର ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରେ ନାହିଁ, ଅର୍ଥାତ୍ ପ୍ରାୟତଃ ସମଗ୍ର ଜନସଂଖ୍ୟା ସାରା ବର୍ଷ କଣିକା ପଦାର୍ଥର କ୍ଷତିକାରକ ସ୍ତରର ସମ୍ମୁଖୀନ ହୁଏ । ଏପରି ପ୍ରଦୂଷଣକାରୀ ପଦାର୍ଥସବୁର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ଶ୍ୱାସକ୍ରିୟା ସଂକ୍ରମଣ, ହୃଦ୍‌ରୋଗ, ମସ୍ତିଷ୍କ ଷ୍ଟ୍ରୋକ୍ ଏବଂ ମୃତ୍ୟୁ ହାର ବୃଦ୍ଧି ସହ ଜଡିତ । ନେଚର୍ ପତ୍ରିକାରେ ପ୍ରକାଶିତ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ ନିର୍ଗମନର ଗଭୀର ହ୍ରାସ ବିନା ବୃଦ୍ଧି ପାଉଥିବା କଣିକା ପ୍ରଦୂଷଣ ସ୍ୱାସ୍ଥ୍ୟ ବୋଝକୁ ଆହୁରି ଖରାପ ସ୍ତରକୁ ନେବ ଏବଂ ବିଶେଷକରି ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ଚାପ ପରିପ୍ରେକ୍ଷୀରେ ଆର୍ଥିକ ପ୍ରଗତିକୁ ବାଧାପ୍ରାପ୍ତ କରିବ । ଆମ ଦେଶରେ ଅଣ-ହାସଲକାରୀ ସହରାଞ୍ଚଳମାନ (ମୁଖ୍ୟତଃ ପିଏମ୍ ୨.୫ ଏବଂ ପିଏମ୍ ୧୦ ପରିମାଣକୁ ନେଇ) ଚିହ୍ନଟ ହୋଇଛନ୍ତି, ଯାହା ଲଗାତର ୫ ବର୍ଷ ଧରି ଜାତୀୟ ଚତୁଃପାର୍ଶ୍ୱ (ଆମ୍ବିଏଣ୍ଟ) ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ ୧୩୧ଟି ଏପରି ସହର ଚିହ୍ନଟ କରିଛି । ଓଡ଼ିଶାର ୭ଟି ସହର- ଭୁବନେଶ୍ୱର, କଟକ, ବାଲେଶ୍ୱର, କଳିଙ୍ଗନଗର, ତାଳଚେର, ଅନୁଗୋଳ ଏବଂ ରାଉରକେଲା ଏହି ସୂଚୀରେ ଅନ୍ତର୍ଭୁକ୍ତ । ଚଳିତ ଶୀତଋତୁରେ ଏସବୁ ସହରର ବାୟୁ ଗୁଣବତ୍ତା ସୂଚକ୍ (ଏକ୍ୟୁଆଇ) ୩୦୦-୪୦୦ (ଅତି ନିମ୍ନମାନର) ସ୍ତରରେ ରହିଥିବା ବେଳେ ରାଜଧାନୀ ଦିଲ୍ଲୀର ପ୍ରଦୂଷଣ ସ୍ତରକୁ ମଧ୍ୟ ଅତିକ୍ରମ କରିଛି ।

କ୍ରମାଗତ ଯାନବାହନ ସଂଖ୍ୟା ବୃଦ୍ଧି ପାଇବା, ଡିଜେଲ ଯାନର ଅତ୍ୟଧିକ ବ୍ୟବହାର ସହିତ ଟ୍ରାଫିକ୍ ଭିଡ଼ ଏବଂ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ପୁରୁଣା ଯାନସବୁର ଚଳାଚଳ ହେଉଛି ଏକ ମୁଖ୍ୟ ସମସ୍ୟା । କେବଳ ଭୁବନେଶ୍ୱରରେ ୨୦୨୪-୨୦୨୫ ସୁଦ୍ଧା ମୋଟ ୧୪ ଲକ୍ଷରୁ ଅଧିକ ପଞ୍ଜୀକୃତ ଯାନବାହନ ରେକର୍ଡ ହୋଇଛି ଏବଂ ପ୍ରତି ମାସ ନୂତନ ଭାବେ ୧୨,୦୦୦ ଗାଡ଼ିର ପଞ୍ଜୀକରଣ ହେଉଛି । କଳକାରଖାନା, ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ତୈଳ ବିଶୋଧନାଗାର, ଇଟାଭାଟି ଇତ୍ୟାଦି ବହୁଳ ଭାବେ ପ୍ରଦୂଷଣ ସୃଷ୍ଟି କରନ୍ତି । କୋଇଲା ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ହେଉଛନ୍ତି ସଲଫର୍ ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, ଅଙ୍ଗାରକାମ୍ଳ, କଣିକା ପଦାର୍ଥ ପ୍ରଭୃତିର ପ୍ରମୁଖ ଉତ୍ସ । ଦେଶର ଅନେକ ଶିଳ୍ପ ଏବେ ମଧ୍ୟ ପୁରୁଣା, ପ୍ରଦୂଷଣକାରୀ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି । ବଡ଼ ବଡ଼ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା, ବିକାଶ କାର୍ଯ୍ୟରେ ରାସ୍ତା ଖୋଳାଯିବା, ବାଲି, ଗୋଡ଼ି, ମାଟି ପରି ନିର୍ମାଣ ସାମଗ୍ରୀ ଖୋଲା ପଡ଼ିରହିବା ଏବଂ ଏହା ଉପରେ ନିରନ୍ତର ଗାଡ଼ି ଚଳାଚଳ କରିବା ଦ୍ୱାରା ଧୂଳିକଣା ସୃଷ୍ଟି ହୁଏ । ପୌରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକର ଖୋଲା ନିଷ୍କାସନ ଏବଂ ପୋଡ଼ାଯିବା ଦ୍ୱାରା ଡାଇଅକ୍ସିନ ଏବଂ ଫ୍ୟୁରାନ ଭଳି ବିଷାକ୍ତ ଗ୍ୟାସ ନିର୍ଗତ ହୁଏ । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବସ୍ତିରେ ସାଧାରଣତଃ ରୋଷେଇ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ କାଠ, କୋଇଲା, ଗୋବର ଏବଂ କିରୋସିନ ଜାଳିବାରୁ ପ୍ରଦୂଷଣ ସୃଷ୍ଟି ହୁଏ । କୃଷି କ୍ଷେତ୍ରରେ ରାସାୟନିକ ସାର ଏବଂ କୀଟନାଶକ ବ୍ୟବହାରରୁ ଆମୋନିଆ ପରି କ୍ଷତିକାରକ ପଦାର୍ଥ ଏବଂ ଫସଲ ଅମଳ ପରେ, ବିଶେଷକରି ପଞ୍ଜାବ, ହରିୟାଣା ଏବଂ ଉତ୍ତର ପ୍ରଦେଶରେ ନଡ଼ା ପୋଡ଼ାରୁ କଣିକା ପଦାର୍ଥ ନିର୍ଗତ ହୋଇ ପ୍ରଦୂଷଣରେ ବୃଦ୍ଧି ଘଟାଏ । ଶୀତ ଋତୁରେ ନିମ୍ନ ତାପମାତ୍ରା ଓ ବାୟୁ ପ୍ରବାହ ନ ଥିବା କାରଣରୁ ଏସବୁ ବାୟୁମଣ୍ଡଳର ନିମ୍ନ ସ୍ତରରେ ଜମିରହି ପ୍ରଦୂଷଣରେ ବୃଦ୍ଧି ଘଟାନ୍ତି । ଦ୍ରୁତ ସହରୀକରଣ ଏବଂ ଜନସଂଖ୍ୟା ବୃଦ୍ଧି ଏସବୁ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରୁଛି ।

ଜୀବାଶ୍ମ ଇନ୍ଧନ ବ୍ୟବହାରରେ ହ୍ରାସ ଘଟାଇ, ସ୍ୱଚ୍ଛ ଶକ୍ତି ଉତ୍ସକୁ ପ୍ରାଧାନ୍ୟ ଦେଇ, ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରି ବାୟୁ ପ୍ରଦୂଷଣକୁ ରୋକାଯାଇ ପାରିବ । ଅନ୍ୟ ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ସାର୍ବଜନୀନ ପରିବହନକୁ ପ୍ରାଧାନ୍ୟ; କାର୍‌ପୁଲିଂ, ସାଇକେଲର ବ୍ୟବହାର ଏବଂ ଚାଲିବାକୁ ଗୁରୁତ୍ୱ, ବିଦ୍ୟୁତ୍ ସଂରକ୍ଷଣ, ଖୋଲାରେ ଅଳିଆ ଜାଳିବାକୁ ଏଡ଼ାଇବା ଏବଂ ବାୟୁ ବିଶୁଦ୍ଧକରଣ ନିମନ୍ତେ ସବୁଜିମାର ବ୍ୟାପକ ବୃଦ୍ଧି ଅନ୍ତର୍ଭୁକ୍ତ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବ ନିର୍ଦ୍ଦେଶାନୁଯାୟୀ ପ୍ରତ୍ୟେକ ସହରାଞ୍ଚଳ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଏଥିରେ ନାଗରିକଙ୍କର ସମ୍ପୃକ୍ତି ଦ୍ୱାରା ଏକ ସୁରକ୍ଷିତ ପରିବେଶରେ ଜୀବନଯାପନ ସମ୍ଭବପର ହେବ । ଏଥିନିମନ୍ତେ ଶିଳ୍ପ ଓ କର୍ପୋରେଟ କ୍ଷେତ୍ରର ସହଭାଗିତା ଏକାନ୍ତ କାମ୍ୟ ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

## ଏଇ ଭାରତରେ

ନିଷ୍ଠା ଓ ପ୍ରତିବଦ୍ଧତା ସଫଳତା ଆଣେ, ଯାହା ପ୍ରମାଣ କରିପାରିଛନ୍ତି ଉତ୍ତରାଖଣ୍ଡର ସୁଶାନ୍ତ ୟୁନିଆଲ ଏବଂ ତାଙ୍କ ଭାଇ । ଦୁଇ ଭାଇ ସବୁଠୁ ବଡ଼ ଛତୁ ଉତ୍ପାଦନ ଫାର୍ମ କରିବା ସହ ବର୍ଷକୁ ୨୫ ଲକ୍ଷ ଟଙ୍କା କାରବାର କରୁଛନ୍ତି । ଦିନକୁ ଏହି ଫାର୍ମରୁ ୧୦୦ କେ.ଜି. ଛତୁ ଉତ୍ପାଦନ ହେଉଛି । ବିଶେଷକରି ଓୟେଷ୍ଟର କିସମର ଛତୁ ଚାଷ କରାଯାଉଛି । ସୁଶାନ୍ତ ଗଣମାଧ୍ୟମର ଛାତ୍ର ଥିବା ସମୟରେ ଛତୁ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ । ପରେ ସେ ଏକ ଘରୋଇ କମ୍ପାନୀରେ ଚାକିରି କରି ୨୦୧୭ରେ ତାହାକୁ ଛାଡ଼ି ଘରକୁ ଫେରି ଆସି ଛତୁ ଚାଷ ଆରମ୍ଭ କରିଥିଲେ । ତାଙ୍କ ଭାଇ ମଧ୍ୟ ସହଯୋଗ କରିବାକୁ ଆଗକୁ ଆସିଥିଲେ ଏବଂ ୨୦୧୯ରେ ଦୁହେଁ ଗଡ଼ୱାଲରେ ଛତୁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ପ୍ରଥମେ ସେମାନେ ୧ରୁ ୨କେଜି ଛତୁ ଉତ୍ପାଦନ କରୁଥିବାବେଳେ ଏବେ ତାହା ଦୈନିକ ୧୦୦ କେଜିରେ ପହଞ୍ଚି ଗଲାଣି । ପ୍ରତ୍ୟକ୍ଷ ଭାବେ ସେମାନେ ୮ ଜଣ ଲୋକଙ୍କୁ ନିଯୁକ୍ତ କରିଥିବାବେଳେ ପରୋକ୍ଷ ଭାବେ ୧୫-୨୦ ଜଣଙ୍କୁ ରୋଜଗାର ଦେଇପାରୁଛନ୍ତି । କେବଳ ଏତିକି ନୁହେଁ, ତାଙ୍କଠାରୁ ୧୦୦ରୁ ଅଧିକ ଲୋକ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ସାରିଲେଣି ।

# ଡିଜିଟାଲ ଗଣମାଧ୍ୟମ ଓ ଶିଶୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ନିକଟରେ ବିଶ୍ୱର ପ୍ରଥମ ଦେଶ ରୂପେ ଅଷ୍ଟ୍ରେଲିଆ ଆଇନ କରିଛି ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ୧୦ ବଡ଼ ବଡ଼ ଡିଜିଟାଲ ଗଣମାଧ୍ୟମକୁ ନିଷିଦ୍ଧ କରିବାକୁ । ସେଗୁଡ଼ିକରେ ଅନ୍ତର୍ଭୁକ୍ତ ହେଲେ ଟିକ୍‌ଟିକ୍, ଏକ୍ସ, ୟୁଟ୍ୟୁବ୍, ରେଡ୍‌ଡିଟ୍, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, କିକ୍ ଏବଂ ଟୁଇଚ୍ ଇତ୍ୟାଦି । ଏହାକୁ ପରିବେଷଣ କରୁଥିବା ସଂସ୍ଥାଗୁଡ଼ିକ ତାହା ଯଥାଶୀଘ୍ର ପାଳନ ନ କଲେ ସେମାନଙ୍କ ଉପରେ ୪୯.୫ ନିୟୁତ ଅଷ୍ଟ୍ରେଲୀୟ ଡିଲାର ଜରିମାନା ଲାଗୁହେବ ବୋଲି ସେଥିରେ ସୂଚନା ପ୍ରଦାନ କରାଯାଇଛି । କେତେକ ମହଲରେ ସମାଲୋଚନା କରାଗଲେ ବି ବହୁ ମାତାପିତା, ଶିକ୍ଷକ ଏବଂ ଶିଶୁ ସ୍ୱାସ୍ଥ୍ୟ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି । ସେମାନଙ୍କ ମତରେ ଏହା ଶିଶୁଙ୍କ ମାନସିକ ତଥା ଦୈହିକ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପାଇଁ ଏକାନ୍ତ ଜରୁରୀ । ଡେନ୍‌ମାର୍କ, ମାଲେସିଆ, ଆମେରିକାର କେତେକ ରାଜ୍ୟ ଖୁବ୍‌ଶୀଘ୍ର ଏଭଳି ପଦକ୍ଷେପ ନେବେ ବୋଲି ଘୋଷଣା କରିସାରିଲେଣି ।

ଅଷ୍ଟ୍ରେଲିଆର ଏହି ଆଇନ ପ୍ରଣୟନ ମୂଳରେ ରହିଛି ସେଠାରେ ଅନୁଷ୍ଠିତ ଏକ ସର୍ବେକ୍ଷଣ । ତହିଁରୁ ଜଣାପଡ଼ିଛି ଯେ ସେ ଦେଶର ପ୍ରତି ୧୦ ଜଣରୁ ୭ ଜଣ ୧୦ ବର୍ଷରୁ ୧୫ ବର୍ଷ ବୟସ୍କ ପିଲାମାନେ ଡିଜିଟାଲ ଗଣମାଧ୍ୟମର ପରିବେଷିତ ଅନେକ ବିଷୟବସ୍ତୁର ନକାରାତ୍ମକ ପ୍ରଭାବରେ ଗଭୀର ଭାବେ ପ୍ରଭାବିତ । ଅତଏବ ତାଙ୍କଠାରେ ପ୍ରକାଶ ପାଉଛି ନାନାଦି ନକାରାତ୍ମକ ଚିନ୍ତାଧାରା, କ୍ଷୁଧାହୀନତା, ଅନିଦ୍ରା, ମାନସିକ ଚାପ ତଥା ଆତ୍ମହତ୍ୟା ପ୍ରବଣତା ଇତ୍ୟାଦି ।

ଜାଗତିକ ସ୍ତରରେ ଅନୁଷ୍ଠିତ ଆକଳନ ଅନୁସାରେ ପ୍ରାୟ ୮/୧୦ ବର୍ଷ ବୟସରୁ ଶିଶୁମାନେ ସ୍ମାର୍ଟଫୋନ୍ ବ୍ୟବହାରକରି ବିବିଧ ଡିଜିଟାଲ ଗଣମାଧ୍ୟମ ପ୍ରତି ଆକୃଷ୍ଟ ହେବାକୁ ଆରମ୍ଭ କରୁଥିବାର ଦେଖାଯାଉଛି । ଏ ପ୍ରବୃତ୍ତି ତାଙ୍କଠାରେ ରହିଯାଉଛି ଜୀବନବ୍ୟାପୀ । ତାହା ସେମାନଙ୍କ ସ୍ମୃତିଶକ୍ତି ତଥା ସୃଜନଶୀଳଯୁକ୍ତ ଚିନ୍ତାଶକ୍ତିକୁ ପ୍ରତିହତ କରୁଛି ବୋଲି ଜଣାପଡ଼ିଛି ସିଙ୍ଗାପୁର ମ୍ୟାନେଜମେଣ୍ଟ ୟୁନିଭର୍ସିଟିର ଏକ ଅଧ୍ୟୟନରୁ । ଏଥି ଅନୁଯାୟୀ ଯେଉଁଦିନ ସେମାନେ ଅଧିକ ସମୟ ଧରି ସ୍ମାର୍ଟଫୋନ୍ ତଥା ଡିଜିଟାଲ ସାମାଜିକ ଗଣମାଧ୍ୟମ ସହ ବ୍ୟସ୍ତ ରହନ୍ତି ସେଦିନ ସେମାନଙ୍କ ମନର ଅବସ୍ଥା ଏତେ ଅସ୍ଥିର ରହେ ଯେ ସେମାନେ ନିଜ ଲୋକଙ୍କ ନାଁ ମଧ୍ୟ ଭୁଲିଯାଆନ୍ତି ଏବଂ ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ହୋଇପଡ଼ନ୍ତି ।

ଅନ୍ୟପକ୍ଷରେ ଆମେରିକାର ପ୍ରତି ୧୦ ଜଣରେ ୮ ଜଣ ଲୋକ ମୁଣ୍ଡ ତଳେ ସ୍ମାର୍ଟଫୋନ୍ ରଖି ଶୁଅନ୍ତି । ରାତିକ ମଧ୍ୟରେ ସେମାନେ ତାହା ୪/୫ ଥର ଦେଖନ୍ତି ବୋଲି ଜଣାପଡ଼ିଛି । ସେଠାରେ ଡାଟା ବିଶ୍ଳେଷଣକାରୀ ସଂସ୍ଥା ୟୁ ଗଭ୍‌ର ସର୍ବେକ୍ଷଣରୁ । ଆମ ଦେଶରେ ମଧ୍ୟ ବହୁ ଲୋକ ଏପରି କରନ୍ତି । ଫଳରେ ମାନସିକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୁଏ । ଶିଶୁମାନଙ୍କ କ୍ଷେତ୍ରରେ ଏହା ସର୍ବାଧିକ ।

ଚେନ୍ନାଇସ୍ଥିତ ଶ୍ରୀରାମଚନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏବଂ ରେନ୍‌ବୋ ଚିଲ୍‌ଡ୍ରେନ୍ସ ହସ୍ପିଟାଲର ଏକ ମିଳିତ ଅଧ୍ୟନୟ ଅନୁସାରେ ଆମ ଦେଶର ପ୍ରାୟ ୩୯.୬ ଶତାଂଶ ଶିଶୁ କୌଣସି ନା କୌଣସି ପ୍ରକାର ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସେମାନଙ୍କ ମଧ୍ୟରୁ ପ୍ରତି ୫ଜଣରେ ୨ ଜଣଙ୍କ କ୍ଷେତ୍ରରେ ଏହାର କାରଣ ହେଲା ସ୍ମାର୍ଟଫୋନ୍ ବ୍ୟବହାର କରି ଡିଜିଟାଲ ଗଣମାଧ୍ୟମରେ ପ୍ରସାରିତ କାର୍ଯ୍ୟକ୍ରମମାନ ଦେଖିବା । ଏହା ତାଙ୍କଠାରେ ହର୍‌ମୋହନ ଅସନ୍ତୁଳନ, ଶରୀରର ଅଭିବୃଦ୍ଧି ବାଧାପ୍ରାପ୍ତ ହେବା, ଶିକ୍ଷା ପ୍ରତି ଧ୍ୟାନ ନ ଦେବା ଏବଂ ସ୍ମୃତିଶକ୍ତି ହ୍ରାସପାଇବା ଆଦିର କାରଣ ହୋଇପାରେ । ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସେମାନଙ୍କ ଲାଗି ଅତିବେଶିରେ ଦିନକୁ ୧ ଘଣ୍ଟାରୁ ଅଧିକ ତାହା ନ ଦେଖିବା ଲାଗି ନିର୍ଦ୍ଦେଶ ଦେଇଛି । ପୁନଶ୍ଚ ସେମାନେ ଦେଖୁଥିବା କାର୍ଯ୍ୟକ୍ରମଗୁଡ଼ିକ ସକାରାତ୍ମକ ହେବା ଉଚିତ ବୋଲି ସେଥିରେ ସୂଚିତ କରାଯାଇଛି ।



ବିବିଧ ଡିଜିଟାଲ ଗଣମାଧ୍ୟମ ସହ ଅତ୍ୟନ୍ତ ସମ୍ପୃକ୍ତ ହୋଇପଡ଼ିଥିବା ଲୋକେ ଦିନକୁ ହାରାହାରି ୧୧୦ଥର ପର୍ଯ୍ୟନ୍ତ ସ୍ମାର୍ଟଫୋନ୍ ବ୍ୟବହାର କରିଥାଆନ୍ତି ଏବଂ ସେମାନଙ୍କ ମାନସିକ ବ୍ୟବସ୍ଥା ଉପରେ ଏହାର ସୁଦୂରପ୍ରସାରୀ କୁପ୍ରଭାବ ଥିବାର ମତ ଦିଅନ୍ତି ନଟିଂହାମ୍ ଟ୍ରେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକଗଣ । ଅନ୍ୟପକ୍ଷରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ମନସ୍ତତ୍ତ୍ୱବିତ୍ ପ୍ରଫେସର ଅନ୍ନା ଲେମ୍ବକେଙ୍କ ମତରେ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ ଗଣମାଧ୍ୟମ ମସ୍ତିଷ୍କରେ ନିଶାକାରୀ ଔଷଧ ଏବଂ ମଦ ଭଳି ଖୁସି ଅନୁଭୂତି ପ୍ରଦାନକାରୀ ପରିପଥକୁ ସକ୍ରିୟକରେ । ଅତଏବ ଏହା ସେଗୁଡିକ ପରି ଅଭ୍ୟାସକାରୀ । ସେଥିପାଇଁ ଏଥିରୁ ମୁକ୍ତହେବାକୁ ଚାହିଁଲେ ଅନୁରୂପ ‘ ପ୍ରତ୍ୟାହୃତ ପ୍ରତିକ୍ରିୟା’ ପ୍ରକଟିତ ହୁଏ ।

ଶିଶୁମାନେ ଏହାଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହୁଅନ୍ତି । ଥରେ ଅଭ୍ୟାସଗତ ହୋଇଗଲେ ତାହା ତାଙ୍କର ନିଶାରେ ପରିଣତ ହୋଇଯାଏ । ବିବିଧ ଡିଜିଟାଲ ଗଣମାଧ୍ୟମରେ ପ୍ରସାରିତ କାହାଣୀ ବା ଖେଳମାନ ତାଙ୍କ ମନକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସିବାକୁ ଲାଗେ । ଏଣୁ ସେମାନଙ୍କର ସ୍ୱାଧୀନ ତଥା ସକାରାତ୍ମକ ଚିନ୍ତା କରିବାର ଅବକାଶ ରହେନାହିଁ ।

ଅଷ୍ଟ୍ରେଲିଆ ଦ୍ୱାରା ଶିଶୁଙ୍କ ପାଇଁ ନିଷିଦ୍ଧ ୧୦ଟିକୁ ଛାଡ଼ିଦେଲେ ଆହୁରି ଅନେକ ଡିଜିଟାଲ ଗଣମାଧ୍ୟମ ରହିଛି । ସେଗୁଡିକର ଅନ୍ତର୍ଭୁକ୍ତ ହେଲା ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍‌କିଡ୍‌ସ୍, ମେସେଞ୍ଜର ଇତ୍ୟାଦି । ଏମାନଙ୍କ ଉପରେ ସେପରି କଟକଣା ନ ଲାଗିବାର କାରଣ ହେଲା ସେ ଦେଶର ଇ-ସେଫ୍‌ଟି କମିଶନଙ୍କ ମତରେ ତାହା ମୁଖ୍ୟତଃ ସମ୍ବାଦ ଓ ଖେଳ ପରିବେଷଣ ପାଇଁ ଉଦ୍ଦିଷ୍ଟ । ତଥାପି ଏଗୁଡିକର କାର୍ଯ୍ୟକ୍ରମ ମଧ୍ୟ ସମୟକୁ ସମୟ ମୂଲ୍ୟାୟନ କରାଯିବ ।

ତେବେ ପ୍ରଶ୍ନ ଉଠୁଛି, ଶିଶୁମାନଙ୍କ ପାଇଁ ନିଷେଧ ହୋଇଥିବା ଏହି ଡିଜିଟାଲ ଗଣମାଧ୍ୟମ ବ୍ୟବହାରକାରୀଙ୍କ ବୟସ ଜାଣିବେ କିପରି ? କମ୍ପାନୀଗୁଡ଼ିକ ଏଥିପାଇଁ ବୟସ ପରିମାପକ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇପାରିବେ ବୋଲି ମନେକରାଯାଏ । ପୁନଶ୍ଚ ଏଥିପାଇଁ ବ୍ୟବହାରକାରୀଙ୍କୁ ତାଙ୍କ ବୟସର ପ୍ରମାଣ ମଧ୍ୟ ଦେବାକୁ ପଡ଼ିବ । ଶେଷରେ ଏକଥା ମଧ୍ୟ କୁହାଯାଇପାରେ ଯେ ଅଷ୍ଟ୍ରେଲିଆକୁ ଅନୁସରଣକରି ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସେହିଭଳି ପଦକ୍ଷେପ ନେଲେ ଡିଜିଟାଲ ଗଣମାଧ୍ୟମଗୁଡିକ ନକାରାତ୍ମକ କାର୍ଯ୍ୟକ୍ରମ ପ୍ରସାରକରିବା ଲାଗି ନିରୁତ୍ସାହିତ ହେବେ ।

**ମୋ: ୯୯୩୭୭୩୦୧୪୬୦**

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ଫେବୃଆରୀ ୧୯୭୭**

- ଜମ୍ମୁଠାରେ ହିନ୍ଦୁସ୍ଥାନ ଲିଭର ଲିମିଟେଡ ପକ୍ଷରୁ ୨ କୋଟି ଟଙ୍କା ଖର୍ଚ୍ଚରେ ଏକ କୃତ୍ରିମ ବିଶୋଧକ କାରଖାନା ସ୍ଥାପନ କରାଯାଇଛି ।
- ଦିଲ୍ଲୀର ଜନୈକ ବିଶିଷ୍ଟ ଜନନେତା କିଶୋରଲାଲ କଂଗ୍ରେସ ଦଳ ଛାଡ଼ି ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି ।

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏସ୍ଆଇଆର୍ ଓ ବିରୋଧୀ ଦଳ

ମହାଶୟ,

କଂଗ୍ରେସ, ତୃଣମୂଳ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ଏବଂ ଦ୍ରାବିଡ଼ ମୁନେତ୍ର କାଝାଗମ୍ (ଡିମ୍‌କେ) ଭଳି ରାଜନୈତିକ ଦଳର ନେତାମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ତୀବ୍ର ବିରୋଧ କରୁଛନ୍ତି । ଏହି ଦଳଗୁଡିକ ପୂର୍ବରୁ ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ତୀବ୍ର ବିରୋଧ କରିଥିଲେ । କିନ୍ତୁ ସୁପ୍ରିମକୋର୍ଟରେ କୌଣସି ଆଶ୍ୱସ୍ତି ପାଇ ନ ଥିଲେ । ଦୁର୍ଭାଗ୍ୟ କଥା ଯେ, ଦେଶର ସବୁଠାରୁ ପୁରୁଣା ଦଳର କିଛି ମୁଖପାତ୍ର ଏସ୍ଆଇଆର୍‌ର ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥା ବିଷୟରେ ଅଜ୍ଞ । ନିର୍ବାଚନ କମିଶନକୁ ସମ୍ବିଧାନ ଏବଂ ସଂସଦ ଦ୍ୱାରା ନିର୍ଦ୍ଦେଶିତ ଏହାର କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । କୌଣସି ଧମକ କିମ୍ବା ଅଭିଯୋଗ ଦ୍ୱାରା ଭୟଭୀତ ହେବା ଉଚିତ ନୁହେଁ ।

**-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | | 2 | | |
| 3 | 7 | | | | | | | |
| 5 | | | | 3 | | 8 | | 9 |
| | | | | 7 | | | 9 | 3 |
| | | | 3 | 1 | | | 5 | 2 |
| 9 | | | | | 2 | | | 4 |
| | 1 | 5 | | 8 | | | | 6 |
| | 2 | | | 9 | 1 | 4 | 7 | |
| | 9 | 7 | | | 6 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 7 | 1 | 4 | 3 | 8 | 5 |
| 4 | 1 | 3 | 2 | 8 | 5 | 7 | 9 | 6 |
| 7 | 8 | 5 | 6 | 9 | 3 | 4 | 2 | 1 |
| 6 | 2 | 7 | 3 | 5 | 1 | 9 | 4 | 8 |
| 5 | 4 | 8 | 9 | 7 | 6 | 2 | 1 | 3 |
| 3 | 9 | 1 | 8 | 4 | 2 | 6 | 5 | 7 |
| 1 | 7 | 6 | 4 | 2 | 8 | 5 | 3 | 9 |
| 9 | 5 | 2 | 1 | 3 | 7 | 8 | 6 | 4 |
| 8 | 3 | 4 | 5 | 6 | 9 | 1 | 7 | 2 |

ଗତକାଲିର ଉତ୍ତର

# ପେଟ୍ରୋଲ ପକାଇବା ବେଳେ ଜଳିଗଲା ବାଇକ୍

ବାସୁଦେବପୁର,୯।୨(ନାରାୟଣ ପ୍ରସାଦ ବାରିକ)



ଭଦ୍ରକ ଜିଲ୍ଲା ବାସୁଦେବପୁର- ସୁବର୍ଣ୍ଣପୁର ରାସ୍ତାର ଗୋପାଳପୁର ଦୁମିପଡ଼ିଆ ଛକରେ ସୋମବାର ମଧ୍ୟାହ୍ନରେ ରାସ୍ତାରେ ଏକ ବାଇକ୍ ଜଳିଯାଇଛି। ବାଇକ୍ ଆରୋହୀ ରାସ୍ତାକଡ଼ ଏକ ଦୋକାନରୁ ପେଟ୍ରୋଲ କିଣି ଗାଡ଼ିରେ ପକାଉଥିବା ବେଳେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ରାଧାନାଥପୁର ଅଡ଼ିଆ ଗ୍ରାମର ଯୁବରାଜ ମାଇତି ଓ ତାଙ୍କ ପୁଅ ରଣଜିତ ମାଇତି ପଲସର ବାଇକ୍ (ଓଡ଼ି୦ ୯ଏଚ ୬୭୪୦)ରେ ବାସୁଦେବପୁର ବଜାରକୁ ଆସୁଥିବା ବେଳେ ଗୋପାଳପୁର ଛକଠାରେ ଗାଡ଼ିରୁ ତେଲ ସରିଯାଇଥିଲା। ରଣଜିତ ନିକଟସ୍ଥ ଏକ ଦୋକାନରୁ ପେଟ୍ରୋଲ କିଣି ପକାଉଥିବା ସମୟରେ ହଠାତ୍ ବାଇକ୍ଟି ଜଳିବାକୁ ଆରମ୍ଭ କରିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ବାଇକ୍ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏଥିଯୋଗୁ ଉକ୍ତ ରାସ୍ତାରେ ୧ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା।


# ବ୍ରିଜ ଉପରୁ ନଦୀକୁ ଡେଇଁଲେ ଛାତ୍ରୀ

ପାରଳାଖେମୁଣ୍ଡି,୯।୨(ଗିରିଧାରୀ ପରିଛା)

ଗଜପତି ଜିଲ୍ଲା ସଦର ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀ ବ୍ରିଜ ଉପରୁ ଡେଇଁ ଜଣେ ନବମ ଶ୍ରେଣୀ ଛାତ୍ରୀ (୧୩) ସୋମବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କେଉଁ କାରଣରୁ ଛାତ୍ରୀ ନଦୀକୁ ଡେଇଁଲେ ତାହା ଜଣାପଡ଼ିନାହିଁ। ୪ଟାରେ ବିଦ୍ୟାଳୟ ଛୁଟି ହେବା ପରେ ଛାତ୍ରୀ ସାଇକେଲ ଧରି ଘରକୁ ଫେରୁଥିବାବେଳେ ବ୍ରିଜ୍ ଉପରେ ସାଇକେଲ ରଖି ଦେଇ ନଦୀ ଭିତରକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି ନ ଥିବାରୁ ସେ ତଳେ ସିମେଣ୍ଟ ଚଟାଣ ଉପରେ ପଡ଼ିଥିବା ଏକ ବସ୍ତା ଉପରେ ପଡ଼ିଥିଲେ। ସେହି ସମୟରେ ବ୍ରିଜ୍ ଉପରେ ଯାଉଥିବା ଆନ୍ଧ୍ରର ପୁଣ୍ଡୁପାତରଣା ଗ୍ରାମର କେତେ ଜଣ ଲୋକ ଦେଖି ଆଖପାଖ ଲୋକଙ୍କୁ ଜଣାଇଥିଲେ। ସେମାନେ ଓ ନିକଟରେ ଥିବା ଆନ୍ଧ୍ର ପୋଲିସ ନଦୀ ଭିତରକୁ ଯାଇ ଛାତ୍ରୀଙ୍କୁ ଉଦ୍ଧାର କରି ରାସ୍ତାକୁ ଆଣିଥିଲେ। ଏହାପରେ ପାଇଁ ବିଦ୍ୟାଳୟ ପ୍ରାପ୍ତାଶିକ୍ଷକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେ, ଆନ୍ଧ୍ରର ସମ୍ପୃକ୍ତ ପୋଲିସ କର୍ମଚାରୀ ଏବଂ ଅନ୍ୟ କେତେ ଜଣ ଲୋକ ମିଶି ଛାତ୍ରୀଙ୍କୁ ଏକ ଅଟୋ ଯୋଗେ ପାରଳାଖେମୁଣ୍ଡି ଡାକ୍ତରଖାନାକୁ ନେଇଥିଲେ। ଛାତ୍ରୀଙ୍କ ଦୁଇଗୋଡ଼ଭାଙ୍ଗିଯାଇଛି। ଏବେ ସେ ଚିକିତ୍ସାଧୀନ ଅଛନ୍ତି। ପାରଳାଖେମୁଣ୍ଡି ସହରରେ ରହୁଥିବା ତାଙ୍କ ମା'ବାପା ଛାତ୍ରୀଙ୍କ ପାଖରେ ଅଛନ୍ତି। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

# 'କୃମିମୁକ୍ତ ଶିଶୁ, ଉଜ୍ଜ୍ୱଳ ଭବିଷ୍ୟତ'

## ଆଜି ଜାତୀୟ କୃମି ନାଶକ ଦିବସ



ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଦେଶର ଭବିଷ୍ୟତ ପିଢ଼ିଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଛୋଟପିଲାଙ୍କଠାରେ କୃମି ହେବା ଏକ ସାଧାରଣ କଥା। ମାତ୍ର ସମୟ ସହିତ ଏହାର ନିରାକରଣ କରା ନ ଗଲେ ଭବିଷ୍ୟତରେ ଏହା ସେମାନଙ୍କ ପାଇଁ ବିପଦ ସାଜିଥାଏ। କୃମି ହେଲେ ପିଲାମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଯେପରିକି ଭୋକ ନ ଲାଗିବା, ବାନ୍ତି ହେବା, ଦୁର୍ବଳ ହେବା ଆଦି ଲକ୍ଷଣ ଦେଖା ଯାଇଥାଏ। ଫଳରେ ପିଲାମାନେ କୁପୋଷଣର ଶିକାର ହେବା ସହିତ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୧୦ରେ 'ଜାତୀୟ କୃମି ନାଶକ ଦିବସ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନଙ୍କୁ ବିଭିନ୍ନ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ କୃମି ନାଶକ ଔଷଧ 'ଆଲ୍‌ବେଣ୍ଡାଜୋଲ' ବଟିକା ନିଃଶୁଳ୍କରେ ପ୍ରଦାନ କରାଯାଉଛି। ତେବେ ଏହି ଦିବସ ଲାଗି ଚଳିତ ବର୍ଷର ଥିମ୍ ରହିଛି 'କୃମିମୁକ୍ତ ଶିଶୁ, ଉଜ୍ଜ୍ୱଳ ଭବିଷ୍ୟତ'। ୨୦୧୫ ଫେବୃଆରୀ ୧୦ରେ ପ୍ରଥମ ଥର ହରିୟାଣାର ଗୁରୁଗ୍ରାମଠାରେ ଏହି ଦିବସ ପାଳନ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୧୧ଟି ରାଜ୍ୟରେ ଲାଗୁ ହେବା ପରେ ୨୦୧୬ଠାରୁ ସମଗ୍ର ଦେଶରେ ଏହି ଦିବସ ପାଳନ କରିବା ସହିତ ପିଲାମାନଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଉଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃଆରୀ ୧୦ ଏବଂ ଅଗଷ୍ଟ ୧୦ରେ ଦୁଇଥର ପାଳନ କରାଯାଉଛି।

# ଜଳିଗଲା ବସ୍ତା କାରଖାନା



ଅଗ୍ନିକାଣ୍ଡରେ କାରଖାନା ଜଳୁଛି।

ବରଗଡ଼,୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରଡୋଲିସ୍ଥିତ ଏକ ବସ୍ତା କାରଖାନାରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଫ୍ୟାକ୍ଟ୍ରିର ବିଭିନ୍ନ ସାମଗ୍ରୀ ଜଳିଯାଇଛି। ବସ୍ତା କାରଖାନାରେ ନିଆଁ ଲାଗିବାରୁ ସାରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ଖବର ଲେଖାହେବା ଯାଏ (ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ) ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇ ପାରି ନ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କାରଖାନାରେ ଶ୍ରମିକମାନେ କାର୍ଯ୍ୟରତ ଥିବାବେଳେ ହଠାତ୍ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ ଏବଂ ସମସ୍ତେ ବାହାରକୁ ଚାଲି ଆସିଥିଲେ। ତେବେ ବସ୍ତା ତିଆରି ପାଇଁ ଉଦ୍ଦିଷ୍ଟ ତରଳ ରାସାୟନିକ ଦ୍ରବ୍ୟ ଯେଉଁଠାରେ ଥିଲା, ସେଠିଠାରୁ ଅଗ୍ନିକାଣ୍ଡ ଘଟି କାରଖାନାର ସବୁଆଡ଼େ ବ୍ୟାପିଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ନିଆଁ ଏତେ ଜୋରରେ ବ୍ୟାପିଥିଲା ଯେ, ଅତି ଅଳ୍ପ ସମୟ ମଧ୍ୟରେ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା ଏବଂ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଖବର ପାଇ ବରଗଡ଼ ଭଟଲି ଅଗ୍ନିଶମ କେନ୍ଦ୍ର ଏବଂ ସ୍ଥାନୀୟ ସିମେଣ୍ଟ କାରଖାନାରୁ ଦମକଳ ଗାଡ଼ି ପହଞ୍ଚି ଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଘଟଣାସ୍ଥଳରେ ପୋଲିସ କର୍ମଚାରୀ ମଧ୍ୟ ମୁତୟନ ରହିଥିବା ଜଣାପଡ଼ିଛି।

# ଆଇସକ୍ରିମ୍ ଖାଇ ୧୮ ପିଲା ଅସୁସ୍ଥ

ବାଙ୍କୀ,୯।୨(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ସୋମବାର ଅଷ୍ଟପ୍ରହରୀ ନାମଯଜ୍ଞ ଚାଲିଥିବାବେଳେ ଆଇସକ୍ରିମ୍ ଖାଇ ୧୮ ଜଣ ପିଲା ଅସୁସ୍ଥ ହୋଇଛନ୍ତି ଏପରି କି ଆଇସକ୍ରିମ୍ ଖାଇ କେତେଜଣ ବ୍ୟକ୍ତି ମଧ ଅସୁସ୍ଥ ଅନୁଭବ କରିଛନ୍ତି। ଅସୁସ୍ଥ ପିଲାମାନଙ୍କୁ ସଙ୍ଗେ ସଙ୍ଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଚିକିତ୍ସା କରାଯିବା ପରେ ଘରକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ପରିସ୍ଥିତି ସର୍ମ୍ଭାଳିବା ସହ ଅନୁଧ୍ୟାନ କରିବା ସହିତ ଆଇସକ୍ରିମ୍ ବିକାଳିଙ୍କୁ ଅଟକ ରଖିଛି। ଆଇସକ୍ରିମ୍ର ମାନ ଯାଞ୍ଚ ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ମିଳିଥିବା ସୂଚନାନୁସାରେ, ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଚାଲୁଥିବାବେଳେ ବଡ଼ଠାରୁ ଆରମ୍ଭ କରି ଛୋଟ ପିଲା ସମସ୍ତେ ହରଷପୁରରେ ବୁଲୁଥିଲେ। ଏହି ସମୟରେ ନିକଟରେ ବିକ୍ରି ହେଉଥିବା ଆଇସକ୍ରିମ୍ କିଣି ପିଲା ଏବଂ ବଡ଼ମାନେ ଖାଇଥିଲେ। ତେବେ ଆଇସକ୍ରିମ୍ ଖାଇବାର କିଛି ସମୟ ପରେ ୧୮ଜଣ ପିଲା ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମୁହଁ ଫୁଲାଇବା ସହ ଜିଭ ଲାଲ୍ ପଡ଼ି ପଡ଼ିରୁ ଲାଲ ବୋହିଥିଲା। ସେମାନଙ୍କୁ ତୁରନ୍ତ ବାଙ୍କୀ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଜରୁରିକାଳୀନ ଚିକିତ୍ସା ପରେ ପିଲାମାନେ ସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ପରିବାର ଲୋକଙ୍କ ସହ ଘରକୁ ପଠାଇ ଦିଆଯାଇଛି। ପିଲାମାନେ ଆଇସକ୍ରିମ୍ କଣ୍ଟାକ୍ ଆଲର୍ଜିକ(ରେଙ୍ଗ)ରେ ଆକ୍ରାନ୍ତ ହୋଇଥିଲେ ବୋଲି ଡାକ୍ତର ପର୍ଯ୍ୟାଲୋଚନ ପଣ୍ଡା କହିଛନ୍ତି। ଆଇସକ୍ରିମ୍ ପ୍ରସ୍ତୁତିରେ ବ୍ୟବହୃତ ରଙ୍ଗ ଯୋଗୁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।


**CENTRE FOR DISTANCE AND ONLINE EDUCATION UNDER**
## FAKIR MOHAN UNIVERSITY
**VYASA VIHAR, BALASORE**

Advertisement No.Estt. (T)-11-52/2026/1368 Dated: 09.02.2026

Applications are invited from Professors (Retd. Professor not above 62 years preferred) in the prescribed form (to be downloaded from the University website https://fmuniversity.nic.in for the post of Director, CDOE (Full Time Contractual).

| Price of Form |
|---|
| Rs. 1,000/- (for General Category) |
| Rs. 500/- (for Reserved Category) |

Downloaded form shall accompany with a Crossed Demand Draft drawn in favor of the "F.M.University fees fund one" of requisite price for the post of "Director", (Full Time Contractual). The Centre for Distance and Online Education (CDOE) (erstwhile DDCE) (Self-Financed) under Fakir Mohan University, Balasore. Applicants must have the minimum qualifications and experience as per relevant latest recruitment rules of UGC Guidelines for the State Universities. Complete applications in the prescribed form along with photocopies of two sets of all certificates should reach the office of the Registrar, Fakir Mohan University, Balasore, Odisha, India, 756089 latest by 13.01.2026 (Through proper channel, in case of already employed candidates). No application for the said post will be received after 17.02.2026 (5.00 PM).

No TA/DA is admissible for attending the interview. It should be noted that possession of minimum eligibility shall not confer any right to be called for interview. Incomplete applications will be rejected outright. The administrative and financial liabilities will be governed by the rules and regulations of CDOE.

Name of the post:
DIRECTOR [Full Time Contractual]. The Centre for Distance and Online Education (Self-Financed) under FAKIR MOHAN UNIVERSITY VYASA VIHAR, BALASORE.
1 Post (Unreserved) :
Consolidated Pay: Rs. 60,000/- per month.
No other allowances are admissible.
Essential Qualification:
(i) Total 15 years teaching/ academic administrator in the rank of a Professor (Retd. Professor preferred)
(ii) Preference shall be given to candidates with experience in online Teaching/ Distance Education/ SLM writings.
(iii) The appointment shall be contracted and to be extended if performance is satisfactory.

Sd/- Registrar



**OFFICE OF THE SORO MUNICIPALITY, SORO, BALASORE**
TEL. & FAX NO.221262, CODE NO.06788, e.mail:-soromunicipality@gmail.com
**EXTENSION QUOTATION CALL NOTICE**

Letter No - 428 Date: 07.02.2026

No.13001/72/2526 : It is hereby informed that the QUOTATION CALL NOTICE for Painting of wall with theme of Swachha Bharat Misson 3.0 making of tribal paint and chitra art and different cultural activity of Odisha with aesthetic theme invited vide this office QUOTATION CALL NOTICE No.281 is hereby extended as follows:

- Original Date of Submission : 07-02-2026 at 12:00 PM
- Rescheduled Date of Submission : 11-02-2026 at 12:00 PM
- Date of Opening of QUOTATION CALL NOTICE: 12-02-2026 at 04:00 PM

All other terms and conditions and Eligibility Criteria of the original QUOTATION CALL NOTICE documents remain unchanged.

OIPR-13001/13166/1/25-26/0014 Sd/- Executive Officer, Soro Municipality



## PANCHAYAT SAMITI OFFICE, BIRMAHARAJPUR
### Tender Call Notice

No.405 Date : 06.02.2026

Sealed tenders in single cover system have been invited from the intending bidders for execution of following works in respect of Birmaharajpur Block for the year 2025-26.

Last date of receipt of Bid - 23/02/2026
Date of opening of Bid-24/02/26

| Sl. No. | Name of the work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Additional Class room Kanpur PUPS | SSA/RMSA | Rs.14,80,944.00 | "C" |
| 2 | Construction of Additional Class room Kamira UPS | SSA/RMSA | Rs.14,80,944.00 | "C" |
| 3 | Construction of Multipurpose Community-cum-Culture Centre at Shardhapali of Bahalpadar GP | St & Sc Dev | Rs.20,21,163.00 | "C" & "B" |

For details visit our District website https://subarnapur.odisha.gov.in

Sd/- Block Development Officer, Birmaharajpur



## ପୂର୍ବ ତଟ ରେଳପଥ

ଟେଣ୍ଡର ନଂ: 53-KUR-TRD-OT-2025-26

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ (KUR) - ପୁରୀ, ଜଖପୁରା (JKPR) - ନରଗଡ଼ (NYG), କଟିକାଳ ରୋଡ୍(KIS)-ସାଲେଗାଁ(SQQ) ଏବଂ କିର୍ଣ୍ଣାଇ (NRG) - ରାଜଗଡ଼ (RJGR) ସେକ୍ସନରେ କବଚ ବ୍ୟବସ୍ଥା ସମେତ 06 ଗୋଟି ଟାୱାର ସ୍ଥାନରେ ନିମନ୍ତେ 10kVA ପାୱାର ଅଟୋ ଟ୍ରାନ୍ସଫର୍ମର (AT) ଯୋଗାଣ ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(₹) : 14,39,018.70, EMD (₹) : 28,800.00, ଶେଷ ହେବା ଅବଧି : 180 ଦିନ। ବିକ୍ରି ଆରମ୍ଭ ହେବା ତାରିଖ : ତା.11.02.2026 ଠାରୁ। ତା.25.02.2026 ଦିନ 1300 ଘଣ୍ଟାରେ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ଦିନ 1300 ଘଣ୍ଟା।

ଏହି ଟେଣ୍ଡର ନିମନ୍ତେ ସମସ୍ତ ଅନୁରୋଧ/ସ୍ପଷ୍ଟୀକରଣ ବିଷୟରେ ଆବେଦନ ନିମନ୍ତେ ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ଦଲିଲ ଓ ସବିଶେଷ ତଥ୍ୟ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ

PR-1097/Q/25-26



## ଦ.ପୂ. ରେଳପଥ – ଟେଣ୍ଡର

ରାଷ୍ଟ୍ରପତି, ଭାରତ ସରକାରଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ, ଖଡ଼ଗପୁର ମଣ୍ଡଳ ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ...

ଆବେଦନକାରୀମାନେ ୱେବସାଇଟ୍ https://www.ireps.gov.in ରେ ...

(PR-1160)



**SEBI** भारतीय प्रतिभूति और विनिमय बोर्ड
Securities and Exchange Board of India
ସେବି ଭବନ, ୫ମ ମହଲା, 'ବି' ୱିଙ୍ଗ, ପ୍ଲଟ୍ ନଂ. ସି-୪ଏ, 'ଜି' ବ୍ଲକ୍, ବାନ୍ଦ୍ରା - କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦ ୦୫୧, ଦୂରଭାଷ: ୦୨୨ ୨୬୪୪ ୯୫୮୬ | ଇମେଲ୍: YPP@SEBI.GOV.IN

## ସେବି ୟଙ୍ଗ ପ୍ରଫେସନାଲ ପ୍ରୋଗ୍ରାମ୍ ଅଧୀନରେ ଦରଖାସ୍ତ ଆହ୍ୱାନ

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏହାର ୟଙ୍ଗ ପ୍ରଫେସନାଲ ପ୍ରୋଗ୍ରାମ୍ (ୱାଇପିପି) ଅଧୀନରେ ସେବି ସହ ଜଡ଼ିତ ହେବା ଲାଗି ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ଉପରୋକ୍ତ ପ୍ରୋଗ୍ରାମ୍ର ସବିଶେଷ ବିବରଣୀ ସେବି ୱେବ୍‌ସାଇଟ୍: www.sebi.gov.in ରେ "କ୍ୟାରିୟର୍ସ" ସେକ୍ସନ ଅଧୀନରେ ଉପଲବ୍ଧ। ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବା ତାରିଖରୁ ୨୧ ଦିନ।

CBC 15204/11/0240/2526 ମାନବ ସମ୍ବଳ ବିଭାଗ, ସେବି



**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

### NOTICE INVITING TENDER

NIT No: OCPL/SER-223/2026 Date: 10/02/2026

Sealed bids in prescribed format are invited from Consultancy Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing Transaction Advisory Services for Selection of Mine Developer Cum Operator (MDO) for Tangardihi North Coal Block | Rs.1,180/- (Rupees One Thousand One Hundred and Eighty only) including GST. | 10/02/2026 | 02/03/2026 | 03:00 PM / 03:30 PM on 02/03/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Chief Operating Officer



## ROURKELA DEVELOPMENT AUTHORITY
**UDITNAGAR: ROURKELA-769012**
No. 119/RDA., dated : 03.02.2026

### PROCLAMATION

No.13001/52/2526 : It is hereby informed to the General public that Narayan Chandra Panda, S/o- Late Krushna Chandra Panda has applied for permission for transfer of House No.- E/39, under Chhend Housing Project, Stage-I, Chhend, Rourkela in favour of Avinash Mohanty, S/o-Late Umakanta Mohanty. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
OIPR-13001/13250/1/25-26/0042 Rourkela Development Authority



**GOVERNMENT OF ODISHA, "e"-PROCUREMENT NOTICE**
## OFFICE OF THE SUPERINTENDING ENGINEER, PURI (R&B) DIVISION, PURI
**WORKS DEPARTMENT**
**Short Tender Call Notice**
E-mail : eerbpuri@yahoo.co.in
**Bid Identification No. SE (R&B) Puri-61/2025-26**

No.34001/34/2526 : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in Double Cover / Single Cover system in ONLINE MODE from the eligible class of contractors registered with the State Government and contractors of equivalent Grade/Class registered with Central Government / Railways :

| | | |
|---|---|---|
| 1. | Nature of Work | Electrical works |
| 2. | No. of Work | 9 Nos. |
| 3. | Tender Cost | Rs.6000.00 (On-Line) |
| 4. | Class of bidders | Specialized agency having MOU with Electrical contractor having valid license issued from ELBO (MV/HT Class) |
| 5. | Available of Bid document in the Website | From 10.00 A.M. of Dt.09.02.2026 to 05.00 P.M. of Dt.16.02.2026 |
| 6. | Last Date of receipt of tender | Dt.16.02.2026 up to 05.00 P.M. |
| 7. | Date of opening of Bid | Dt.17.02.2026 at 11.00 A.M. |
| 8. | The Bidders have to participate in ONLINE bidding only. Further details can be seen from the Website : https://tendersodisha.gov.in. Any Addendum / Corrigendum / Cancellation of tender can also be seen in the said website. | |

Sd/- Superintending Engineer, Puri (R&B) Division, Puri
OIPR-34001/34064/1/25-26/0001



**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
## OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com
**e-tender notice No.485/07.02.2026**
**Bid Identification No. : TIG-MPL-23-2026**

No.13001/71/2526 : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. | Name of the Work | As per DTCN |
| 2. | No. of works | 4 Nos. |
| 3. | Estimated Cost | Rs.58,62,245/- TO Rs.1,41,45,370/- |
| 4. | Period of Completion | As per DTCN |
| 5. | Date & Time of availability of Bid Documents in the Portal | From 11.02.2026 to 27.02.2026 UPTO 5.00 P.M. |
| 6. | Last date & time for receipt of bids in the portal | Upto 27.02.2026 at 5:00 P.M. |
| 7. | Last date & time for deposit of Fees & Documents (in sealed envelope) at Office | Upto 05.03.2026 at 5:00 P.M. |
| 8. | Technical Bids received online shall be opened | On 06.03.2026 at 11:00 A.M. |
| 9. | Name and address of the officer inviting Bid | Executive Officer, Titilagarh Municipality |

Further details can be seen from the procurement portal i.e. https://tendersodisha.gov.in

Sd/- Executive Officer, Titilagarh, Municipality
OIPR-13001/13095/1/25-26/0001



### NOTICE INVITING TENDER
## OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN-752069

No.13001/66/2526 e-Mail : nacnayagarh@yahoo.co.in
Tender Call Notice No. 280/Dt.06.02.2026
E-Procurement Notice No.MUNLNGR-02/2025-26

| | | |
|---|---|---|
| 1 | Name of the Work | Civil Works |
| 2 | No. of Works | 12 Nos. |
| 3 | Value of Work | Rs.1,69,576/- to Rs.12,71,832/- |
| 4 | Class of Contractor | D & C |
| 5 | Period of Completion | As per DTCN |
| 6 | Date of Publication | Dt.09.02.2026 |
| 7 | Date and Time of availability of document in the portal | From Dt.09.02.2026 at 10.00 A.M. to Dt.20.02.2026 up to 5.00 P.M. |
| 8 | Last Date/Time for receipt of bids in portal | Dt.20.02.2026 up to 5.00 P.M. |
| 9 | Last date of Submission of original documents in this Office | On or before 5.00 P.M. on Dt.23.02.2026 by Registered Post / Speed Post / Courier Service (No Tender Box) at Municipal Office, Nayagarh |
| 10 | Date and Time of opening Bid | Dt.24.02.2026 at 11.00 A.M. at Municipality Office, Nayagarh |
| 11 | Name and address of the officer inviting bid | Sd./- Executive Officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in
OIPR-13001/13134/1/25-26/0014



## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
E-mail ID : cebuildings_orissa@yahoo.co.in, Tel. - (0674)-2391523
### INVITATIONS FOR BIDS (IFB)
File No. B-IV-H-(ALMC)-02/2026 No. 3961 Dt. 4th Feb., 2026
No.34001/25/2526 **Invitations for Bids**
**Bid Identification No. C.E.(B) - 48/2025-26**

| | | |
|---|---|---|
| 1 | The Chief Engineer, Buildings-II (I/C), Odisha, Bhubaneswar on behalf of Works Deptt., Govt. of Odisha, invites percentage rate bids in double cover system in ONLINE MODE only. | |
| 2 | Nature of Work | Fire Fighting System (Hydrant, Spinkler, Alarm, PA System) to 250 Bedded Main Building at SLN MCH, Koraput |
| 3 | No. of Work | 01 No. |
| 4 | Bid Cost | ₹ 10,000/- |
| 5 | Class of Contractor | Specialized agency MOU with electrical contractor having valid MV/HT or above license from ELBO |
| 6 | Availability of Bid Documents in the Website | From 12.02.2026 to 17.00 Hours of dt.26.02.2026 |
| 7 | Date of Opening of Bids | Dt.27.02.2026 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/- Chief Engineer, Buildings-II (I/C), Odisha, Bhubaneswar
OIPR-34001/34117/1/25-26/0025



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ବଳରେ ଋଣଗ୍ରହୀତାମାନଙ୍କୁ ଦାବି ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଉକ୍ତ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର ନ କରନ୍ତୁ ଏବଂ ସମ୍ପତ୍ତି ସହିତ କୌଣସି କାରବାର ୟୁକୋ ବ୍ୟାଙ୍କ୍, ପୁରୀ ଶାଖା ନିକଟରେ ସମସ୍ତ ଦେୟ ସହିତ ସୁଧ ପାଇଁ ଚାର୍ଜ ଅଧୀନରେ ରହିବ।

| ପୁରୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ରାକେଶ ଚନ୍ଦ୍ର ସାହୁ, ୨) ଶ୍ରୀମତୀ ଲିଲି ସାହୁ, ଉଭୟଙ୍କ ଠିକଣା- ସାହାଯ୍ୟପୁର, ଚାପାମାଣିକ, ବ୍ରହ୍ମଗିରି, ପୁରୀ - ୭୫୨୦୧୧ | ତା.୨୯.୦୫.୨୦୨୫ରିଖ ସୁଦ୍ଧା ଟ.୧୭,୯୧,୦୪୬/- + ଦେବାପର ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୨.୦୭.୨୦୨୫ / ୦୭.୦୨.୨୦୨୬ | ଶ୍ରୀ ରାକେଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ସହିତ ସମସ୍ତ ଅଂଶବିଶେଷ ... ଏହାର ଚାରିପାର୍ଶ୍ୱରେ ... |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୯.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**बैंक ऑफ़ बड़ौदा Bank of Baroda**
କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ
୨ୟ ମହଲା, ଜଲିନ୍ଦ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧

## ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ବଳରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ରେ ବର୍ଣ୍ଣିତ ଅର୍ଥ ରାଶି ପରିଶୋଧ କରିବା ପାଇଁ କୁହାଯାଇଥିଲା। ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନଦାର ଉକ୍ତ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର ନ କରନ୍ତୁ ଏବଂ ସମ୍ପତ୍ତି ସହିତ କୌଣସି କାରବାର ବ୍ୟାଙ୍କ ଅଫ୍ ବରୋଦାର ଚାର୍ଜ ଅଧୀନରେ ରହିବ।

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ପେଟ୍ରୋକେମିକାଲ୍ସ / ଜାମିନଦାରମାନେ: ୧) ଶ୍ରୀମତୀ ପ୍ରମିଳା ପ୍ରଧାନ, ହରିହର ପ୍ରଧାନ, ୨) ଶ୍ରୀ ସରୋଜ କୁମାର ପ୍ରଧାନ, ପିତା: ହରିହର ପ୍ରଧାନ, ୩) ଶ୍ରୀ ନିରଜ କୁମାର ପ୍ରଧାନ, ପିତା: ହରିହର ପ୍ରଧାନ, ... ତେଲେଙ୍ଗାପେଣ୍ଠ, ଜଗତପୁର, କଟକ-୭୫୪୦୨୧ | ଶ୍ରୀ ହରିହର ପ୍ରଧାନ, ସ୍ୱତ୍ୱାଧିକାରୀ: ମେସର୍ସ ଶ୍ରୀ ଦୁର୍ଗା ପେଟ୍ରୋକେମିକାଲ୍ସ ନାମରେ ଥିବା ଜମି ଏବଂ ଗୃହ ସମ୍ପତ୍ତିର ସମସ୍ତ ଅଂଶବିଶେଷ ... ଜିଲ୍ଲା: କଟକ, ... | ୨୪.୦୬.୨୦୨୫ / ୦୩.୦୨.୨୦୨୬ | ତା.୦୪.୧୨.୨୦୨୫ରିଖ ସୁଦ୍ଧା ଟ.୭୪,୯୯,୩୬୨.୪୮ ଏବଂ ତା ୦୫.୧୨.୨୦୨୫ରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ : ୦୯.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ଜୀବନକୁ କରନ୍ତୁ ସୁଖମୟ

**ଜୀବନ ହସଖୁସିରେ କଟିଯାଉ-କିଏ ବା ନ ଚାହେଁ ? ହେଲେ ସବୁବେଳେ ତାହା ସମ୍ଭବ ହୋଇ ନ ଥାଏ। ଏଥିଲାଗି ଆପଣେଇବାକୁ ପଡ଼ିଥାଏ କେତୋଟି ଉପାୟ। ଆଉ ଯଦି ସେଗୁଡ଼ିକୁ ଠିକ୍ ଭାବରେ ଉପଯୋଗ କରିପାରିଲେ ତେବେ ଆପଣଙ୍କ ଜୀବନ ଖୁସିର ମାହୋଲ ଭିତରେ ରହିବା ତେବେ ଏକ ସୁଖମୟ ଜୀବନ ପାଇଁ କେଉଁ ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡ଼ିବ ଜାଣନ୍ତୁ ସେ ସମ୍ପର୍କରେ...**



ଧରାପୃଷ୍ଠରେ ମଣିଷଟିଏ ହୋଇ ଜନ୍ମନେବା ନିଶ୍ଚୟ ଭଗବାନଙ୍କ ଆଶୀର୍ବାଦ। ଜୀବନ ହେଉଛି ମୂଲ୍ୟବାନ୍। ନିଜ ଜୀବନ ରଥକୁ ଆଗକୁ ଆଗେଇନେବା ଏତେ ସହଜ ନୁହେଁ। ଏହି ରାସ୍ତା ସୁଖଦୁଃଖରେ ଭରପୂର ଆଉ କଣ୍ଟକିତ ମଧ୍ୟ। ଜୀବନର ଚଲାପଥରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ତାହାକୁ ସମାଧାନକରି ଆମକୁ ଆଗେଇବାକୁ ପଡ଼ିବ। ଆମକୁ ଏଇକଥା ବୁଝି ଜୀବନ ମିଳିଛି, ଏଥିରେ ହତାଶ ଏବଂ ନିରାଶ ଭାବନା ନ ରହୁ। ଏକଥା ଭୁଲନ୍ତୁ ନାହିଁ ସକାଳର ସୂର୍ଯ୍ୟ ଜୀବନରେ ନୂତନ ଭାବନା ନେଇକି ଆସିବ। ଏହି ରାସ୍ତାରେ ଆମର ଜୀବନଶୈଳୀ କିପରି ହେବ, ଯାହା ଫଳରେ ଜୀବନ ସହଜ ଏବଂ ସରଳ ହୋଇଯିବ।

ପ୍ରସିଦ୍ଧ ଲେଖକ ପି.ଭି. ଅକିଳନ ନିଜ ପୁସ୍ତକରେ 'ଚିତ୍ରପ୍ରିୟାରେ' ଲେଖିଛନ୍ତି ନିଜ ଜୀବନର ପ୍ରତିଟି ମୁହୂର୍ତ୍ତ ସୁନ୍ଦର କରିବାକୁ ଚେଷ୍ଟା କରନ୍ତୁ। ଯଦି ସୁନ୍ଦର କରିପାରିଲ ନାହିଁ ତେବେ ଯେମିତି ଅଛି ସେମିତି ରହିବାକୁ ଦିଅ। ଭଗବାନ୍ ଆମକୁ ମାନବ ଜୀବନ ଦେଇଛନ୍ତି । ତେବେ ନିଜକୁ ଅଯଥା ଚିନ୍ତାରେ ବୁଡ଼ାନ୍ତୁ ନାହିଁ, ସମସ୍ୟା ଏବଂ ଚିନ୍ତାଗ୍ରସ୍ତରେ ରୁହନ୍ତୁ ନାହିଁ। ଜୀବନକୁ ଜୀଇଁବାରେ କାନ୍ଦିବା ଦ୍ୱାରା କି ଫାଇଦା। ଆମକୁ ବୁଝିବା ଦରକାର ଯେ ଜୀବନ କେବେ ଏକା ଭଳି ହୋଇ ନ ଥାଏ। ଏଥିରେ ସୁଖ ଦୁଃଖ ଲାଗି ରହିଥାଏ। ଏଥିପାଇଁ ଯେତେବେଳେ ଏ ସଂସାରରେ ଜନ୍ମ ଲାଭ କରିଛନ୍ତି ତେବେ ଜୀବନର ଭରପୂର ଆନନ୍ଦ ନେଇ ସମସ୍ୟା ସଙ୍କଟକୁ ବୁଝିବିଚାରି ସାମ୍ନା କରନ୍ତୁ। ଜୀବନକୁ ସରସ ସୁନ୍ଦର କରିବାକୁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...

**ଚିନ୍ତାଠାରୁ ଦୂରେଇ ରୁହନ୍ତୁ :** ଯେତେବେଳେ ଆପଣ ଚିନ୍ତାଗ୍ରସ୍ତ ରହୁଛନ୍ତି ସେତେବେଳେ ପ୍ରକୃତି ନିକଟକୁ ବୁଲିବାକୁ ଯାଆନ୍ତୁ। କୌଣସି ପାର୍କକୁ ଯାଇ ଲକ୍ଷ୍ୟକରନ୍ତୁ ଯେ କୌଣସି ବୃକ୍ଷ ହେଲେ କିପରି ସେ ଖରା,ବର୍ଷା ଏବଂ ଶୀତକୁ ସହି ହସୁଥିବା ପରି ମନେହୁଏ। ଥରେ ଧ୍ୟାନ ସହକାରେ ପ୍ରକୃତିକୁ ନଜର କରନ୍ତୁ।

**ସାଙ୍ଗସାଥୀ ବନାନ୍ତୁ:** ଏକୁଟିଆ ରହିବା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ନିଜର କେତେଜଣ ସାଙ୍ଗ ସାଥୀ ବନାନ୍ତୁ। ସକାଳ ସନ୍ଧ୍ୟାରେ ଯେତେବେଳେ ପାର୍କକୁ ବୁଲିବାକୁ ଯାଉଛନ୍ତି ସେଠାରେ କେତେଜଣଙ୍କ ସହ ବନ୍ଧୁତା ସୃଷ୍ଟି କରନ୍ତୁ। ଫଳରେ ଆପଣ ଉଭୟଙ୍କ ମଧ୍ୟରେ ସୁଖ ଦୁଃଖ କଥା ଶେୟାର କରନ୍ତୁ। ଏହାଦ୍ୱାରା ତୁମ ମନ ହାଲୁକା ରହିବ।



**ସବୁବେଳେ ସକାରାତ୍ମକ ରୁହନ୍ତୁ:** ସମସ୍ୟା ତ ସମସ୍ତଙ୍କ ଜୀବନରେ ଆସିଥାଏ। କେତେଜଣ ତାକୁ ହସିକି ସାମ୍ନା କରୁଥିବା ବେଳେ ଆଉ କେତେକେ ହଡ଼ବଡ଼ ହୋଇଯାନ୍ତି। ଜୀବନର ନାମ ହିଁ ସଂଘର୍ଷ। କିନ୍ତୁ ସମସ୍ୟାରୁ ବ୍ୟତିବ୍ୟସ୍ତ ହୋଇ ଦୌଡ଼ିବା ଠିକ୍ ନୁହେଁ। ସଂସାରରେ ସବୁ ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟ, ସାହସ ଏବଂ ବୁଦ୍ଧିମତ୍ତାର ଆବଶ୍ୟକତା ହୋଇଥାଏ।

**ଛୋଟ ଛୋଟ ଖୁସିକୁ ସେଲିବ୍ରେଟ୍ କରନ୍ତୁ :** ଜୀବନଟି ଏକ ନାଆ ସଦୃଶ। କେବେ ସମସ୍ୟାର ବାଦଲ ଆପଣଙ୍କୁ ଘେରିଯିବ ତ କେବେ ମନରେ ନୂଆ ଆଶା ସଞ୍ଚାର ହେବ। ସୁଖ ଏବଂ ଦୁଃଖ ଜୀବନର ଦୁଇଟି ପାର୍ଶ୍ୱ। ଏହାଦ୍ୱାରା ଆପଣଙ୍କୁ ପ୍ରଭାବିତ ହେବାର ଆବଶ୍ୟକତା ନାହିଁ। ଯେତେବେଳେ ସୁଖ ଦୁଃଖ ବି ଆସିବ, ଏହା ସତେ ଯେମିତି ଖରାଛାଇର ଖେଳ। ଆପଣ ଧୈର୍ଯ୍ୟର ସହ ପ୍ରତ୍ୟେକ ସ୍ଥିତିର ସାମ୍ନା କରିବାକୁ ପଡ଼ିବ। ସୁଖରେ ଅଧିକ ଖୁସି ନ ହେବା ଏବଂ ଦୁଃଖ ସମୟରେ ଅଧିକ ଦୁଃଖୀ ହୁଅ ନାହିଁ। ଯାହା ଆପଣଙ୍କ ନିକଟରେ ଅଛି ସେତିକିରେ ଖୁସି ରୁହ। ଆବଶ୍ୟକତାଠାରୁ ଅଧିକ ପାଇବାକୁ ଏତେ ଉତ୍କଣ୍ଠା ରଖନ୍ତୁ ନାହିଁ। ଆଶା ତ ଅସୁମାରୀ। ତେବେ ଏହାକୁ ନିୟନ୍ତ୍ରଣରେ ରଖିଲେ ଜୀବନର ଅସଲ ମଜା ନେଇପାରିବେ। ଯେତିକି ଅଛି ସେତିକିରେ ସନ୍ତୁଷ୍ଟ ରୁହ। ଏହା ହିଁ ହେଉଛି ସୁଖୀ ଜୀବନର ସୂତ୍ର।

**ବ୍ୟସ୍ତ ରୁହ ମସ୍ତ ରୁହ:** କୁହାଯାଏ ବ୍ୟସ୍ତ ରହିଲେ ମସ୍ତ ରହିବ। ଖାଲି ମୁଣ୍ଡ ସୈତାନ୍‌ର ଘର ହୋଇଥାଏ। ନିଜକୁ ସବୁବେଳେ ବ୍ୟସ୍ତ ରଖିବା ଆବଶ୍ୟକ। ଯଦି ଆପଣ ୱାର୍କିଂ, କିଛି ସମୟ ଆପଣଙ୍କ ପାଖରେ ଖାଲି ରହିଥାଏ। ତେବେ ନିଜର ସଉକକୁ ପୂରା କରିପାରିବେ। ଯେମିତିକି ଗୀତ ଶୁଣିବା, ନାଚିବା, ପେଣ୍ଟିଂ କରିପାରିବେ ନ ହେଲେ କିଛି ଲେଖାଲେଖି କରିପାରିବେ। ନ ହେଲେ ପିଲାଙ୍କ ସହ କିଛି ଟାଇମ୍ ସ୍ପେଣ୍ଡ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଏକ ଅଲଗା ଖୁସି ମିଳିବ।

**ମନକୁ ନିୟନ୍ତ୍ରଣରେ ରଖନ୍ତୁ:** କେବେ କେବେ ଅନ୍ୟର ଲାଟେଷ୍ଟ ଫ୍ୟାଶନର ଡ୍ରେସ୍ ଦେଖି, ସେଇଭଳି ଡ୍ରେସ୍ କିଣିବାକୁ ଭାବିଥିବେ ହେଲେ ପରେ ମନର ସଙ୍କୋଚ ଭାବନା ଆପଣଙ୍କୁ ରୋକିଦେଇପାରେ। ଫଳରେ ଏହାଦ୍ୱାରା ହଇରାଣ ସାମ୍ନା କରିବାକୁ ପଡ଼ିପାରେ। ମନ ଯାହା ଚାହୁଁଛି ତାହା କର। ସବୁବେଳେ ଗୋଟିଏ କଥା ମନେରଖିବ ଯେ ଯାହା କରିବାର ଅଛି ଏହି ଜନ୍ମରେ କରନ୍ତୁ। ନିଜ ଜୀବନକୁ ଭରପୂର ଜିଅଁ ଏବଂ ଖୁସିରେ ରୁହ।



**ଭୁଲିବା ଶିଖନ୍ତୁ :** ଯଦି କେବେ କାହାର ବ୍ୟବହାର ମନକୁ ଆଘାତ ଦେଇଥାଏ ତାକୁ ଭୁଲିବାକୁ ଚେଷ୍ଟାକରନ୍ତୁ। କଥାରେ ଅଛି – କଥା ମାଜିଲେ ମୋଟ। ସେଥିପାଇଁ ପୁରୁଣା କଥାକୁ ଧରି ବସନ୍ତୁ ନାହିଁ। ଏହାଦ୍ୱାରା ମନ ବିଚଳିତ ହୋଇଥାଏ। କେବେ ହୋଇଥିଲା ଏବଂ କ'ଣ ଘଟିଥିଲା ତାକୁ ଯେତେ ସମ୍ଭବ ଭୁଲିଯାନ୍ତୁ।





ଫ୍ୟାଶନ

# ପାୱାର ଡ୍ରେସିଂ

**ୱାର୍କ ପ୍ଲେସ୍‌ରେ ସ୍ମାର୍ଟ ଏବଂ କନ୍‌ଫିଡେଣ୍ଟ ଦେଖାଯିବାକୁ ହେଲେ ନିଜ କାମରେ ପର୍‌ଫେକ୍ଟ ହେବା ନିହାତି ଆବଶ୍ୟକ। ଏଥିସହ ଯଦି ପାୱାର ଡ୍ରେସିଂକୁ ଫଲୋ କରୁଛନ୍ତି ତେବେ ନିଜକୁ ଅଧିକ କନ୍‌ଫିଡେଣ୍ଟ ଅନୁଭବ କରିବେ। ଏଥିପାଇଁ କେତୋଟି ଟିପ୍ସ ଆପଣେଇ ପାରନ୍ତି...**



**ନ୍ୟୁଟ୍ରଲ କଲର୍ସ**
ପାୱାର ଡ୍ରେସିଂ କରିବା ସମୟରେ ବ୍ରାଇଟ୍ କଲର ବଦଳରେ ଗ୍ରେ, ବ୍ରାଉନ୍, ବ୍ଲାକ୍ ମେରୁନ୍ ଏବଂ ରୟାଲ ବ୍ଲୁ ଭଳି ଫ୍ୟୁଜନ୍ କଲରର ଡ୍ରେସ୍ ସିଲେକ୍ଟ କରନ୍ତୁ। ସଲିଡ୍ କଲର ଆପଣଙ୍କ ବ୍ୟକ୍ତିତ୍ୱରେ ଗମ୍ଭୀରତା ଏବଂ ସ୍ଥାୟିତ୍ୱ ଦେଇଥାଏ। ଅନ୍ୟ ପକ୍ଷରେ ହ୍ୱାଇଟ୍, ପିଙ୍କ ଭଳି କଲର ଆପଣଙ୍କୁ ବାଲାନ୍ସ ଲୁକ୍ ଦେବ।

**ପ୍ଲେନ୍ ଡ୍ରେସ୍‌ଅପ୍**
ପାୱାର ଡ୍ରେସିଂରେ ପ୍ରିଣ୍ଟ ଅପେକ୍ଷା ପ୍ଲେନ୍‌କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଯଦି ଆପଣଙ୍କୁ ପ୍ଲେନ୍ ଡ୍ରେସ୍ ପସନ୍ଦ ନୁହେଁ ତେବେ ପ୍ୟାଣ୍ଟ ସହ ବ୍ଲେଜରରେ ଭର୍ଟିକାଲ୍ ଲାଇନ, ଚେକ୍ ପ୍ରିଣ୍ଟ ଆପଣଙ୍କୁ ଅଧିକ ଫ୍ୟାଶନେବଲ ଦେଖାଯିବେ।

**ସଲିଡ୍ ଫାବ୍ରିକ୍**
ପାୱାର ଡ୍ରେସିଂରେ ଥିନ୍ ଏବଂ ଟ୍ରାନ୍ସପରେଣ୍ଟ ଫାବ୍ରିକ୍ ବିଲ୍‌କୁଲ୍ ବି କ୍ୟାରି କରନ୍ତୁ ନାହିଁ। ଏହା ଅପେକ୍ଷା ଖଦି, କଟନ୍, ସିଲ୍‌କ ଏବଂ ଲିନେନ୍ ଭଳି ଫାବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ଆପଣଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ।

**ମିନିମଲ ମେକ୍‌ଅପ୍ ଆସେସରିଜ୍**
ଯଦି ଆପଣ ୱାର୍କ ପ୍ଲେସ୍‌ରେ ଡ୍ରେସ୍ ଚୟନ କରୁଛନ୍ତି ଏଥିପାଇଁ ବହୁ ମେକ୍‌ଅପ୍ ଆସେସରିଜ୍ ବଦଳରେ କମ୍ ମେକ୍‌ଅପ୍ ଆସେସରିଜ୍‌ର ଚୟନ କରନ୍ତୁ। ବଡ଼ ଏବଂ ଲଙ୍ଗ୍ ଇୟର ରିଂ ବଦଳରେ ଛୋଟ ଷ୍ଟଡ୍ ଏବଂ ହାତରେ କ୍ଲାସିକ୍ ଡାୟଲ ଥିବ ରିଷ୍ଟ ୱାଚ୍ କ୍ୟାରି କରିପାରିବେ।

**ଫିଟିଂ ହେବ ଠିକ୍**
ୱାର୍କପ୍ଲେସ୍‌ରେ ଲୁଜ୍, ବିନା ପ୍ରେସ୍ ମୋଡ଼ାମୋଡ଼ି ହୋଇଥିବା ଡ୍ରେସ୍ ବଦଳରେ ଭଲ ଭାବେ ଆଇରନ୍ ହୋଇଥିବା ଫିଟିଂ ଡ୍ରେସ୍ ପିନ୍ଧନ୍ତୁ ଫଳରେ ଆପଣଙ୍କ ପର୍ସନାଲିଟି ଆଟ୍ରାକ୍ଟିଭ୍ ଏବଂ ସ୍ମାର୍ଟ ଦେଖାଯିବେ।

**ଫୁଟ୍‌ୱେର ହେବ ଠିକ୍**
ଆପଣଙ୍କ ୱାର୍କପ୍ଲେସ୍‌ରେ ଆପଣଙ୍କ ଡ୍ରେସ୍ ସହ ଫୁଟ୍‌ୱେର ବି ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଡ୍ରେସ୍‌କୁ ମାନିଲା ଭଳି ଫୁଟ୍‌ୱେର ଚୟନ କରିବା ଭଲ ।

# ଘରର ଛାତ ଉପରେ ରଖନ୍ତୁନି ଏପରି ଜିନିଷ

**ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଛାତ ଉପରେ କିଛି ଜିନିଷ ରଖିବା ବର୍ଜିତ। କାହିଁକି ନା ଏହାଦ୍ୱାରା ବାସ୍ତୁଦୋଷ ଲାଗିଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ଅନାବଶ୍ୟକ ସାମଗ୍ରୀ ରଖିବା ଦ୍ୱାରା ଘରେ ନକାରାତ୍ମକ ପ୍ରଭାବ ବଢ଼ିଥାଏ। ଏହାଦ୍ୱାରା ଘରର ଅନ୍ୟ ସଦସ୍ୟଙ୍କ ପ୍ରଭାବ ପଡ଼ିଥାଏ। ଏଥିପାଇଁ ଘରର ଛାତ ଉପରକୁ ସବୁବେଳେ ସଫାସୁତୁରା ରଖିବା ଆବଶ୍ୟକ...**



**ଭାଙ୍ଗିଯାଇଥିବା ବାସନ**
ଘରର ଛାତ ଉପରେ ଭଙ୍ଗା ବାସନ ରଖିବା ଦ୍ୱାରା ଅଶୁଭ ମନାଯାଏ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତିର ପ୍ରବେଶ ଘଟେ। ଫଳରେ ଘରେ ରହୁଥିବା ସଦସ୍ୟଙ୍କଠାରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ।

**ପୁରୁଣା ଜୋତା**
ଘରର ଛାତ ଉପରେ ପୁରୁଣା ଜୋତା ରଖିବା ଦ୍ୱାରା ଅଶୁଭ ହୋଇଥାଏ। ପୁରୁଣା ଜୋତା ରଖିବା ଦ୍ୱାରା ଘରର ସଦସ୍ୟଙ୍କ ପ୍ରଗତି ଏବଂ ସଫଳତାରେ ବାଧା ଦେଖିବାକୁ ମିଳିଥାଏ।

**କବାଟ**
ଘରର ଛାତ ଉପରେ ଭଙ୍ଗା କବାଟ ରଖିବା ବି ବାସ୍ତୁଦୋଷର କାରଣ ହୋଇଥାଏ। ଏହାଦ୍ୱାରା ଘରେ ସ୍ୱାସ୍ଥ୍ୟ ସମସ୍ୟା ସମୃଦ୍ଧିରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

**କଣ୍ଟାଗଛ**
ଛାତ ଉପରେ କଣ୍ଟା ଜାତୀୟ ଗଛ ରଖିବା ଅଶୁଭ। ଏହାକୁ ରଖିବା ଦ୍ୱାରା ଘର ସଦସ୍ୟଙ୍କ ସମ୍ପର୍କରେ ତିକ୍ତତା ଦେଖିବାକୁ ମିଳିଥାଏ।

ସୌନ୍ଦର୍ଯ୍ୟ

# ମେକ୍‌ଅପ୍ ରିମୁଭ୍ ପାଇଁ

ମେକ୍‌ଅପ୍ ଦୂରକରିବା ପାଇଁ ମୁହଁ ଲାଗି କ୍ଷତିକାରକ ମେକ୍‌ଅପ୍ ରିମୁଭର ହୋଇପାରେ। ଯଦି ଆପଣ ମେକ୍‌ଅପ୍‌କୁ ଠିକ୍ ଭାବେ ଦୂର କରା ନ ଯାଏ ତେବେ ଏହା ଆପଣଙ୍କ ତ୍ୱଚା ଲାଗି କ୍ଷତିକାରକ ହୋଇପାରେ। ଆପଣ ଯଦି ହାର୍ଡ ମେକ୍‌ଅପ୍ ରିମୁଭରର ବ୍ୟବହାର କରୁଥାନ୍ତି, ତେବେ ଏହା ତ୍ୱଚାକୁ ଶୁଷ୍କ ଏବଂ ଡ୍ରାଏ କରିଦେଇପାରେ। ଏହା ବ୍ୟତୀତ ତ୍ୱଚାକୁ ଆପଣ ମେକ୍‌ଅପ୍ ହଟାଇବା ଲାଗି ବହୁତ ରଗଡ଼ିଥାନ୍ତି, ତେବେ ଏହା ତ୍ୱଚାକୁ କ୍ଷତି କରିପାରେ। ଏହାଦ୍ୱାରା ମୁହଁ ଜଳାପୋଡ଼ା ହୋଇଥାଏ ଏବଂ ଲାଲ ଦେଖାଯାଏ। ଏଥିପାଇଁ ସବୁବେଳେ ମୁହଁକୁ ସୁଟ୍ କଲାଭଳି ଉତ୍ପାଦ ବ୍ୟବହାର କରନ୍ତୁ ।




**ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ**
ସୁରକ୍ଷିତ ଉପାୟରେ ମେକ୍‌ଅପ୍ ଦୂରକରିବାକୁ ହେଲେ ପ୍ରଥମେ ଭଲ ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ। ମେକ୍‌ଅପ୍ ରିମୁଭର ଆପଣଙ୍କ ତ୍ୱଚା ପ୍ରକାର ଅନୁସାରେ ହେବା ଆବଶ୍ୟକ। ଯଦି ଆପଣଙ୍କ ତ୍ୱଚା ଶୁଷ୍କ, ତେବେ ଏକ ମଶ୍ଚରାଇଜର ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ। ଯଦି ଆପଣଙ୍କ ତ୍ୱଚା ତେଲିଆ ତେବେ ଏକ ଅଏଲ ଫ୍ରି ରିମୁଭର ଚୟନ କରନ୍ତୁ। ମେକ୍‌ଅପ୍ ରିମୁଭର ସାମଗ୍ରୀରେ ଥିବା ସାମଗ୍ରୀ କ'ଣ ସବୁ ଇନ୍‌ଗ୍ରେଡିଏଣ୍ଟ ରହିଛି ତାହା ସୁନିଶ୍ଚିତ କରନ୍ତୁ ଏହା ତ୍ୱଚା ଲାଗି କେତେଦୂର ସୁରକ୍ଷିତ ତାହା ବ୍ୟବହାର କରିବା ପୂର୍ବରୁ ଦେଖିବା ନିହାତି ଆବଶ୍ୟକ।

**କିପରି ଲଗାଇବେମେକ୍‌ଅପ୍ ରିମୁଭର**
ମେକ୍‌ଅପ୍ ରିମୁଭର ମୁହଁରେ ଲଗାଇବା ପୂର୍ବରୁ ନିଜ ହାତକୁ ଭଲଭାବେ ଧୋଇଦିଅନ୍ତୁ। ମେକ୍‌ଅପ୍ ରିମୁଭରକୁ ଏକ କଟନ୍ ପ୍ୟାଡ୍‌ରେ ଲଗାଇ ତାକୁ ମୁହଁରେ ଲଗାନ୍ତୁ।

**ମେକ୍‌ଅପ୍‌କୁ ଧୀରେ ଧୀରେ ହଟାନ୍ତୁ**
ମେକ୍‌ଅପ୍ ଧୀରେ ଧୀରେ ହଟାନ୍ତୁ। ଫଳରେ ତ୍ୱଚାକୁ ଯେପରି କ୍ଷତିସାଧନ ନ ହେବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ମେକ୍‌ଅପ୍‌କୁ ହଟାଇବା ପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ମୁହଁରେ ଯଦି କୌଣସି ମେକ୍‌ଅପ୍ ରହିଯାଉଛି ତ୍ୱଚାକୁ ଧୋଇବା ଲାଗି ନଖ ଉଷୁମ ପାଣି ବ୍ୟବହାର କରନ୍ତୁ।

**ମଶ୍ଚରାଇଜର ଲଗାନ୍ତୁ**
ମେକ୍‌ଅପ୍ ଦୂରକରିବାକୁ ହେଲେ ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ତ୍ୱଚାକୁ ଶୁଷ୍କ ହେବାରୁ ରକ୍ଷା କରିଥାଏ। ଏହାକୁ ଲଗାଇବା ଦ୍ୱାରା ତ୍ୱଚା ଏତେଟା ଡ୍ରାଏ ହୋଇ ନ ଥାଏ।



ଖାଦ୍ୟରୁଚି

# ଟମାଟୋ ଚିପ୍ସ



**ଆବଶ୍ୟକ ସାମଗ୍ରୀ :** ଟମାଟୋ ୩ଟି, ସୁଜି ୨୦୦ଗ୍ରାମ୍, ଅଟା ୨୦୦ ଗ୍ରାମ୍, ଧନିଆ ପାଉଡର ୧ ଚାମଚ, ଚାଟ୍ ମସଲା, ହଳଦୀଗୁଣ୍ଡ ୧ ଚାମଚ, ଲୁଣ, ଶୁଖିଲା ଲଙ୍କାଗୁଣ୍ଡ ଛୋଟ ଚାମଚ, ରିଫାଇନ୍ ତେଲ ୫୦୦ ମିଲି।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଟମାଟୋକୁ କାଟି ତାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାପରେ ଏକ ପାତ୍ରରେ ତାକୁ କାଢ଼ି ଦିଅନ୍ତୁ। ଏବେ ଏଥିରେ ସୁଜି, ଅଟା, ହଳଦୀଗୁଣ୍ଡ, ଧନିଆ ପାଉଡର, ଚାଟ୍ ମସଲା, ଲୁଣ ପକାଇ ତାକୁ ଭଲ ଭାବେ ଚକଟି ଦିଅନ୍ତୁ। ଏବେ ଏଥିରୁ ଅଳ୍ପ ନେଇ ଏହାକୁ ପତଳା ଆକାରରେ ବେଲି ନିଅନ୍ତୁ। ବେଲି ସାରିବା ପରେ ଏହାକୁ ଫର୍କ ସାହାଯ୍ୟରେ କଣା କରନ୍ତୁ। ଏବେ ଛୁରି ସାହାଯ୍ୟରେ ସରୁ ସରୁ କାଟି ଉପରକୁ ରଖି ତାକୁ ଟ୍ରାଙ୍ଗେଲ ସେପ୍‌ରେ କାଟନ୍ତୁ। କଡ଼େଇ ତେଲ ଗରମକରି ଏବେ ଏହାକୁ ଛାଣନ୍ତୁ। ଛାଣିବା ପରେ ଏଥିରେ ଚାଟ୍ ମସଲା ପକାଇ ପିଲାଙ୍କୁ ଖାଇବାକୁ ଦିଅନ୍ତୁ।

# ୧୩ରେ ଚାଷୀ ସମାବେଶ ଓ ବିକ୍ଷୋଭ

■ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

■ମଣ୍ଡିରୁ ଧାନ ଉଠୁନି, କୁଇଣ୍ଟାଲ ପ୍ରତି ୧୦ କେଜି କଟ୍‌ନି ଛଟ୍‌ନି

ଢେଙ୍କାନାଳ,୯।୨(ରତନ ନାୟାର)

ଢେଙ୍କାନାଳ ଜିଲା ବିଜୁ ଜନତା ଦଳର ପରବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସୋମବାର ପୂର୍ବାହ୍ନରେ ଦଳର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା କମିଟିର ନୂତନ ପଦାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସଙ୍ଗଠନକୁ ମଜଭୁତ କରାଯିବା ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୧୩ ତାରିଖରେ ଦଳ ପକ୍ଷରୁ ଏକ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ଆୟୋଜିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଜିଲା ସଭାପତି କହିଲେ, ନର୍ବାଚନ ସମୟରେ ଭାଜପା ଓଡ଼ିଶାବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା, ତାହା ଏବେ ମିଥ୍ୟା ବୋଲି ଲୋକମାନେ ବୁଝିସାରିଲେଣି।


ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ମହିଳା ନିଜକୁ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେକରୁଛନ୍ତି। ଧାନ ମଣ୍ଡିରୁ ଧାନ ଉଠୁନାହିଁ। କୁଇଣ୍ଟାଲ ପ୍ରତି ୧୦ କେଜି କଟ୍‌ନି ଛଟ୍‌ନି ହେଉଛି। ଚାଷୀମାନଙ୍କଠାରୁ ପର୍ଯ୍ୟାପ୍ତ ପରିମାଣରେ ଧାନ ସରକାର ଗ୍ରହଣ ନ କରି ଉତ୍ପାଦନର ମାତ୍ର ୧୦ରୁ ୨୧ ଭାଗ ଧାନ କିଣୁଥିବାରୁ ଚାଷୀମାନେ ୧୮୦୦ ଟଙ୍କାରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି, ଯାହାଦ୍ୱାରା ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି। ସେହିପରି ପ୍ରଦୂଷଣ ସାର୍ଟିଫିକେଟ ଏକ ପ୍ରହସନରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଲୋକ ଅତିଷ୍ଠ ହୋଇଛନ୍ତି। ବିଜେଡି ସମୟରେ ଯେଉଁସବୁ କାମ ଆରମ୍ଭ ହୋଇଥିଲା, ସେହି କାମକୁ ରଙ୍ଗ ବଦଳାଇ ଓ ଫଳକ ବଦଳାଇ ଭାଜପା ସରକାର କେବଳ ବାହାବା ନେବାର ଉଦ୍ୟମ କରୁଛି ବୋଲି ଜିଲା ସଭାପତି କହିଥିଲେ। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ଭାଜପା ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପରେ ଓଡ଼ିଶାବାସୀ ଅତିଷ୍ଠ ହୋଇପଡ଼ିଲେଣି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାବାସୀ ସେମାନଙ୍କୁ ଉଚିତ ଜବାବ ଦେବେ ବୋଲି କହିବା ସହିତ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ୧୩ ତାରିଖ ସକାଳ ସାଢ଼େ ୯ଟା ସମୟରେ ସହରସ୍ଥିତ ବାଜିଚୌକଠାରୁ ଚାଷୀମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ପ୍ରାରମ୍ଭରେ ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ପରଲୋକରେ ନୀରବ ପ୍ରାର୍ଥନା ସହ ଶୋକସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରୋତ୍ତମ ସାହୁ, ନରୋତ୍ତମ ରାଉତ ଓ ନିରାକାର ରାଉତ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲା ଛାତ୍ର ବିଜେଡି ସଭାପତି ସୁଜନ ମହାପାତ୍ର, ଜିଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅକ୍ଷୟ କୁମାର ଭଞ୍ଜ, ତିଲୋତ୍ତମ ଚୌଧୁରୀ, ସସ୍ମିତା ମହାନ୍ତି, ଜିଲା ଆଇନସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ବରିଷ୍ଠ ବିଜେଡି ନେତା ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ପ୍ରେମାନନ୍ଦ ସାହୁ, ଧର୍ମାନନ୍ଦ ବରାଳ, ଶୁଭେନ୍ଦୁ ସାହୁ, ଶୁଭଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ଅଜୟ କୁମାର ସେଠୀ, ସୁଧାକର ସାହୁ, ଦିଲୀପ ଶେଣ୍ଠ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ଦେହୁରୀ, ଅଶୋକ ସାହୁ, ଅଶୋକ ପରଡ଼ା, ମମତାରାଣି ବେହେରା, ଗଙ୍ଗାଧର ସାହୁ, ବ୍ରହ୍ମାନନ୍ଦ ସାହୁ, କାଉନସିଲର ଲିପିକା ଦାସ, ମହମ୍ମଦ ସାଗିର, ବଂଶୀଧର ଦଳେଇ, ରୋଜାଲିନ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଜେଡି ନଗର ଉପସଭାପତି ବିନୋଦ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# କଙ୍କଡ଼ାହାଡ଼ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର


କଙ୍କଡ଼ାହାଡ଼ ବ୍ଲକ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

କାମାକ୍ଷାନଗର,୯।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ଅଭିନବ ସୋନକର ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ସମୁଦାୟ ୫୨ଟି ଅଭିଯୋଗ ହୋଇଥିଲା ବେଳେ ଘଟଣାସ୍ଥଳରେ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶୁଣାଣିରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମହାପାତ୍ର, ଉପ ଜିଲାପାଳ ଦିନମଣି ନାୟକ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ତହସିଲଦାର ସୌଦାମିନୀ ନାୟକ, ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଗୁରୁ, ସହକାରୀ ନିର୍ବାହୀଯନ୍ତ୍ରୀ ପର୍ଣ୍ଣରାମ ପଟ୍ଟନାୟକ, ଯୋଗାଣ ଅଧିକାରୀ ମୋନାଲିସା ଜେନା, କୃଷି ଅଧିକାରୀ ମଧୁସ୍ମିତା ଶତପଥୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ୱାନ୍-ଷ୍ଟପ୍-ସେଣ୍ଟର ଉଦ୍‌ଘାଟିତ

**ମହିଳାମାନଙ୍କ ପାଇଁ ୫ଟି ସେବା ଉପଲବ୍ଧ ହେବ**

ଢେଙ୍କାନାଳ,୯।୨(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ମହିଳାମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ଏକ ଅତିରିକ୍ତ ସଖୀ ତଥା ୱାନ୍-ଷ୍ଟପ୍-ସେଣ୍ଟର ସୋମବାର ଅପରାହ୍ନ ୩ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଭାଜପା ଜିଲା ସଭାପତି ରାହାସ ବିହାରୀ ବେହେରା, କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିବା ସହ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶୋଭା ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର କେନ୍ଦ୍ରର କାର୍ଯ୍ୟ ଓ ମହିଳାମାନଙ୍କ ପାଇଁ ଉପଲବ୍ଧ ୫ଟି ମୁଖ୍ୟ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କେନ୍ଦ୍ରଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଦ୍ୱାରା ପରିଚାଳିତ ହେବ। ଏହି ଅବସରରେ କନ୍ୟା ସନ୍ତାନର ଗୁରୁତ୍ୱ ବୁଝାଇବା ପାଇଁ 'ମୋ ଗେହ୍ଲା ଝିଅ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳଙ୍କ ଦ୍ୱାରା କନ୍ୟା ସନ୍ତାନଙ୍କ ଅଭିଭାବକମାନଙ୍କୁ ସମ୍ମାନିତ କରାଯିବା ସହିତ କିଶୋରୀମାନଙ୍କ ମଧ୍ୟରେ ଅନୁଷ୍ଠିତ 'କିଶୋରୀ ମେଳା' ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


କାମାକ୍ଷାନଗରରେ ୱାନ୍-ଷ୍ଟପ୍-ସେଣ୍ଟରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଗଁଦିଆ ଏନ୍‌ଏସି କାର୍ଯ୍ୟାଳୟ ନିର୍ମାଣ ଦାବି ଜୋରଧରିଲା

**ନିର୍ଦ୍ଦିଷ୍ଟ ଜାଗାରେ ନିର୍ମାଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ**

ଗଁଦିଆ,୯।୨(ବିଶ୍ୱ ମୋହନ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଢେଙ୍କାନାଳ ଜିଲା ଗଁଦିଆକୁ ନୂତନ ଏନ୍‌ଏସି ଭାବେ ଘୋଷଣା କରିବା ପରେ ସାଧାରଣରେ ତତ୍ପରତା ପ୍ରକାଶ ପାଇଛି ଗଁଦିଆ ଏନ୍‌ଏସି କାର୍ଯ୍ୟାଳୟ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣ ନ ହେଲେ ଆନ୍ଦୋଳନ ତିବ୍ରତର ହେବା। ଗଁଦିଆ, ପୋଖରୀଖୋଳ, ବିଧାରପୁର ପଞ୍ଚାୟତର ସାମ୍ନାଥରେ ଓ ମଠଟେଙ୍ଗୁଆ ପଞ୍ଚାୟତ ଇଲେଇଙ୍ଗକୁ ନେଇ ଏନ୍‌ଏସି ଗଠନ କରାଯାଇଛି। ଏନ୍‌ଏସି ନୂତନ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଗଁଦିଆ ପ୍ରଜ୍ଞାନ ମଞ୍ଚର ଆହ୍ୱାନ କ୍ରମେ ଗଁଦିଆ, ଆଙ୍କୁର୍ଣ୍ଣ, ଶ୍ରୀରାମଚନ୍ଦ୍ରପୁର, ଛାଟୁଆ, ଇଲେଇଙ୍ଗର ଭୋଟରମାନେ ଏକାଠିହୋଇ ଗଁଦିଆ ଚଉଣି ଛକ ଠାରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବିଡିଓ ପବିତ୍ର କୁମାର ବେହେରା ଓ ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟ ପାଇଁ ୨/୩ ଟି ଜାଗା ଦାବି କରାଯାଇଛି, ଯାହାକି ଏନ୍‌ଏସି ମଧ୍ୟଭାଗରେ ଅବସ୍ଥିତ ଏବଂ ଜନସାଧାରଣଙ୍କୁ ଏହି ଜାଗା ସମସୁବିଧ ହେବ ବୋଲି ଦାବି କରିଛନ୍ତି। ଗଁଦିଆ ପଞ୍ଚାୟତରେ ଶ୍ରୀରାମଚନ୍ଦ୍ରପୁର ମୌଜାର ଖାତା ନଂ-୬୪ ର ୩୮୫, ୩୮୬, ୩୮୭ନଂ ପ୍ଲଟ, ଖାତା ନଂ-୬୨ର ୫୯୨, ୫୯୩, ୫୯୪, ୫୯୭ନଂ ପ୍ଲଟ ଏବଂ ଏହାବ୍ୟତୀତ ଗଁଦିଆ ନିର୍ମାଣାଧୀନ କୋର୍ଟର ପଶ୍ଚିମ ପଟରେ ବହୁ ସରକାରୀ ଜମି ରହିଛି। ଉକ୍ତ ଜାଗାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାରେ ଗଁଦିଆ ପ୍ରଜ୍ଞାନ ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁଙ୍କ ଆହ୍ୱାନକ୍ରମେ ପୂର୍ବତନ ସରପଞ୍ଚ ମହାରାଜ ବରିକ, ପ୍ରଭାକର ବେହେରା, ମନୟ ଜେନା, କମଳ ଲୋଚନ ସେଠୀ, ସଦାନନ୍ଦ ବେହେରା, ରବିନାରାୟଣ ସେଠୀ, ଇଲେଇଙ୍ଗର ରାମଚନ୍ଦ୍ର ସାହୁ, ବିପିନ ବିହାରୀ ସାହୁ, ମହେନ୍ଦ୍ର ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବଗୋଷ୍ଠୀ ଓ ମହିଳାମାନେ ସାମିଲ ହୋଇଥିଲେ। ଗଁଦିଆ ପ୍ରଜ୍ଞାନ ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁ କହିଛନ୍ତି, ଗଁଦିଆ ଖାଲି ନାମରେ ସୀମିତ ରହିଛି। ଗଁଦିଆ ମୌଜାରେ ସରକାରୀ ଜାଗା ଥିବା ବେଳେ ଅନ୍ୟ ଜାଗାରେ ସବୁ ସରକାରୀ ଅଫିସ ନିର୍ମାଣ ହେଉଛି। ଏନ୍‌ଏସି କାର୍ଯ୍ୟାଳୟ ଗଁଦିଆ ମୌଜାରେ ନିର୍ମାଣ ହେବାକୁ ଦାବି ଉଠାଉଛୁ। ଯଦି ଦାବି ପୂରଣ ନ ହୁଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା କହିଛନ୍ତି, ଗଁଦିଆ ପଞ୍ଚାୟତର ବହୁଜନତା ଓ ଅନଲୋକମାନେ ଏନ୍‌ଏସି କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବିପତ୍ର ଦେଇଛନ୍ତି। ଏ ଦିଗରେ ଅନୁଧ୍ୟାନ କରି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା। ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ର କହିଛନ୍ତି, କାର୍ଯ୍ୟାଳୟ ନିର୍ମାଣ ପାଇଁ ଯଦି ଜାଗା ଉପଯୁକ୍ତ ହୋଇଥାଏ, ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଗଁଦିଆ ଏନ୍‌ଏସି କାର୍ଯ୍ୟାଳୟ ନିର୍ମାଣ ଦାବିରେ ଆୟୋଜିତ ଶୋଭାଯାତ୍ରା।

# ଅସଦାଚରଣ ଅଭିଯୁକ୍ତ ଗିରଫ

ପବିତ୍ରନଗର,୯।୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତ ଜିତେନ୍ଦ୍ର ମହାତୋ (୪୨)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜିତେନ୍ଦ୍ରଙ୍କ ଘର ଝାଡ଼ଖଣ୍ଡ ହରିହରପୁର ଥାନା ଗୁମାଡ଼ୋ ଗ୍ରାମରେ। ସେ କଣିହାଁ ଥାନା ଅଞ୍ଚଳର ଏକ ପ୍ଲାଣ୍ଟର ଠିକା ସଂସ୍ଥାରେ କାମ କରୁଥିଲା। ଏ ନେଇ ଗତ ୬ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଧର୍ମପରାୟଣ ମହିଳାଙ୍କ ସ୍ମୃତିଚାରଣ ସଭା



ସ୍ମୃତିଚାରଣ ସଭାରେ ଅତିଥିମାନେ।

ଗଁଦିଆ,୯।୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସୋରିଶିଆପଦା ସରପଞ୍ଚ ପ୍ରଦୀପ ରାଉତଙ୍କ ମାତା ଧର୍ମପରାୟଣ ମହିଳା ଦ୍ରୌପଦୀ ରାଉତଙ୍କ ନିମନ୍ତେ ସୋମବାର ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ସରପଞ୍ଚ ପ୍ରଦୀପଙ୍କ ତତ୍ତ୍ୱାବଧାନରେ ଗଁଦିଆ ସ୍ମୃତି ସଂସଦ ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଗଁଦିଆ ସ୍ମୃତି ସଂସଦ ସଂଯୋଜକ ଅଭିମନ୍ୟୁ ଦାସ ଶାନ୍ତି ପାଠ କରିଥିଲେ। ଜିଲା ବିଜୁ ଜନତା ଦଳ ସଭାପତି ଡା. ନୃସିଂହ ଚରଣ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ସରୋଜ କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ରବୀନ୍ଦ୍ର କୁମାର ସାବତ, ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ, ଢେଙ୍କାନାଳ ଏପିକ ପ୍ରତିନିଧି ଲଳିତ କୁମାର ଦାସ, ଧର୍ମାନନ୍ଦ ବରାଳ, ଶୁଭେନ୍ଦୁ କୁମାର ସାହୁ, ଧର୍ମାନନ୍ଦ ପରିଡ଼ା, ସୁଜନ ମହାପାତ୍ର, ସମିତି ସଭ୍ୟ ବନମାଳୀ ପରିଡ଼ା, ମହାରାଜ ବରିକ, ତମ୍ବୁଧର ସେଠୀ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ ସାହୁ, ଶ୍ୟାମ ସୁନ୍ଦର ସ୍ୱାଇଁ, ଏବିଡିଓ ଏସ୍ ନିବେଦ୍ୟ, ସରପଞ୍ଚ ବିଜୟ କୁମାର ଦେହୁରୀ, କୈଳାସ ଚନ୍ଦ୍ର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ପରିଡ଼ା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶିକ୍ଷାବିତ୍ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**

Notice No:-04/2025-26

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for SOR "Material" Pump, Motor, Pressure gauge, Lightning Arrester, Transformer, Foot Valve, Stabilizer, Termination Kit etc items pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 11.02.2026 at 02:30 hrs. to 24.02.2026 at 05:00 hrs. The quotation will be opened on 25.02.2026 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division,
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID : ee.mechdivisiondhanbad003@gmail.com.

Executive Engineer,
D.W. & S. Mechanical Division
Dhanbad.

PR 372668 Drinking Water and Sanitation(25-26)#D

ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ Union Bank of India
ମହାନଦୀ ବିହାର ଶାଖା
ପ୍ଲଟ ନଂ.: ୧୩୩୭, ମହାନଦୀ ବିହାର, ଜିଲ୍ଲା: କଟକ, ପିନ୍- ୭୫୩୦୦୪
ଡିମାଣ୍ଡ ନୋଟିସ୍

ଆମର ମହାନଦୀ ବିହାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନ୍ୱୟନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

[illegible]

| ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା, [illegible] ବନ୍ଧକଦାତା: ଶ୍ରୀମତୀ କଳ୍ପଲତା ସାହୁ [illegible] | ୧)କ୍ୟାଶ କ୍ରେଡିଟ୍ ୨)ଏମ୍‌ଏସ୍‌ଏମ୍‌ଇ ୩)ଏମ୍‌ଏସ୍‌ଏମ୍‌ଇ | ୨୬.୦୧.୨୦୨୬ / ୦୩.୦୨.୨୦୨୬ / ଟ.୪୮,୬୭,୧୦୦.୪୩ + ସେବାକର ଇତ୍ୟାଦି | ଶ୍ରୀମତୀ କଳ୍ପଲତା ସାହୁଙ୍କ ନାମରେ ଥିବା [illegible] |

[illegible]

ସ୍ଥାନ : କଟକ, ତାରିଖ : ୦୯.୦୨.୨୦୨୬ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପାଠପଢ଼ି ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ

କାମାକ୍ଷାନଗର,୯।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କନ୍ଧରା ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରିୟଦର୍ଶିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠପଢ଼ି ଛାତ୍ରଛାତ୍ରୀମାନେ ଆଦର୍ଶ ହୋଇଥାନ୍ତି। ପାଠପଢ଼ିବା ସହିତ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇ ଜିଲା ଓ ରାଜ୍ୟର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଉପଜିଲାପାଳ ଦିନମଣି ନାୟକ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି, ଭାଜପା ଜିଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ପ୍ଲସ୍‌୨ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ଏବଂ ଓଡ଼ିଶା ଜେଇଇ ପରୀକ୍ଷାରେ ୯୮.୫ ପ୍ରତିଶତ ନମ୍ବର ରଖି ଏନ୍‌ଆଇଟି ରାଉରକେଲାରେ ସ୍ଥାନ ପାଇଥିବା ଛାତ୍ର ଗାନ୍ଧିଜୀ ବେହେରା, ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ପ୍ରିୟାଂଶୀ ସାହୁ, ନେଟ୍‌ବଲରେ ଜାତୀୟସ୍ତରରେ ସଫଳତା ପାଇଥିବା ଦେବସ୍ମିତା ମହାନ୍ତଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବସନ୍ତ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ କମଳ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନ୍ଧରାର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।


କନ୍ଧରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଆଇନ ଛାତ୍ରୀଙ୍କୁ ଗୁଳି କଲେ ସହପାଠୀ

## ହତ୍ୟା ପରେ ନିଜେ ନିଜକୁ ଗୁଳି କଲେ

ତର୍ନ ତାରନ,୯।୨(ପି.ଟି.)

ପଞ୍ଜାବର ତର୍ନ ତାରନ୍ ଜିଲାର ଉସ୍‌ମା ଆଇନ ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମହାବିଦ୍ୟାଳୟର ଜଣେ ପ୍ରଥମ ବର୍ଷର ଛାତ୍ର ତାଙ୍କ ସହପାଠିନୀଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜକୁ ଗୁଳି କରିଛନ୍ତି। ମୃତା ଛାତ୍ରୀ ହେଲେ ସନ୍ଦୀପ କୌର। ଗୁଳି କରିଥିବା ଛାତ୍ର ହେଲେ ପ୍ରିନ୍ସ ରାଜ ସିଂହ। ସନ୍ଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପ୍ରିନ୍ସଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ କଲେଜ କ୍ୟାମ୍ପସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ସନ୍ଦୀପ ଏବଂ ପ୍ରିନ୍ସ ଉଭୟେ ପ୍ରଥମ ବର୍ଷର ଆଇନ୍ ଛାତ୍ରୀଛାତ୍ର। ଉଭୟଙ୍କ ବୟସ ୧୯ରୁ ୨୦ ବର୍ଷ ମଧ୍ୟରେ ହେବ। ସୋମବାର ସନ୍ଦୀପ କ୍ଲାସ୍ ରୁମ୍‌ରେ ବସିଥିଲେ। ଏହି ସମୟରେ ପ୍ରିନ୍ସ ସେଠାରେ ପହଞ୍ଚି ସନ୍ଦୀପଙ୍କୁ ଗୁଳି କରିଥିଲେ। ଫଳରେ ସନ୍ଦୀପ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହା ପରେ ସଙ୍ଗେସଙ୍ଗେ ପ୍ରିନ୍ସ ନିଜ ମୁଣ୍ଡକୁ ମଧ୍ୟ ଗୁଳି କରିଥିଲେ। ଏଭଳି ଅଭାବନୀୟ ଏବଂ ଅପ୍ରତ୍ୟାଶିତ ଘଟଣା ଦେଖି ଅନ୍ୟ ଛାତ୍ରୀଛାତ୍ର ଏବଂ କଲେଜ କର୍ତ୍ତୃପକ୍ଷ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରିନ୍ସଙ୍କୁ ରକ୍ତାକ୍ତ ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ କଲେଜ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତର୍ନ ତାରନର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଏସ୍ଏସ୍‌ପି) ସୁରେନ୍ଦ୍ର ଲାମ୍ବାଙ୍କ କହିଛନ୍ତି, ହତ୍ୟା ଏବଂ ଆତ୍ମହତ୍ୟା ଉଦ୍ୟମ ଘଟଣାର କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ମହାବିଦ୍ୟାଳୟର ସିସିଟିଭି ଫୁଟେଜ ସଂଗ୍ରହ କରାଯାଉଛି। ଏଥିସହ ଛାତ୍ରୀଛାତ୍ର ଏବଂ କଲେଜ କର୍ତ୍ତୃପକ୍ଷଙ୍କ ବୟାନ ରେକର୍ଡ କରାଯାଇ ସମସ୍ତ ଦିଗରୁ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ବୋଲି କହିଛନ୍ତି। ତେବେ ଆକ୍ରମଣକାରୀ ଛାତ୍ର ପ୍ରିନ୍ସଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ତଥ୍ୟ ଶୁଣିବାକୁ ମିଳୁଛି। ପ୍ରିନ୍ସ ରହୁଥିବା ମିଲାଇନ୍ ଗ୍ରାମର ସରପଞ୍ଚ ନଛତର ସିଂଙ୍କ କହିବାନୁସାରେ ପ୍ରିନ୍ସଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ହେଲେ ପୋଲିସ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାବେଳେ ପ୍ରିନ୍ସଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କହିଛି। ପ୍ରକାଶ ଯେ, ପ୍ରିନ୍ସଙ୍କ ବାପା ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦ଦିନ ତଳେ ଛୁଟି କାଟି କାର୍ଯ୍ୟସ୍ଥଳକୁ ଯାଇଥିବାବେଳେ ଘରେ ପ୍ରିନ୍ସ ଏବଂ ତାଙ୍କ ମା' ରହୁଥିଲେ।



ସିସିଟିଭିରୁ କଏଦ ହୋଇଥିବା ହତ୍ୟାକାଣ୍ଡର ଦୃଶ୍ୟ।

# କୁଳଡିହା: ପୁଣି ୩ ଶିକାରୀ ଗିରଫ

- ବଜ୍ରକାପ୍ତା କାତି ସହ ୪ ମୋବାଇଲ ଜବତ
- ଗିରଫ ସଂଖ୍ୟା ୧୪ରେ ପହଞ୍ଚିଲା

ନୀଳଗିରି, ୯।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ବନଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଏବଂ ଦେହାବଶେଷ ଚୋରା ଚାଲାଣକୁ ରୋକିବା ଲାଗି ବନବିଭାଗ ଅଭିଯାନ ଚଳାଇଛି। ଶିକାର ପରେ ବନ୍ୟଜନ୍ତୁଙ୍କ ଦେହାବଶେଷ ଚୋରା ଚାଲାଣ କରୁଥିବା ର୍ୟାକେଟର ୩ଜଣଙ୍କୁ ସୋମବାର ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଏମାନଙ୍କୁ ମିଶାଇ ଗିରଫ ସଂଖ୍ୟା ୧୪ରେ ପହଞ୍ଚିଛି। ଅଭିଯୁକ୍ତଙ୍କୁ ବନ୍ୟଜନ୍ତୁ ଶିକାର ନିରୋଧ ଆଇନ ଅଧିନରେ ୨୦୨୫ ଜାନୁଆରୀ ୨ରେ ରୁଜୁ ହୋଇଥିବା ମାମଲା(ନଂ. ୧୭/୨୦୨୫–୨୬) ବଳରେ ଗିରଫ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫ୍‌ଓ ତଥା କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢାଉ ଜାରି ରହିଛି। ୨୦୨୫ ଜାନୁଆରୀ ୨୨ଠାରୁ ଉକ୍ତ ଘଟଣାକୁ ସ୍ୱତନ୍ତ୍ର ରେଜିଷ୍ଟ୍ରିଭୁକ୍ତ କରାଯାଇ ତଦନ୍ତ ଚାଲୁ ରହିଛି। ଏହକ୍ରମରେ ବନ୍ୟଜନ୍ତୁ ଦେହାବଶେଷ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ଅନ୍ୟ ୨ଜଣ ପୁରୁଷଙ୍କୁ ସୋମବାର ଗିରଫ କରାଯାଇ ସେମାନଙ୍କ ନିକଟରୁ ୩୦ଟି ବଜ୍ରକାପ୍ତା କାତି, ୪ଟି ମୋବାଇଲ ଜବତ କରାଯାଇଛି। ଗିରଫ ହୋଇଥିବା ୩ଜଣ ବନ୍ୟଜନ୍ତୁ ଦେହାବଶେଷ ବେପାରୀଙ୍କ ମଧ୍ୟରୁ ସମ୍ପୃକ୍ତ ମହିଳାଜଣକ ଉକ୍ତ ଘଟଣାର କିଙ୍ଗପିନ୍ ବୋଲି ବନବିଭାଗ କହୁଛି। ଗତ ୩ ତାରିଖରେ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା।




ବନ୍ୟଜନ୍ତୁଙ୍କ ଦେହାବଶେଷ ସହ ଗିରଫ ଶିକାରୀ।

# ସରକାରୀ ଅର୍ଥ ଆତ୍ମସାତ୍, ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୯।୨
(ରାକେଶ କୁମାର ରାଉତ)

ସରକାରୀ ଅର୍ଥ ଆତ୍ମସାତ ମାମଲାରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଣେ ପ୍ରଧାନ ଶିକ୍ଷକ ଓ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟି ସଭାପତିଙ୍କୁ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ତୁମୁଡିବନ୍ଧ ବ୍ଲକ୍ ତୁଆକୁଲା ନୂତନ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଏବଂ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟିର ସଭାପତି ଧ୍ରୁବ ଚରଣ ମାଝୀ। ଉଭୟଙ୍କୁ ୪ ବର୍ଷ ଲେଖାଏ ଜେଲଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୪ ମାସ ଜେଲ ଭୋଗିବା ପାଇଁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁସାରେ, ୨୦୧୫ ରେ ତୁଆକୁଲା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଥିବା ବେଳେ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ମିଳିଥିବା ଅନୁଦାନରୁ ୨ ଲକ୍ଷ ୪୧ ହଜାର ୭୨୨ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୪୦/୧୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ପ୍ରଭାତ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# କୋର୍ଟରେ ହାଜର ହେଲେ ମଦନ, ୧୭ରେ ଚାର୍ଜଫ୍ରେମ

ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ସୋମବାର ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ହ୍ୱିଲ ଚେୟାରରେ କୋର୍ଟକୁ ଅଣାଯାଇଥିଲା। ମାମଲାର ଅନ୍ୟ ୧୫ଜଣ ଅଭିଯୁକ୍ତ ଭିସିରେ କୋର୍ଟରେ ହାଜର ହୋଇଥିଲେ। ସୋମବାର ମାମଲାର କମିଟିମେଣ୍ଟ ହୋଇଥିଲା। ଏହାପରେ ମାମଲାକୁ ଏଡିଜେ–୩ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ଆସନ୍ତା ୧୭ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତଦିନ କେତେକ ଜାମିନ ଆବେଦନ ଶୁଣାଣି ହେବା ସହିତ ଚାର୍ଜଫ୍ରେମ ହେବ ବୋଲି ଜଣାପଡିଛି। ଏଥିସହିତ କୋର୍ଟ ମାମଲାର ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ ଓ ମଦନଙ୍କ ମେଡିକାଲ ରିପୋର୍ଟ ମାଗିଥିବା ପ୍ରତିପକ୍ଷଙ୍କ ଓକିଲ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ଅଭିଯୁକ୍ତ ମଦନଙ୍କ ବ୍ୟତୀତ ଅନ୍ୟ ୧୫ ଜଣ ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ହାଜର ହୋଇଥିଲେ। ମଦନଙ୍କ ସ୍ୱାସ୍ଥ୍ୟ ଭଲ ଥିବାରୁ ସେ ହାଜର ହୋଇ ପାରିନଥିଲେ।



ଅଭିଯୁକ୍ତ ମଦନ ଦଳେଇଙ୍କୁ କୋର୍ଟକୁ ନିଆଯାଉଛି।

# ବସ୍ ଯାତ୍ରୀଙ୍କଠାରୁ ଲୁଟ୍ ଉଦ୍ୟମ ବାଧାଦେବାରୁ ହାଣିଲେ

ଭଦ୍ରକ,୯।୨(ସନାତନ ରାଉତ)

ଭଦ୍ରକ ସହର ବନ୍ତଛକ ବସ୍‌ଷ୍ଟାଣ୍ଡ ନିକଟରେ ସୋମବାର ବସ୍‌ରୁ ଓହ୍ଲାଇ ପରିସ୍ରା କରିବା ପାଇଁ ନିଛାଟିଆ ଜାଗାକୁ ଯାଇଥିବା ବେଳେ ଜଣେ ଯାତ୍ରୀଙ୍କଠାରୁ ଲୁଟ୍ ଉଦ୍ୟମ କରାଯାଇଛି। ଏଥିରେ ବାଧା ଦେବାରୁ ଯାତ୍ରୀ ଜଣକ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା ବାରିପଦାର ଯତିରଞ୍ଜନ ପୃଷ୍ଟି।

ସୂଚନା ଅନୁଯାୟୀ, ଯତିରଞ୍ଜନ ତାଙ୍କ ଶ୍ୱଶୁର ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ଆୟତନରୁ ବସ୍‌ରେ ବାରିପଦା ଫେରୁଥିବା ବେଳେ ଭଦ୍ରକ ବନ୍ତଛକ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ପରିସ୍ରା କରିବା ପାଇଁ ସେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ନିଛାଟିଆ ଜାଗାକୁ ଯାଇଥିବା ବେଳେ ୪/୫ଜଣ ଯୁବକ ତାଙ୍କୁ ପିଛା କରିଥିଲେ। ତାଙ୍କୁ ଏକୁଟିଆ ଦେଖି ସେମାନେ ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇବା ସମୟରେ ସେ ବାଧା ଦେଇଥିଲେ। ସେମାନଙ୍କ ସହ ଧସ୍ତାଧସ୍ତି ହୋଇଥିବା ବେଳେ ସେ ଚେନ୍‌କୁ ଛାଡ଼ି ନ ଥିଲେ। ସେମାନେ ଚେନ୍ ନେଇ ନ ପାରିବାରୁ ତାଙ୍କୁ ତଳେ ପକାଇ ମାଡ଼ ମାରିବା ସହ ଭୁଜାଲିରେ ତାଙ୍କ ଡାହାଣ ଗୋଡ଼କୁ ହାଣି ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ପୋଲିସ ପହଞ୍ଚି ଯତିରଞ୍ଜନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ବସ୍‌ଷ୍ଟାଣ୍ଡରେ ଲାଗିଥିବା ସିସିକ୍ୟାମେରା ଯାଞ୍ଚ କରିଛି।

## Business

# ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ

### ଅର୍ଥନୈତିକ ସଂଘର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

କିଟ୍ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ କମର୍ସ ଏବଂ ଓ ଅର୍ଥନୈତିକ ସଂଘ(ଓଇଏ)ର ମିଳିତ ସହଯୋଗରେ ଓଇଏର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ୨ଦିନିଆ ସମ୍ମିଳନୀର ବିଷୟବସ୍ତୁ ଥିଲା 'ଭାରତ ଓ ବିଶ୍ୱ ବାଣିଜ୍ୟ: ସାମଗ୍ରୀ ଚୁକ୍ତିନାମା ଓ ନୀତି'। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖ୍ୟାତିସମ୍ପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର ଦୀପକ ନାୟାର ଯୋଗଦେଇ ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ ବୋଲି କହିଥିଲେ। ବିକାଶଶୀଳ ଦେଶଗୁଡ଼ିକରେ ନିଯୁକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଯୁକ୍ତି ଦୃଷ୍ଟିକୋଣରୁ ସାମଗ୍ରିକ ଅର୍ଥନୈତିକ ନୀତିଗୁଡ଼ିକୁ ପୁନର୍ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇ କହିଲେ, କିଟ୍‌ଓ କିସ୍ ଭଳି ଅନୁଷ୍ଠାନ ସଶକ୍ତ ଅର୍ଥନୀତିର ଉତ୍ତମ ଉଦାହରଣ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଓ ଇକୋନୋମିକ ଆସୋସିଏଶନର ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କା, ସମ୍ପାଦକ ଡ. ହିମାଂଶୁ ଶେଖର ରାଉତ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଶାଶ୍ୱତ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ଥନୀତି ତଥା ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ତର୍ଭୁକ୍ତି ବିକାଶ, ସ୍ଥାୟିତ୍ୱ ଓ ନୀତିଗତ ପ୍ରାସଙ୍ଗିକତାକୁ ଆଗକୁ ବଢ଼ାଇବାରେ ଅର୍ଥନୀତିର କେନ୍ଦ୍ରୀୟ ଭୂମିକା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚକମାନେ ଆଲୋଚନା କରିଥିଲେ। ଓଇଏ ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଫେସର ହିମାଂଶୁ ଶେଖର ରାଉତ ସମ୍ମିଳନୀ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପ୍ରଫେସର ଦେବାଶିଷ ମିଶ୍ର ନିଲାମ ଡିଜାଇନର ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ। ପ୍ରୋତ୍ସାହନ, ସୂଚନା ଓ ରଣନୈତିକ ଆଚରଣ ଦ୍ୱାରା ବଜାର କିପରି ଆକୃତି ପାଇଥାଏ ତା' ଉପରେ ସୂଚନା ଦେଇଥିଲେ। ସମ୍ମିଳନୀରେ ସାରା ଦେଶରୁ ୩ଶହରୁ ଅଧିକ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଓ ଛାତ୍ରୀଛାତ୍ରଙ୍କୁ ବିକାଶ, ସ୍ଥିରତା ତଥା ଭବିଷ୍ୟତର ଅର୍ଥନୈତିକ ମାର୍ଗ ଉପରେ ଏକ ଭିନ୍ନ ଚିନ୍ତାଧାରା ପ୍ରଦାନ କରାଯାଇଥିଲା।




# ସୁନା ୧୩୧୦, ରୁପା ୧୫ହଜାର ଟଙ୍କା ବଢ଼ିଲା

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଓ ରୁପା ଦର ବଢ଼ିବାରେ ଲାଗିଛି। ସୋମବାର ୨୪କ୍ୟାରେଟ ସୁନାର ଦାମ ୧୩୧୦ଟଙ୍କା ବୃଦ୍ଧି ପାଇଛି। ୨୪କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧ଲକ୍ଷ ୫୮ହଜାର ୬୦ଟଙ୍କା ହୋଇଛି। ରବିବାର ଏହା ୧,୫୬,୭୫୦ ରହିଥିଲା। ସେହିପରି



୨୨କ୍ୟାରେଟ ସୁନାର ଦାମ ୧୦ଗ୍ରାମ ପିଛା ୧ଲକ୍ଷ ୪୪ହଜାର ୯୦୦ଟଙ୍କା ହୋଇଛି। ୧୨୦୦ ଟଙ୍କା ଦର ବୃଦ୍ଧି ପାଇଛି। ରବିବାର ୨୨କ୍ୟାରେଟ ସୁନା ୧ଲକ୍ଷ ୪୩ହଜାର ୭୦୦ ଟଙ୍କା ରହିଥିଲା। ଅନ୍ୟପଟେ ରୁପା ଦର ୧୫ହଜାର ଟଙ୍କା ବୃଦ୍ଧି ପାଇଛି। କିଲୋଗ୍ରାମ ପ୍ରତି ରୁପା ଦର ଆଜି ୩ଲକ୍ଷରେ ପହଞ୍ଚିଛି । ରବିବାର ୨ଲକ୍ଷ ୮୫ହଜାର ଟଙ୍କା ରହିଥିଲା।

# ହିତାଧିକାରୀଙ୍କୁ ୧୦୩ କୋଟିର ଋଣ ମଞ୍ଜୁରୀ ପତ୍ର




ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଥିତ ଜନ ଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏମ୍ଏସ୍ଏମ୍ଇ ଉଦ୍ୟୋଗଗୁଡ଼ିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ–ଡିଏଫ୍‌ଓର ନିର୍ଦ୍ଦେଶକ ପି.କେ. ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି.ଏସ୍. ରାଠୋର, ଡିଆଇସି ଉପମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀ, ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମର କର୍କଟ ସଚେତନତା ଅଭିଯାନ




ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଲାଞ୍ଜିଗଡ଼ ଆଲୁମିନା ବିଶୋଧନ କେନ୍ଦ୍ର ନିକଟସ୍ଥ ଅଞ୍ଚଳରେ ଏକ ବିସ୍ତୃତ ଦୁଇ ଦିନିଆ କର୍କଟ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ୫୦୦ରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଓ ଛାତ୍ରୀଛାତ୍ର କର୍କଟ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଏବଂ ସୁଲଭ ଚିକିତ୍ସା ପଦ୍ଧତି ବିଷୟରେ ଜ୍ଞାନ ହାସଲ କରିଛନ୍ତି। ଏହି ଅଭିଯାନର ଅଂଶ ଭାବେ କାଙ୍କେରୀ ଗାଆଁରେ ଅନୁଷ୍ଠିତ ଏକ ସମ୍ପ୍ରଦାୟ କେନ୍ଦ୍ରିତ ଆଉଟରିଚ କାର୍ଯ୍ୟକ୍ରମରେ ଅଧିବାସୀମାନେ ଚିକିତ୍ସକଙ୍କ ସହିତ ସିଧାସଳଖ ଆଲୋଚନା କରି କର୍କଟ ସନ୍ଧାନ, ଚିକିତ୍ସା ଏବଂ ନିରାକରଣ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ। ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମ ଅଙ୍ଗନୱାଡି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ) ଓ ଆଶା କର୍ମୀଙ୍କ ପାଇଁ ସଚେତନତା ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଏସଏସଡି ବିଦ୍ୟାଳୟ ଏବଂ ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଭଳି ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସାମିଲ କରିଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେ ଉତ୍କୃଷ୍ଟ ଆରୋଗ୍ୟ ସେବା ପହଞ୍ଚିବା ସାମାଜିକ–ଅର୍ଥନୈତିକ ପ୍ରଗତିର ଏକ ଉତ୍ପ୍ରେରକ ।

# କଲ୍ୟାଣ ଜୁଏଲର୍ସ ଶୋ'ରୁମ୍ ଉଦ୍‌ଘାଟନ କଲେ ମଲାଇକା

ଢେଙ୍କାନାଳ,୯।୨(ରତନ ନାୟାର)

କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୋମବାର ଢେଙ୍କାନାଳ ଗୁଡ଼ିଆନାଳୀସ୍ଥିତ ଫିଲିଂ ଷ୍ଟେଶନ ନିକଟରେ ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଛି। ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ଏହି ଶୋ'ରୁମ୍‌କୁ ଉଦ୍‌ଘାଟନ କରି କହିଥିଲେ, ଢେଙ୍କାନାଳ ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ଭଲପାଇବା ପ୍ରଦାନ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପ୍ରକାରର ମନୋହର ଅଳଙ୍କାର ସଂଗ୍ରହକୁ ଅନୁଭବ କରିପାରିବେ। କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଲେ, ଢେଙ୍କାନାଳରେ ନୂତନ ଶୋ'ରୁମ୍ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବ। ଏହି ଅବସରରେ କଲ୍ୟାଣ ଜୁଏଲର୍ସ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଇନ୍–ଷ୍ଟୋର ଅଫର, ୦% ମେକିଂ ଚାର୍ଜ, ବ୍ରାଣ୍ଡର ସ୍ୱତନ୍ତ୍ର ସୁନା ବୋର୍ଡରେଟ୍, କମ୍ପାନୀର ସ୍ୱତନ୍ତ୍ର ସୁନା ବୋର୍ଡ ମୂଲ୍ୟ, ଯାହା ବଜାରରେ ସର୍ବନିମ୍ନ ଓ ସମସ୍ତ ଶୋ'ରୁମ୍ ପାଇଁ ସମାନ। ଗ୍ରାହକମାନେ ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ବିସ୍ତୃତ ଉତ୍ପାଦ ସୂଚନା, ସ୍ୱଚ୍ଛ ବିନିମୟ ଓ ବାଏ ବ୍ୟାକ୍ ନୀତି ଗ୍ୟାରେଣ୍ଟି ପାଇପାରିବେ। ଏଠାରେ କଲ୍ୟାଣର ଲୋକପ୍ରିୟ ନିଜସ୍ୱ ମନୋହର ଡିଜାଇନ୍ ମୁହୁରତ୍ (ବିବାହ ଅଳଙ୍କାର), ମୁଦ୍ରା(ହସ୍ତକଳା ପ୍ରାଚୀନ ଅଳଙ୍କାର), ନିମାହ(ମନ୍ଦିର ଅଳଙ୍କାର) ବ୍ରାଣ୍ଡଗ୍ଲୋ(ଡାନ୍ସିଂ ଡାଏମଣ୍ଡ), ଜିଆ(ସୋଲିଟେୟାର–ଭଳି ହୀରା ଅଳଙ୍କାର), ଅନୋଖୀ(ଅନ୍‌କଟ ଡାଏମଣ୍ଡ), ଅପୂର୍ବ(ବିଶେଷ ଅବସର ପାଇଁ ହୀରା), ଅନ୍ତରା(ବିବାହ ହୀରା), ହେରା(ଦୈନନ୍ଦିନ ପରିଧାନ ହୀରା), ରଙ୍ଗ(ମୂଲ୍ୟବାନ ପଥର ଅଳଙ୍କାର) ଏବଂ ସମ୍ପ୍ରତି ଉନ୍ମୋଚିତ କରାଯାଇଥିବା ଲୀଳା (ମୂଲ୍ୟବାନ ପଥର ଏବଂ ହୀରା ଅଳଙ୍କାର) ରହିଛି ।



# ଆଇସିଏଆଇର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଇଣ୍ଡିଆ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଇନଷ୍ଟିଚ୍ୟୁଟ (ଆଇସିଏଆଇ)ର ପୂର୍ବ ଭାରତ ଆଞ୍ଚଳିକ ପରିଷଦ ଅଧୀନ ଭୁବନେଶ୍ୱର ଶାଖା ପକ୍ଷରୁ 'ଉଦୀୟମାନ କର ସଂସ୍କାର ଏବଂ ବିଶ୍ୱସ୍ତରୀୟ ଅଭ୍ୟାସ' ଉପରେ ଏକ ୨ ଦିନିଆ ଜାତୀୟ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଓଡ଼ିଶାର ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଆଇଏଏସ୍ ଯାମିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦୀୟମାନ କର ସଂସ୍କାର ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା କଥା ଉଲ୍ଲେଖ କରିଥିଲେ। ସିଏ ଶରତ ଚନ୍ଦ୍ର ଭଦ୍ର ଏବଂ ସିଏ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଅଧ୍ୟକ୍ଷ ସିଏ ମହେନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ଏବଂ ସଚିବ ସିଏ ଡ. ପୃଥ୍ୱୀରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ। ପ୍ରଥମ ଦିନ ଅଧିବେଶନରେ କୋଲକାତାର ଜିଏସ୍‌ଟି ବିଶେଷଜ୍ଞ ସିଏ ଅଭିଷେକ ଟିବ୍ରେୱାଲ ଜିଏସ୍‌ଟି ମୂଲ୍ୟାଙ୍କନ, ଯାଞ୍ଚ ଏବଂ ଅଡିଟ୍‌ର ସଦ୍ୟତମ ଧାରା ଏବଂ ନୋଟିସ ଉପରେ ଆଲୋଚନା କରିଥିଲେ। ଇନ୍ଦୋରର ପ୍ରସିଦ୍ଧ କର ବିଶେଷଜ୍ଞ ସିଏ ମନୀଷ ଡାଫ୍ରିଆ 'କେନ୍ଦ୍ରୀୟ ବଜେଟ୍ ୨୦୨୬ ଏବଂ ଆୟକର ଆଇନ–୨୦୨୫–ପରିବର୍ତ୍ତନର ରୋଡ୍‌ମ୍ୟାପ' ଉପରେ ସୂଚନା ଦେଇଥିଲେ। ଜିଏସ୍‌ଟି ବିଶେଷଜ୍ଞ ସିଏ ବିଶାଳ ପୋଦ୍ଦାର 'ଜିଏସ୍‌ଟି ଆପିଲ୍ସ: ଫାଇଲିଂ, ଡ୍ରାଫ୍ଟିଂ ଏବଂ ପ୍ଲିଡିଂ' ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଦ୍ୱିତୀୟ ଦିନ ଅଧିବେଶନରେ ଚେନ୍ନାଇର ବକ୍ତା ସିଏ ଆର୍ ଏସ୍ ବାଲାଜୀ ଏବଂ ଇଆଇଆର୍‌ସି ସଦସ୍ୟ ତଥା ଭୁବନେଶ୍ୱରର ବକ୍ତା ସିଏ ବିଶ୍ୱ ରଞ୍ଜନ ସୂତାର କମ୍ପାନୀ ଧାରା ୨୦୧୩, ଶ୍ରମ ଆଇନ ଓ ଏମ୍‌ସିଏ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଶିରିଡିର କର ବିଶେଷଜ୍ଞ ସିଏ ପ୍ରସାଦ ଭଣ୍ଡାରୀ ଆୟକର ଆଇନ ୨୦୨୫ ଅନୁସାରେ ମୂଲ୍ୟାୟନ, ଅପିଲ, ଅପିଲ ଓ ସଂଶୋଧନ ଉପରେ ଆଲୋଚନା କରିଥିଲେ। ଶେଷ ଅଧିବେଶନରେ ସିଏ ଅଶ୍ୱିନୀ କୁମାର କର ଏବଂ ସିଏ ଅରୁଣ କୁମାର ସାବତ ଉପସ୍ଥିତ ଥିଲେ। ସିଏ ସୌମ୍ୟ ସୁନୀଲ ସାହୁ, ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ ଏବଂ ସିଏ ପ୍ରଣବ କିଶୋର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଗଛ ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଅଭିଯୋଗ**

ସନ୍ଥିଛକ,(ସନ୍ତୋଷ ପରିଡ଼ା): ଅନୁଗୋଳ ଜିଲା ବଅଁରପାଳ ଥାନା ବଉଳିଗଡ଼ ପଞ୍ଚାୟତ ଅରାହାଟ ଗ୍ରାମର ସାନ୍ତନୁ ସାହୁ(୫୯)ଙ୍କ ଜମିରେ ଥିବା ଗଛକୁ ତାଙ୍କ ଭାଇ ସୁବାସ ସାହୁ ଓ ପୁଅ ମିଶି କାଟି ନେବାକୁ ସେ ବିରୋଧ କରିଥିଲେ। ଫଳରେ ସେମାନେ ସାନ୍ତନୁଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସାନ୍ତନୁ ସୋମବାର ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



# ଚେକ୍ ଡ୍ୟାମ୍‌ରୁ ମୃତଦେହ ଜବତ

**ବଇଣ୍ଡା, ୯।୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ତଗାଦରହ ଚେକ୍ ଡ୍ୟାମ୍‌ରୁ ସୋମବାର ବ୍ରାହ୍ମଣୀଦେଇ ଗ୍ରାମର କ୍ଷୀରୋଦ ପାତ୍ରଙ୍କ ମୃତଦେହ କିଶୋରନଗର ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କ୍ଷୀରୋଦଙ୍କ ମୃତଦେହ ଉକ୍ତ ଚେକ୍ ଡ୍ୟାମ୍‌ରେ ଭାସୁଥିବାବେଳେ ଅଞ୍ଚଳବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। କିପରି ତାଙ୍କର ମୃତ୍ୟୁ ହେଲା ତାହା ଜଣାପଡ଼ି ନ ଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

# ଏନ୍‌ଏସି ଦୃଷ୍ଟି ଆଢୁଆଳରେ ଭୁବନ ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର

**ଭୁବନ,୯।୨ ( ବିପିନ ବିହାରୀ ସେଠୀ)**



ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର, ପାନୀୟଜଳ ଓ ଶୌଚାଳୟ ଅବସ୍ଥା ଶୋଚନୀୟ ଅବସ୍ଥା ରହିଛି। ଏ ନେଇ ନୂଆ ବଜାର ବଣିକ ସଂଘ ପକ୍ଷରୁ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଲୋକପ୍ରତିନିଧିଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମାଧାନ କେବଳ ପ୍ରତିଶ୍ରୁତିରେ ରହିଯାଇଛି। ବଣିକ ସଂଘର ଅଭିଯୋଗ ଅନୁଯାୟୀ, ଭୁବନରୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ବସ୍ ଭୁବନେଶ୍ୱର, କଟକ, ଯାଜପୁର, ଅନୁଗୋଳ, କାମାକ୍ଷାନଗର, ରାଉରକେଲା, ବାଲେଶ୍ୱର, ଭଦ୍ରକ ସହ ରାଜ୍ୟର ବିଭିନ୍ନ ପ୍ରମୁଖ ସହରକୁ ଯାତାୟତ କରୁଛି। ଏଠାରେ ଏକମାତ୍ର ବସ୍‌ଷ୍ଟାଣ୍ଡ ଥିବାବେଳେ ଯାତ୍ରୀଙ୍କ ପାଇଁ ବିଶ୍ରାମକକ୍ଷ ଓ ପ୍ରତୀକ୍ଷାଳୟ, ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଦୀର୍ଘଦିନ ହେବ ଯାତ୍ରୀ ବିଶ୍ରାମାଗାର ଥିଲେ ମଧ୍ୟ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଯାତ୍ରୀମାନେ ଦୋକାନ ବାରଣ୍ଡା, ପିଣ୍ଡି ଓ ଲକ୍ଷ୍ମୀ ମନ୍ଦିର ସମ୍ମୁଖରେ ବସୁଛନ୍ତି ଅପେକ୍ଷା କରୁଛନ୍ତି। ପାନୀୟଜଳ ପ୍ରକଳ୍ପଟି ଅଚଳ ହେବା ସହ ଫ୍ରିଜର ଭାଙ୍ଗି ତଳେ ପଡିଥିବାବେଳେ ଟାଙ୍କିରୁ ପାଣି ଝରି ରାସ୍ତାରେ ବହୁଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଯାତ୍ରୀମାନେ ପାନୀୟଜଳ ପାଇବା କଷ୍ଟକର ହୋଇପଡ଼ିବ। ପ୍ରତିବର୍ଷ ଖରାଦିନ ଆସିଲେ ଏନ୍‌ଏସି କର୍ତ୍ତୃପକ୍ଷ ପାନୀୟ ଜଳ ପ୍ରକଳ୍ପଟି ମରାମତି ନ କରି ଠିକାସଂସ୍ଥା ଦ୍ୱାରା ଅସ୍ଥାୟୀ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ନାମରେ ଲକ୍ଷାଧିକ ଟଙ୍କାର ବିଲ୍‌କରି ହରିଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇଥିଲେ ହେଁ ସମସ୍ତ ଶୌଚାଳୟ ଭାଙ୍ଗି ଥିବାବେଳେ କେତେକରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ କହିଛନ୍ତି, ଯଥାଶୀଘ୍ର ପଦକ୍ଷେପ ନିଆଯିବ। ମରାମତି କ୍ରିୟା ନୂତନ ମେଶିନ ଲଗାଯାଇ ପାନୀୟଜଳ ଯୋଗାଣ କରାଯିବା ସହିତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବିଶ୍ରାମାଗାରକୁ ନୂତନ ଭାବେ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୂଆ ବଜାରରେ ଥିବା ଶୌଚାଳୟକୁ ସ୍ୱଚ୍ଛ ସହାୟକ ଗୋଷ୍ଠୀଙ୍କୁ ପ୍ରତିମାସ ରକ୍ଷଣାବେକ୍ଷଣ ଓ ପରିମଳ ପାଇଁ ଅର୍ଥ ଦିଆଯାଉଛି। ହେଲେ ଉକ୍ତ ଅର୍ଥ କୌଣସି ଠିକ୍ କାର୍ଯ୍ୟରେ ସ୍ୱଂ ସହାୟକ ଗୋଷ୍ଠୀ ଲଗାଉ ନ ଥିବା ଅନୁମାନ କରାଯାଉଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନୂତନ ଗ୍ରୁପକୁ ଦାୟିତ୍ୱ ଦିଆଯିବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ କହିଛନ୍ତି।

# ପ୍ରତାପ ସଭାପତି, ସାଗରନାଥ ସମ୍ପାଦକ

**ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ ନିର୍ବାଚନ**

**ଅନୁଗୋଳ,୯।୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନର ନିର୍ବାଚନ ସୋମବାର ବିନା ପ୍ରତିଦ୍ୱନ୍ଦିତାରେ ଶେଷ ହୋଇଛି। ସଭାପତି ପଦବୀ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନର ଆପେକ୍ସ କାଉନସିଲ ମେମ୍ବର ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ନାମାଙ୍କନପତ୍ର ଦାଖଲ କରି ନିର୍ବିରୋଧରେ ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ବର୍ତ୍ତମାନର ସମ୍ପାଦକ ସାଗରନାଥ ମିଶ୍ର, ଉପସଭାପତି ଭାବେ ପ୍ରଭାତ କୁମାର ସିହ୍ନା ଓ ଅରୁଣ କୁମାର ପୃଷ୍ଟିଙ୍କ, ସହ ସମ୍ପାଦକ ଭାବେ ଗଙ୍ଗାଧର ପଟ୍ଟନାୟକ ଓ ସତ୍ୟେନ୍ଦ୍ର ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ରଞ୍ଜନ କୁମାର ଧାରସାମନ୍ତ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ସମସ୍ତଙ୍କ ପାଇଁ ଖେଳପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି। ବିଗତ ଦିନରେ ସମସ୍ତଙ୍କ ନେତୃତ୍ୱରେ ଅନୁଗୋଳ ଜିଲାରେ କ୍ରିକେଟ ଖେଳ ଓ ଭିତ୍ତିଭୂମି ଯେଉଁ ଦ୍ରୁତ ବିକାଶ ହୋଇଛି ତାହା ଆଗକୁ ମଧ୍ୟ ତ୍ୱରାନ୍ୱିତ ହେବା ସହିତ ଅନୁଗୋଳ ଜିଲାରେ କ୍ରିକେଟ ଖେଳ ଓ ଖେଳାଳି ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ପାଇବେ ବୋଲି ଆଶା ଓ ବିଶ୍ୱାସ ବାନ୍ଧିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

**ପାଲଲହଡା,୯।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡା ଥାନା ପେଟାମୁଣ୍ଡି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଉକ୍ତ ଗ୍ରାମର ଭୀମ ନାଏକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଭୀମ ରବବାର ସନ୍ଧ୍ୟାରେ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜିବା ପରେ ନ ପାଇବାରୁ ପାଲଲହଡା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ସୋମବାର ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ପାଲଲହଡା ପୋଲସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ପଠାଇଦେବା ସହ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ବନ୍ତଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ।

**ବନ୍ତଲା,୯।୨(ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଆରତୀ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ମହେଶ ସାହୁ, ସମ୍ପାଦକ ସୁବାସ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଅନୁଗୋଳ ଚିନ୍ମୟ ମିଶନ ମୁଖ୍ୟ ଆତ୍ମିକାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର, ସରକାରୀ ବୃତ୍ତି ଓ ପଠାଣି ସାମନ୍ତ ଗଣିତ ମେଧାବୃତ୍ତିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପରେ କୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ଓ ବନ୍ଦେ ମାତରମ ଗାନ କରାଯାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

**ଓଡ଼ାପଡ଼ା,୯।୨(ରଞ୍ଜିତ୍ ନାୟକ)**



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅନନ୍ତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ, ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ଓବିସି ମୋର୍ଚ୍ଚା ଢେଙ୍କାନାଳ ଜିଲା ସମ୍ପାଦକ ରଣଜିତ୍ ନାୟକଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପୋଗ୍ରାମ ମ୍ୟାନେଜର ଦୀପକ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ବାର୍ଷିକ ବିବରଣୀ ପାଠ କରିବା ସହ ଚଳିତ ବର୍ଷ ପାଇଁ କେଉଁ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ମ୍ୟାନେଜର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଜି ରାଉତ ଛାତ୍ରାବାସରେ ପବିତ୍ର ମୋହନଙ୍କ ଜୟନ୍ତୀ

**ଅନୁଗୋଳ ୯।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିରରେ ରବିବାର ସନ୍ଧ୍ୟାରେ ଗଡ଼ଜାତ ପ୍ରଜା ଆନ୍ଦୋଳନର ମହାନାୟକ ତଥା ଓଡ଼ିଶାର ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଛାତ୍ରାବାସ ଉପଦେଷ୍ଟା କୃଷ୍ଣା ମହାନ୍ତି, ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ଉତ୍କଳ ସମ୍ମିଳନୀର ସାଙ୍ଗଠନିକ ସମ୍ପାଦିକା ଲିପିକା ମହାପାତ୍ର ପ୍ରମୁଖ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଥିଲେ। ସଭା ପ୍ରାରମ୍ଭରେ ପବିତ୍ର ବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, କ୍ଷୀରୋଦ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ନାୟକ, ଲଳିତା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ପଞ୍ଚାୟତସ୍ତରୀୟ ଶୁଣାଣି ଶିବିରରେ ୧୩ ଅଭିଯୋଗ

**ସନ୍ଥିଛକ,୯।୨(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ପଞ୍ଚାୟତ ସଭାଗୃହଠାରେ ସୋମବାର ଏକ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଟ ୧୩ଟି ଅଭିଯୋଗ ହୋଇଥଲା। ବ୍ଲକରେ ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତାକୁ ନେଇ ବହୁ ବୃଦ୍ଧାବୃଦ୍ଧଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି। ଦୀର୍ଘ ୨ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନେକେ ଆବେଦନ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ। ଏ ନେଇ ବଅଁରପାଳ ବିଡ଼ିଓ ଲୋଚନ ଦାସ ଖୁବ୍‌ଶୀଘ୍ର କ୍ରମାନୁସାରେ ଭତ୍ତା ମିଳିବାନେଇ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ପାଇବା ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଘର ଯୋଗାଇ ଦିଆଯିବ ବୋଲି ସଭାରେ ଆଲୋଚନା ହୋଇଥଲା। ସ୍ୱଚ୍ଛ, ସୃଜନ ଓ ସମସ୍ୟା ସମାଧାନ କରି ଜିଲାରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ବଅଁରପାଳକୁ ଗଢ଼ି ତୋଳାଯିବ ବୋଲି ସରପଞ୍ଚ ଅନସୂୟା ଗଡ଼ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ, ବ୍ଲକର ସମସ୍ତ ଅଧିକାରୀ ଓ ବଅଁରପାଳ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରାଙ୍ଗ ନବୋଦୟରେ ପ୍ରେରଣା ଉତ୍ସବ



କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷାଙ୍କ ସହ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ।

**ପରଜଙ୍ଗ,୯।୨(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ପ୍ରେରଣା ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଉତ୍କର୍ଷ ପ୍ରତିଭାମାନଙ୍କୁ ବିଦ୍ୟାଳୟ ଅଧକ୍ଷା ଡ. ପ୍ରତିମା ମିଶ୍ର ସ୍ୱାଗତ କରିଥିଲେ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିକଳ୍ପିତ ଏହି ପ୍ରେରଣା ଉତ୍ସବ ମାଧ୍ୟମରେ ଢେଙ୍କାନାଳ ଜିଲାର ୩୦ ଜଣ ଛାତ୍ରୀଛାତ୍ର ଜାତୀୟସ୍ତର ପାଇଁ ମନୋନୀତ ହୋଇଥିଲେ। ସେମାନେ ପ୍ରବନ୍ଧ ଲିଖନ, କବିତା ପଠନ, ଚିତ୍ରାଙ୍କନ, ଗଳ୍ପ କଥନ, କେରିକେଚର ଆଦି ବହୁବିଧ ବିଭାଗରେ ନିଜର ଅନ୍ତର୍ନିହିତ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ସ୍ନାତକୋତ୍ତର ଇତିହାସ ବିଭାଗ ଶିକ୍ଷକ ପଞ୍ଚାନନ ଜେନା ମଞ୍ଚ ସଞ୍ଚାଳନ କରିଥିବାବେଳେ ସ୍ନାତକ ଗଣିତ ବିଭାଗ ଶିକ୍ଷକ ଜିତେନ୍ଦ୍ର ନାୟକ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ।

# ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୯।୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମର ପଦ୍ମିନୀ ମିର୍ଦ୍ଧାଙ୍କୁ ସେହି ଗ୍ରାମର ଅମୃତି ମିର୍ଦ୍ଧା ଓ ତାଙ୍କ ସ୍ୱାମୀ ଅରବିନ୍ଦ ମିର୍ଦ୍ଧା ମାଡ଼ ମାରିବା ସହ ସ୍ୱାମୀଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିବା ପଦ୍ମିନୀ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ପଦ୍ମିନୀ ଘରେ ଥିବାବେଳେ ଅମୃତି ଓ ଅରବିନ୍ଦ ଏକ ଟାଙ୍ଗିଆ ଆଣି ପଦ୍ମିନୀଙ୍କ ସ୍ୱାମୀଙ୍କୁ ହତ୍ୟା କରିବେ ବୋଲି ଖୋଜିଥିଲେ। ତାଙ୍କୁ ନ ପାଇବା ପରେ ପଦ୍ମିନୀଙ୍କୁ ମାଡ଼ ମାରିବା ସହ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳା କାର୍ଯ୍ୟସମିତି ବୈଠକ



**ତାଳଚେର,୯।୨ (ମନୋଜ ନନ୍ଦ)**

ତାଳଚେରରେ ଥିବା ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଶାଳା ମୁଖ୍ୟ ସଞ୍ଜୀବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ଭାଜପା ମିଡିଆ ସେଲ୍ ଜୋନାଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ଗୋଶାଳା ପୂର୍ଣ୍ଣକାର୍ଯ୍ୟକ୍ଷମ ଉପରେ ପ୍ରସ୍ତାବ ରଖିଥିଲେ। ସଞ୍ଜୀବ ରାଉତ ଗୋବର ଓ ଗୋ ମୂତ୍ରରୁ ବିଭିନ୍ନ ଦ୍ରବ୍ୟ କିଭଳି ପ୍ରସ୍ତୁତ ହୋଇ ଲୋକଙ୍କ ସେବାରେ ଲାଗିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟ ସମିତି ବୈଠକରେ ୫୧ ଜଣ ମହିଳା ସଦସ୍ୟତା ଗ୍ରହଣ କରିଥିଲେ। ଗୋଶାଳାକୁ କାର୍ଯ୍ୟକ୍ଷମ କରି ଗୋ ସେବା ସହ ଜନ୍ମଦିନ ପାଳନ ବିଭିନ୍ନ ମହୋତ୍ସବ, ହୋମଯଜ୍ଞ ଆଦି କରାଇବା ଉପରେ ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ମାରୱାଡି ସମିତିର ପୂର୍ବତନ ସଭାନେତ୍ରୀ ଆଶା ଅଗ୍ରୱାଲ, ନିଶା ଅଗ୍ରୱାଲ, ଶ୍ୟାମା ଅଗ୍ରୱାଲ, ଆଦିତ୍ୟ ବାହିନୀର ଆଇନଜୀବୀ ଶମ୍ଭୁନାଥ ବେହେରା, ଜଗଦୀଶ ସିଂହ, ଅଜୟ ସାହୁ, ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଦୀପେନ୍ଦ୍ର ସିଂହ, ବିଶ୍ୱନାଥ ପ୍ରଧାନ, ସଞ୍ଜୀବ ନାହାକଙ୍କ ସମେତ ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ।

# ୟୁକୋବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କାର୍ନିଭାଲ୍



ୟୁକୋବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କାର୍ନିଭାଲ ଅବସରରେ ଅଧିକାରୀମାନେ।

**ଢେଙ୍କାନାଳ,୯।୨(ରତନ ନାୟାର)**

ଢେଙ୍କାନାଳ ହୋଟେଲ୍ ସୂର୍ଯ୍ୟଠାରେ ୟୁକୋ ବ୍ୟାଙ୍କ ତରଫରୁ ଏକ ଏମ୍‌ଏସ୍‌ଏମ୍‌ଇ ଏବଂ ରିସୋର୍ସ କାର୍ନିଭାଲ୍ ସୋମବାର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ କୋଲକାତାର କୃଷି ଓ ଗ୍ରାମୀଣ ବ୍ୟବସାୟ ବିକାଶ ବିଭାଗର ଡିଜିଏମ୍ ପ୍ରସନଜିତ୍ ରାୟ, ସମ୍ମାନିତ ଅତିଥି ଭାବେ ଜୋନାଲ୍ ହେଡ୍ ବର୍ଷା ଓ ଡେପୁଟି ଜୋନାଲ ହେଡ୍ ବିଭୂତି ଭୂଷଣ ବେହେରା ଓ ସ୍ୱତନ୍ତ୍ର ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ ପ୍ରମୁଖ ଉପସ୍ଥିତ ରହିଥିଲେ। ୟୁକୋ ବ୍ୟାଙ୍କର ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ସରକାରୀ ପ୍ରୋତ୍ସାହିତ ଋଣ ଯୋଜନା, ୟୁକୋ ବ୍ୟାଙ୍କର ଟେଲ-ମେଡ୍ ଋଣ ଉତ୍ପାଦ ସମ୍ପର୍କରେ ସଚେତନ କରାଯାଇଥିଲା। ମୋଟ ୩୦ଟି ଋଣ ମଞ୍ଜୁରୀ ପତ୍ର ବିତରଣ କରାଯାଇଥିଲା। ୟୁକୋ ବ୍ୟାଙ୍କର ଏହି ପ୍ରକାରର ଉଦ୍ୟମ ଏମ୍‌ଏସ୍‌ଏମ୍‌ଇ ଖାତାର ବିକାଶ ଓ ଅର୍ଥନୈତିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଥିଲା।

# ଟ୍ରେନ୍ ଧକ୍କାରେ ମହିଳା ମୃତ

**ଢେଙ୍କାନାଳ,୯।୨(ରତନ ନାୟାର)**

ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳ ଦେଇ ଯାଇଥିବା ରେଳ ଧାରଣାରେ ଟ୍ରେନ୍ ଧକ୍କାରେ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମହିଳା ଜଣକ ଚାଲିଚାଲି ଯାଉଥିବା ବେଳେ ତାଙ୍କୁ ଟ୍ରେନ୍ ଧକ୍କା ଦେଇଥିବା ଜଣାପଡିଛି। ମୃତ ମହିଳାଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଖବରପାଇ ରେଳବାଇ ପୋଲିସ ଘଟଣାର ତଦନ୍ତ କରୁଛି।


**GOVT. OF ODISHA** No.25001/43/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
Tel. 06766-258094(O), Mail : eerw1_kjr@yahoo.com
**"e" Procurement Notice for Road Works**
**Identification No. Online NCB - 18/2025-26**

1. Name of the Work : 11 No. Roads Work, 2. Total Number of Work : 11 No., 3. Estimated Cost : Rs.4.98 Lakhs to 38.10 Lakhs, 4. Class of Contractor : "C" & "B" Class, 5. Period of Completion : As per annexure of e-Procurement Notice **No.18 of 2025-26**, 6. Other Details :

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.18 | Dt.09.02.2026 at 11.00 A.M. | Dt.14.02.2026 upto 5.00 P.M. | Dt.13.02.2026 upto 5.00 P.M. | Dt.16.02.2026 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar

OIPR-25001/25110/1/25-26/0033



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
(E-mail ID : eemirgd@ymail.com)
**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-06/2025-26**
**Letter No.522 Dated 06.02.2026**

**No.32001/42/2526** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | |
|---|---|---|
| 1. | Name of the work | : Construction of 13 Nos. of New Check Dams in different Block of Rayagada District under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26. |
| 2. | Total Number of works | : 15 (Fifteen) Nos. |
| 3. | Estimated cost | : Approximately varies from **Rs.25.33 Lakh to Rs.46.55 Lakh** |
| 4. | Period of completion | : As mentioned against each work in Annexure to Bid Notice |
| 5. | Class of Contractor | : As mentioned against each work in Annexure to Bid Notice |
| 6. | Date and time of availability of bid documents in the portal | : From 10.00 A.M. of 10.02.2026 to 5.00 P.M. of 19.02.2026 |
| 7. | Last date/time for receipt of bids in the portal | : 5.00 P.M. on 19.02.2026 |
| 8. | Date of opening of bid | : At 11.00 A.M. on 20.02.2026 in website (www.tendersodisha.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Rayagada |
| 11. | Further details can be seen from the Government of Odisha Website : www.tendersodisha.gov.in | |

Sd./- Superintending Engineer
M.I. Division, Rayagada

OIPR-32001/32056/1/25-26/0001



**OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION, GAJA VIHAR, BARAMUNDA, BHUBANESWAR-751003**
Ph.No-(0674) 2355400, E-mail: dfo.chandakawl@odisha.gov.in/ chandakadampara@gmail.com

**Letter No.896/1WL-24/2026, dated, Bhubaneswar, the 05th February, 2026**

No.8001/31/2526: The Divisional Forest Officer, Chandaka Wildlife Division, invites Sealed Tenders under the Double cover system in offline mode for Fabrication and Installation of Skyview Selfie Decks at Peacock Valley and Nageswar Dam at Dampada under Chandaka Wildlife Division, Bhubaneswar.

| | |
|---|---|
| Tender Paper Availability | From dt.06.02.2026 to 5.30 PM of dt.12.02.2026 and can be collected in person from the office of the undersigned or downloaded from https://odishaforest.in/ & https://wildlife.odisha.gov.in/ |
| Tender Paper Cost | Rs.3000.00 |
| Last Date & Time for Submission of Bid | 12.02.2026 upto 05.30 PM |
| Opening of Technical Bid | 13.02.2026 at 12.30 PM |
| Opening of Financial Bid | 13.02.2026 at 04.00 P.M. |
| Name & Address of Officer Inviting Bid | Divisional Forest Officer & Wildlife Warden, Chandaka Wildlife Division, Gaja Vihar, Bhubaneswar, Odisha-751003 |

Sd./- Divisional Forest Officer-cum-Wildlife Warden
Chandaka Wildlife Division, Bhubaneswar

OIPR-8001/8096/1/25-26/0015

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍କଟଲାଣ୍ଡର ବଡ଼ ବିଜୟ

**କୋଲକାତା,୯।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୋମବାର ସକାଳେ ଖେଳାଯାଇଥିବା ମ୍ୟାଚ୍‌ରେ ସ୍କଟଲାଣ୍ଡ ୭୩ ରନର ବ୍ୟବଧାନରେ ଇଟାଲୀକୁ ପରାସ୍ତ କରିଛି। ଏହି ବିଜୟ ସହ ସ୍କଟଲାଣ୍ଡ ଟି୨୦ ବିଶ୍ୱକପ୍ ଲାଗି ୟୁରୋପ କ୍ୱାଲିଫାୟରରେ ଇଟାଲୀଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛି। ସ୍କଟଲାଣ୍ଡ ଦ୍ୱାରା ପ୍ରଦତ୍ତ ୨୦୮ ରନର ଟାର୍ଗେଟର ଜବାବରେ ଇଟାଲୀ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଟାଲୀ ଦଳର ଅଧିନାୟକ ୪୨ ବର୍ଷୀୟ ୱେନ ମାଡସେନ ଫିଲ୍ଡିଂ ବେଳେ ଆହତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡକୁ ଜର୍ଜ ମୁନସେ ୫୪ ବଲରେ ୮୪ (୧୩ ଚୌକା ଓ ୨ ଛକା) ଓ ମାଇକେଲ ଜୋନ୍ସ ୩୦ ବଲରେ ୩୭ (୧ ଚୌକା ଓ ୨ ଛକା) ରନ କରି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ପରେ ବ୍ରେଣ୍ଡନ ମ୍ୟାକମୁଲେନ ୧୮ ବଲରେ ଅପରାଜିତ ୪୧ (୪ ଛକା) ଓ ମାଇକେଲ ଲିସ୍କ ୫ ବଲରେ ୨୨ (୨ ଲେଖାଏ ଚୌକା ଓ ଛକା) ରନର ଅବଦାନ ଯୋଗୁ ସ୍କଟଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଏହା ଚଳିତ ଟି୨୦ ବିଶ୍ୱକପ୍‌ର ସର୍ବାଧିକ ଦଳଗତ ସ୍କୋର। ଜବାବରେ ଇଟାଲୀ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଥିଲା। କେବଳ ଦୁଇ ଭାଇ ହ୍ୟାରୀ ଓ ବେନ ମାନେଣ୍ଟିଙ୍କୁ ଛାଡ଼ି ଦେଲେ ଅନ୍ୟ କେହି କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ହ୍ୟାରୀ ୨୫ ବଲରେ ୩୭ (୧ ଚୌକା ଓ ୩ ଛକା) ଓ ବେନ ୩୧ ବଲରେ ୫୨ (୫ ଚୌକା ଓ ୧ ଛକା) ରନ କରିବା ସହ ଚତୁର୍ଥ ଉଇକେଟରେ ୭୩ ରନ ଯୋଡ଼ିଥିଲେ। ସ୍କଟଲାଣ୍ଡ ପାଇଁ ୪ ଉଇକେଟ ନେଇଥିବା ଲିସ୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଇଟାଲୀ ୟୁରୋପ କ୍ୱାଲିଫାୟରରେ ସ୍କଟଲାଣ୍ଡକୁ ହରାଇ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲା। ଅନ୍ୟପକ୍ଷରେ ଘଟଣାକ୍ରମେ ବାଂଲାଦେଶ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଖେଳିବାକୁ ସୁଯୋଗ ମିଳିଥିଲା।



ଉଇକେଟ ନେବାପରେ ମାଇକେଲ ଲିସ୍କଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ନେଦରଲାଣ୍ଡ୍ସ ବନାମ ନାମିବିଆ**
ସ୍ଥାନ: ଦିଲ୍ଲୀ,
ସମୟ: ପୂର୍ବାହ୍ନ ୧୧ଟା

**ନ୍ୟୁଜିଲାଣ୍ଡ ବନାମ ୟୁଏଇ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ପାକିସ୍ତାନ ବନାମ ୟୁଏସ୍ଏ**
ସ୍ଥାନ: କଲମ୍ବୋ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର

# ଗ୍ରେଡ୍-ବି'କୁ ଖସିଲେ କୋହଲି, ରୋହିତ

## ବିସିସିଆଇ କେନ୍ଦ୍ରୀୟ ଚୁକ୍ତି

**ନୂଆଦିଲ୍ଲୀ,୯।୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ୨୦୨୫-୨୬ ସିଜନ ଲାଗି ଭାରତୀୟ ସିନିୟର ପୁରୁଷ ଓ ମହିଳା ଦଳର ଖେଳାଳିଙ୍କ ପାଇଁ ବାର୍ଷିକ ଚୁକ୍ତି ଘୋଷଣା କରିଛି। ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇ ସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଗ୍ରେଡ୍-ବି'ରେ ରଖାଯାଇଛି। ପୂର୍ବରୁ ସେମାନେ ଗ୍ରେଡ୍-ଏ+' ରେ ଯଶପ୍ରୀତ ବୁମରା ଓ ରବୀନ୍ଦ୍ର ଜାଡେଜାଙ୍କ ସହ ଥିଲେ। ତେବେ ବିସିସିଆଇ ପକ୍ଷରୁ ଗ୍ରେଡ୍-ଏ+' କାଟେଗୋରିକୁ ହଟାଇ ଦିଆଯାଇଛି।

ବିସିସିଆଇ ସୋମବାର ୩୦ ପୁରୁଷ ଓ ୨୧ ମହିଳା କ୍ରିକେଟରଙ୍କ ଲାଗି କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଛି। ଏହି ଚୁକ୍ତି ଗତ ବର୍ଷ ଅକ୍ଟୋବର ୧ରୁ ଚଳିତ ବର୍ଷ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଚଳିତ ସିଜନରେ ଶୁବମନ ଗିଲ, ପ୍ରିମିୟର ପେସର ବୁମରା, ଭେଟେରାନ ଅଲରାଉଣ୍ଡ ଜାଡେଜାଙ୍କୁ ଗ୍ରେଡ୍-ଏ'ରେ ରଖାଯାଇଛି। ସେହିଭଳି ମହିଳା ବିଭାଗରେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସ ଓ ଦୀପ୍ତି ଶର୍ମା ଗ୍ରେଡ୍-ଏ'ରେ ରହିଛନ୍ତି।

**ଗ୍ରେଡ୍-ଏ':** ଶୁବମନ ଗିଲ୍, ଯଶପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜା।

**ଗ୍ରେଡ୍-ବି':** ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, କୁଲଦୀପ ଯାଦବ, ଜଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର।

**ଗ୍ରେଡ୍-ସି':** ଅକ୍ଷର ପଟେଲ, ଋତୁରାଜ ଗାଏକ୍ୱାଡ, ତିଲକ ବର୍ମା, ରିଙ୍କୁ ସିଂ, ଶିବମ ଦୁବେ, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଧ୍ରୁବ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନୀତୀଶ ରେଡ୍ଡୀ, ଅଭିଷେକ ଶର୍ମା, ସାଇ ସୁଦର୍ଶନ, ରବି ବିଷ୍ଣୋଇ।

# ଟି୨୦ ବିଶ୍ୱକପ୍: ଜିମ୍ବାୱେ ବିଜୟୀ

**କଲମ୍ବୋ,୯।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୋମବାର ଅପରାହ୍ନରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପେସରଙ୍କ ଘାତକ ବୋଲିଂ ଯୋଗୁ ଜିମ୍ବାୱେ ୮ ଉଇକେଟରେ ଓମାନକୁ ପରାସ୍ତ କରିଛି। ରିଚାର୍ଡ ଏନ୍‌ଗାରାଭା, ବ୍ଲେସିଂ ମୁଜରାବାନୀ ଓ ବ୍ରାଡ ଇଭାନ୍ସଙ୍କ ୩ ଉଇକେଟ ସଫଳତା ଯୋଗୁ ଓମାନ ୧୯.୫ ଓଭରରେ ୧୦୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ବିନାୟକ ଶୁକ୍ଳା ୨୮, ସୁଫିଆନ ମେହମୁଦ ୨୫, ନଦୀମ ଖାନ (୨୦)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଜବାବରେ ଜିମ୍ବାୱେ ୧୩.୩ ଓଭରରେ ୨ ଉଇକେଟ ହରାଇ ୧୦୬ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ବ୍ରିଆନ ବେନେଟ ୪୮ (୭ ଚୌକା) ରନ କରି ଅପରାଜିତ ଥିବା ବେଳେ ବ୍ରେଣ୍ଡନ ଟେଲର ୩୧ (୩ ଚୌକା) ରନ୍ କରି ରିଟାୟର୍ଡ ଆଉଟ୍ ହୋଇଥିଲେ। ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ ଲାଗି ମୁଜରାବାନୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଜିମ୍ବାୱେ ଆସନ୍ତା ୧୩ ତାରିଖରେ ଅଷ୍ଟ୍ରେଲିଆକୁ ଭେଟିବ।

# ଖୋର୍ଦ୍ଧା ଦଳଗତ ଚାମ୍ପିୟନ



ଅତିଥିଙ୍କ ଗହଣରେ ସୋମେନ ସେନାପତି, ପ୍ରତିଷ୍ଠା ସିଂ ଓ ଅନ୍ୟମାନେ।

## ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା

## ପ୍ରତିଷ୍ଠା ଷ୍ଟ୍ରଙ୍ଗ୍ ଓମ୍ୟାନ, ସୋମେନ ଷ୍ଟ୍ରଙ୍ଗମ୍ୟାନ୍

**ଭୁବନେଶ୍ୱର, ୯।୨ ( ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩ ଦିନ ଧରି ଚାଲିଥିବା ୩୨ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୨୧ଟି ଜିଲାରୁ ୨୦୦ ପୁରୁଷ ଓ ୬୦ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧାର ସୋମେନ ସେନାପତି ମୋଟ ୬୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗମ୍ୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ସୁନ୍ଦରଗଡ଼ର ପ୍ରତିଷ୍ଠା ସିଂ ୪୨୨.୫ କେଜିଓଜନ ଉଠାଇ ଷ୍ଟ୍ରଙ୍ଗଓମ୍ୟାନ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧା ୧୯ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ସହ ଦଳଗତ ଚାମ୍ପିୟନ ହୋଇଥିବାବେଳେ କଟକ (୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ) ଏବଂ ସୁନ୍ଦରଗଡ଼ (୭ ସ୍ୱର୍ଣ୍ଣ ଓ ୨ ରୌପ୍ୟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ମାର୍ଚ୍ଚ ୨୪ରୁ ୨୮ ପର୍ଯ୍ୟନ୍ତ କର୍ଣାଟକର ମେଙ୍ଗାଲୁରୁଠାରେ ହେବାକୁଥିବା ଜାତୀୟ ସିନିୟର ପ୍ରତିଯୋଗିତାରେ ଭାଗ ନେବେ। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ।

# ଏସୀୟ ଇନ୍‌ଡୋର ଆଥଲେଟିକ୍ସ: କିଟ୍‌କୁ ୩ ପଦକ



ତେଜସ୍ୱିନ ଶଙ୍କର



ତାଜିନ୍ଦରପାଲ ସିଂ ତୁର



ଆନ୍ସି ସୋଜାନ୍ ଏଡାପିଲି

**ଭୁବନେଶ୍ୱର, ୯।୨ (ତପନ ସ୍ୱାଇଁ)**

ଚଳିତ ମାସ ୬ ରୁ ୮ ପର୍ଯ୍ୟନ୍ତ ଚାଇନାର ତିଆନଜିନଠାରେ ଅନୁଷ୍ଠିତ ଦ୍ୱାଦଶ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ କିଟ୍ ଆଥଲେଟ୍‌ଙ୍କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ସୂଚନାଯୋଗ୍ୟ, ଭାରତୀୟ ଆଥଲେଟିକ୍ସ ଫେଡେରେଶନ ଦ୍ୱାରା ଘୋଷିତ ୧୭ ଜଣିଆ ଭାରତୀୟ ଦଳରେ ୯ ଜଣ ଖେଳାଳି କିଟ ବିଶ୍ୱବିଦ୍ୟାଳୟରୁ ସାମିଲ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନକାରୀଙ୍କ ମଧ୍ୟରେ ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନରେ ୫୯୧୩ ପଏଣ୍ଟ ସଂଗ୍ରହ କରି ନୂତନ ଜାତୀୟ ଇନ୍‌ଡୋର ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ଶଟ୍ ପୁଟରେ ତାଜିନ୍ଦରପାଲ ସିଂ ତୁର ରୌପ୍ୟ ପଦକ ହାସଲ କରିଥିଲେ। ଏହି କିଟ୍ ଛାତ୍ର ୨୦.୦୫ ମିଟର ଥ୍ରୋ କରି ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇଥିଲେ। ମହିଳା ବର୍ଗରେ ଆନ୍ସି ସୋଜାନ୍ ଏଡାପିଲି ମହିଳା ଲଙ୍ଗଜମ୍ପରେ ୬.୨୧ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭାରତ ମୋଟ ୫ ପଦକ ହାସଲ କରି ଷଷ୍ଠ ସ୍ଥାନରେ ରହିଥିଲା। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା ଓ ସମଗ୍ର ଭାରତୀୟଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ରୁଦ୍ରାଂଶ ଦାଶ (ଇଭାନ)**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ତୁମ ଛୋଟ ପାଦଚାଲି ଆମ ଘରକୁ ଖୁସିରେ ଭରିଦେଲ,ଏକ ବର୍ଷରେ ତୁମେ, ଆମ ଜୀବନର ସବୁଠାରୁ ସୁନ୍ଦର ଅଂଶ ହେଲ।।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମାମାନାନୀ, ଗୁଡୁନାନୀ, ମାମୁ, ମାଈଁ, ମଉସା, ମାଉସୀ, ତିତିଲି, ଈଶାନ, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ଯାଶିକା, ୟେଶିଲ, ସାୟାନ
ଧ-୭୬୦୯୩

# ଜମ୍ମୁ କଶ୍ମୀର ପ୍ରଥମ ଥର ସେମିରେ

**ଇନ୍ଦୋର, ୯।୨ (ପି.ଟି.):** ଅକିବ୍ ନବିଙ୍କ ୧୨ ଉଇକେଟ ସଫଳତା ବଳରେ ପୂର୍ବତନ ଚାମ୍ପିୟନ ମଧ୍ୟପ୍ରଦେଶକୁ ୫୬ରନ୍‌ରେ ପରାସ୍ତ କରି ଜମ୍ମୁ କଶ୍ମୀର ପଦାର୍ପଣର ୬୭ ବର୍ଷ ପରେ ପ୍ରଥମ ଥର ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ୨୯ ବର୍ଷୀୟ ପେସ୍ ବୋଲର ଅକିବଙ୍କ ଏହାଥିଲା କ୍ୟାରିୟର ଶ୍ରେଷ୍ଠ ବୋଲିଂ। କେବଳ ସେତିକି ନୁହେଁ ଏଥିସହିତ ସେ ଖେଳର ସମସ୍ତ ଫର୍ମାଟରେ ମ୍ୟାଚ ବିଜୟୀ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ପୂର୍ବତନ ଚାମ୍ପିୟନ ମଧ୍ୟପ୍ରଦେଶ ୨୯୧ ରନ ଲକ୍ଷ୍ୟକୁ ପିଛା କରି ୨୩୪ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ-କଶ୍ମୀର ସେମିରେ ଆନ୍ଧ୍ର ପ୍ରଦେଶ ଓ ବେଙ୍ଗଲ ମଧ୍ୟରେ ଚାଲିଥିବା କ୍ୱାର୍ଟରଫାଇନାଲ ବିଜେତାକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର: ୧୯୪ ଓ ୭୦. ୩ ଓଭରରେ ୨୪୮। ମଧ ପ୍ରଦେଶ: ୧୫୨ ଓ ୬୮.୩ ଓଭରରେ ୨୩୪/ଅଲଆଉଟ ( ଶୁଭମ ଶର୍ମା-୩୨, ସାରାଂଶ ଜୈନ-୬୪ ; ଅକିବ-୫/୭୦, ଆବିଦ୍ ମୁସ୍ତାକ୍-୩/୪୯)।

# ପ୍ରଶାନ୍ତ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ୧୦ରୁ

**ଭୁବନେଶ୍ୱର, ୯।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ବିଜେବି କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ସମ୍ବଲପୁର ବାର୍ ଆସୋସିଏଶନ ଏଥର ପ୍ରଥମଥରଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଖେଳିବ। ୧୩ ତାରିଖରେ ୨ଟି ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ପୂର୍ବାହ୍ନ ୮ଟା ୩୦ରୁ କମିଶନରେଟ ପୋଲିସ ଓ ପ୍ରଶାସନ ଏକାଦଶ ଏବଂ ଅପରାହ୍ନ ୧୨ଟା ୩୦ରୁ ପ୍ରେସ୍ ଏକାଦଶ ଏବଂ ଓଡ଼ିଆ ସିନେ ଷ୍ଟାର୍ସ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ଅଶୋକ କୁମାର ପାତ୍ର ଓ ସମ୍ପାଦକ ସତ୍ୟରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଭାଗ ନେଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭୁବନେଶ୍ୱର ବାର୍, ଭୁବନେଶ୍ୱର ରେଡ୍ସ, ପୁରୀ ବାର୍ ଆସୋସିଏଶନ ଓ ବାଲେଶ୍ୱର ବାର୍ ଆସୋସିଏଶନ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ, ଢେଙ୍କାନାଳ ଜିଲା ବାର୍ ଆସୋସିଏଶନ ଏବଂ ନବାଗତ ସମ୍ବଲପୁର ବାର୍ ଆସୋସିଏଶନ ରହିଛି। ୧୦ ତାରିଖରେ ଭୁବନେଶ୍ୱର ବାର୍ ଓ ପୁରୀ ବାର୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୧୪ ତାରିଖ ପୂର୍ବାହ୍ନ ୧୧ଟାରୁ ଫାଇନାଲ ଆରମ୍ଭ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବାର୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପ୍ତି ପ୍ରସାଦ ନନ୍ଦ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅକ୍ଷୟ କୁମାର ଦାସ, ଓମ୍‌ତତ୍ତ୍ୱବିତ୍, ହରପ୍ରୀୟା ପ୍ରଧାନ, ରଞ୍ଜିତା ଦାସ, ଜୟନ୍ତ ଜେନା, ଆତ୍ମାବଲ୍ଲଭ ମହାନ୍ତି, ସନ୍ତୋଷ ଚୌଧୁରୀ, ସୁମନ ରାଉତରାୟ, କମଳାକାନ୍ତ ରାଉତରାୟ, ନିହାର ରଞ୍ଜନ ସେଠି, ତପନ ବିଶ୍ୱାଳ, ଜିତେନ୍ଦ୍ର ପାତ୍ର, ଜିତେନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରିଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଜର୍ସି ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# Classified Everyday

**0674-2580101, 9692975378**



**REAL ESTATE**

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**GENERAL SALE**

**Welding Works Contact for any type of Roof Sheds, Gril Gates, Shutters. 7809525452, 9937507638.** D-3346




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an Affidavit No.120, dated 02.02.2026 sworn before the Executive Magistrate, Laikera. I, Manoj Kumar Buda, GO No. 005670L AE (CIV) (GREF/ DEFENCE) declare that my daughter's Old name was Lashya her new changed name is Lashya Rani Buda. Henceforth, she shall be known as Lashya Rani Buda for all purposes. D-3344

I, Udayanath Sahoo, S/o- Late Kumar Sahoo resident of Badhi, Mangalpur, P.S.- Pipili, Dist.- Puri, 752104 , Odisha declare by this affidavit No.1330, dtd. 29.01.2026 that now onwards I shall be known as UDYANATH SAHOO for all future purposes. D-3345

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰କସ୍ତୁରୀ ସାହୁ**
ଖଡ଼ଗପ୍ରସାଦ, ଢେଙ୍କାନାଳ
ଅବିର୍ଭାବ : ୦୫।୦୩।୧୯୪୬
ତିରୋଧାନ : ୩୧।୦୧।୨୦୨୬
ଜାତସ୍ୟ ହି ଧ୍ରୁବ ମୃତ୍ୟୁ, ଧ୍ରୁବ ଜନ୍ମ ମୃତସ୍ୟ ଚ...
ଚାହୁଁ ଚାହୁଁ ୧୧ଦିନ ହେଲାଣି । ତୁମେ ଆମମାନଙ୍କୁ ଛାଡ଼ି ଅମୃତଧାମକୁ ଚାଲିଗଲ। ତୁମେ ଆଜି ଆମ ଗହଣରେ ନାହଁ ସତ, କିନ୍ତୁ ଏ ବିରାଟ ଶୂନ୍ୟତା ଭିତରେ ତୁମେ ଭରି ଦେଇଛ ତୁମର ସେଇ ଅମୂଲ୍ୟ ସ୍ମୃତି, ଯାହାକି ଆମ ଜୀବନର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପୁତ୍ର, ପୁତ୍ରୀ, ପୁତ୍ରବଧୂ ,ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୩୩୪୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**




**୰ସୁଧାକର ସାହୁ**
ଗୋପନଗର, କାଏମା, ଧର୍ମଶାଳା
ଆବିର୍ଭାବ-୦୧।୦୨।୧୯୬୮
ତିରୋଧାନ- ୩୧।୦୧।୨୦୨୬
ସମୟର କ୍ରୁରତାକୁ ସଭିଙ୍କୁ ସ୍ୱୀକାର କରିବାକୁ ହେବ। ତୁମ ବିୟୋଗ ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ସାନଭାଇ: ପ୍ରଭାତ କୁମାର ସାହୁ, ପୁଅ: ସତ୍ୟଜିତ୍, ଝିଅ: ନିରାଳି ନିହାରିକା, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୩୪୭

# ୱାର୍ଲ୍ଡ ଟୁର୍‌ରେ ପରିବର୍ତ୍ତନ କଲା ବିଡବ୍ଲ୍ୟୁଏଫ୍

## ବାଦ୍ ପଡ଼ିଲା ଓଡ଼ିଶା, ଗୁଆହାଟି ଟୁର୍ନାମେଣ୍ଟ

**କୁଆଲାଲମ୍ପୁର, ୯।୨ (ପି.ଟି.):** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି। ଚଳିତବର୍ଷ ସଂଗଠନଗତ ସମସ୍ୟା ସତ୍ତ୍ୱେ ଇଣ୍ଡିଆ ଓପନ ଏହାର ସୁପର ୭୫୦ ମାନ୍ୟତା ବଜାୟ ରଖିଛି। କିନ୍ତୁ ସୟଦ ମୋଦି ଇଣ୍ଟରନ୍ୟାଶନାଲକୁ ସୁପର ୩୦୦ରୁ ସୁପର ୧୦୦ ଷ୍ଟାଟସ୍‌କୁ ଖସାଇ ଦିଆଯାଇଛି। କ୍ୟାଲେଣ୍ଡରରୁ ବାଦ୍ ପଡ଼ିଥିବା ସୁପର ୧୦୦ ଟୁର୍ନାମେଣ୍ଟଗୁଡ଼ିକ ମଧ୍ୟରେ ଗୁଆହାଟୀ ଏବଂ ୨୦୨୩ରେ ପ୍ରଚଳିତ ହୋଇଥିବା ଓଡ଼ିଶା ଅନ୍ୟତମ ରହିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ସୟଦ ମୋଦିଙ୍କ ସ୍ମୃତିରେ ଲକ୍ଷ୍ନୌରେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଆୟୋଜିତ ହୋଇ ଆସୁଛି। ୨୦୦୯ରେ ଏହା ଏକ ଗ୍ରାଁ ପ୍ରି ଇଭେଣ୍ଟ ଭାବେ ପରିଚିତ ଥିଲା। ୨୦୧୮ରେ ଏହା ଏକ ୱାର୍ଲ୍ଡ ଟୁର୍ ସୁପର ୩୦୦ ଇଭେଣ୍ଟରେ ପରିଣତ ହୋଇଥିଲା। ଆସନ୍ତା ବର୍ଷରୁ ସର୍କିଟରେ ଯେଉଁ ୮ ସୁପର ୧୦୦ ଟୁର୍ନାମେଣ୍ଟ ଖେଳାଯିବ ତନ୍ମଧ୍ୟରେ ଏହା ଅନ୍ୟତମ ବିବେଚିତ ହେବ। ଗତବର୍ଷ ୱାର୍ଲ୍ଡଟୁର୍ ଟୁର୍ନାମେଣ୍ଟ ପାଇଁ ୩୨ଟି ଦେଶ ଆବେଦନ କରିଥିଲେ। ଏଥର ଆବେଦନକାରୀ ଦେଶ ସଂଖ୍ୟା ୫୬ରେ ପହଞ୍ଚିଛି। ବିଡବ୍ଲ୍ୟୁଏଫ୍ ଗେମ୍‌କୁ ନୂଆ ଅଞ୍ଚଳକୁ ନେବା ଲାଗି ଚାହିଁବା ସ୍ୱାଭାବିକ ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୁନଃ ପ୍ରଚଳନ ପାଇଁ ଦାବିପତ୍ର



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଅନୁଗୋଳ ଜିଲା କଂଗ୍ରେସ ନେତୃବୃନ୍ଦ।

ଅନୁଗୋଳ,୯।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସୋମବାର ଏକ ଶୋଭାଯାତ୍ରାରେ ଆସି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ପୁନଃ ପ୍ରଚଳନ ପାଇଁ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରାତିମୟ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୨୦୦୫ ମସିହାରେ ୟୁପିଏ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ। ହେଲେ ବର୍ତ୍ତମାନର କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀଙ୍କ ନାମକୁ ଉକ୍ତ ଯୋଜନାରୁ ବାଦ୍ ଦେବା ପାଇଁ ଯୋଜନାବଦ୍ଧ ଭାବେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଜୀବିକା ଗ୍ରାମୀଣ ମିଶନ (ଭିବି-ଜି ରାମ ଜି) ନାମରେ ଏକ ଦିଶାହୀନ ଆଇନ ପ୍ରଣୟନ କରିଛନ୍ତି। ଏଥିରେ ଜବ୍‌କାର୍ଡଧାରୀଙ୍କୁ ୧୨୫ ଦିନର କାମ ଦେବାକୁ କୁହାଯାଇଥିଲେ ମଧ୍ୟ ୧୦୦ ଦିନର କାମ ଯୋଗାଇବାକୁ ଅକ୍ଷମ। ଏଣୁ କେନ୍ଦ୍ର ସରକାର ନାଗରିକଙ୍କୁ କାମ ଦେବା ନାମରେ କାମ ହରଣ କରୁଛନ୍ତି ବୋଲି ଉକ୍ତ ସ୍ମାରକପତ୍ରରେ ଅଭିଯୋଗ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଅନୁଗୋଳ ଜିଲା କଂଗ୍ରେସର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ଗୁପ୍ତେଶ୍ୱର ମହାପାତ୍ର, ଦାଶରଥି ସାହୁ, ଏଲ. ମାଣିକପ୍ରଭା, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାୟକ, ନିରଞ୍ଜନ ଦାସ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ପ୍ରଦୀପ ମିଶ୍ର, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ବାସୁଦେବ ସାମଲ, ଅଶୋକ ନାଏକ, ଅବିନାଶ ବେହେରା, ସୁବାସ ସାହୁ, ଅରୂପ ସାମଲ, ଅରୁଣ ଦାସ, ଜଗନ୍ନାଥ ବେହେରା, ସଂଗ୍ରାମ ବେହେରା, ଅଳକାରାଣୀ ମହାପାତ୍ର, ମାମିନୀ ପ୍ରଧାନ, ରଶ୍ମି ରଞ୍ଜନ ସାହୁ, ମାଧବାନନ୍ଦ ମହାପାତ୍ର, ଅନୁକୂଳ ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ପାନୀୟଜଳ, ଶ୍ରେଣୀଗୃହ ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତି

ସନ୍ତିଛକ,୯।୨ (ସନ୍ତୋଷ ପରିଡ଼ା)




ପିଏମ୍‌ଶ୍ରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ମହାଧରପୁର ପିଏମ୍‌ଶ୍ରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଦ୍ୟାଳୟରେ ସୌର ଆଲୋକ, ବିଶୁଦ୍ଧ ପାନୀୟଜଳ ଓ ଶ୍ରେଣୀଗୃହର ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ଓ ପୂର୍ବତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସ୍ୱାଇଁ, ପ୍ରାଣବନ୍ଧୁ ଜେନା, ଦୈତାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା, ସମିତି ସଭ୍ୟ ସୁବାସ ଚନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରସନ୍ନ କୁମାର ଜେନା, ପଞ୍ଚସଖା ଶିକ୍ଷାସେତୁ ସଭାପତି ହିମାଂଶୁ ଭୂଷଣ ପ୍ରଧାନ ଏବଂ ଉପସଭାପତି ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉତ୍କଳମଣି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ସହ ପ୍ରାଧ୍ୟାପକ ଡ. ବଳଭଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତିଭା ବାରିକ, ମଧୁସ୍ମିତା ନନ୍ଦ, ଲୋପାମୁଦ୍ରା ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ପୃଷ୍ଟି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶୀଲ କୁମାର ନାଏକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅନୁଜ କୁମାର ଗଡ଼ନାୟକ ଏବଂ ମହାଧରପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ସାମଲ ଯୋଗଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ରଞ୍ଜନ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ସହଯୋଗରେ କରିଥିଲେ।

# ‘ଢେଙ୍କାନାଳରେ ବହୁତ ଭଲପାଇବା ମିଳିଛି’



ଢେଙ୍କାନାଳରେ କଲ୍ୟାଣ ଜୁଏଲର୍ସ ଶୋ’ରୁମ୍ ଉଦ୍‌ଘାଟନ ଅବସରରେ ମଲାଇକା ଆରୋରା।

ଢେଙ୍କାନାଳ,୯।୨ (ରତନ ନାୟାର)

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ସୋମବାର ଅପରାହ୍ନରେ ଢେଙ୍କାନାଳ ଆସି ସହରର ଗୁଡ଼ିଆନାଳୀସ୍ଥିତ ଫିଲିଙ୍ଗ୍ ଷ୍ଟେଶନ ନିକଟରେ କଲ୍ୟାଣ ଜୁଏଲର୍ସ ଶୋ’ରୁମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତରରେ ସେ କହିଲେ, ଢେଙ୍କାନାଳବାସୀଙ୍କ ଠାରୁ ବହୁତ ଭଲପାଇବା ମିଳିଛି। ସମୟ ଅଭାବରୁ ଅଳ୍ପ ସମୟ ରହିବାକୁ ପଡ଼ିଲା। ପ୍ରଥମଥର ପାଇଁ ଏଠାକୁ ଆସିଛି। ଢେଙ୍କାନାଳ ସହର ମୋତେ ବହୁତ ଭଲ ଲାଗିଲା। ଫିଟନେସ୍ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ପଚାରିବାରୁ ମଲାଇକା କହିଲେ, ଯୋଗ ହିଁ ସବୁବେଳେ ଶରୀରକୁ ଫିଟ୍ ରଖିଥାଏ।

# କଣିହାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ପବିତ୍ରନଗର,୯।୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହଠାରେ ସୋମବାର ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଉପସ୍ଥିତିରେ ମୋଟ ୩୪ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଇଥିଲା। ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ତୁରନ୍ତ ୮ଟିର ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣ ବଜ୍ରକୋଟ ପଞ୍ଚାୟତର ଭକ୍ତ ବନ୍ଧୁ ଧୀର ଓ ଯୋଗୀନାଥ ପ୍ରଧାନଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଏବଂ ପରାବିଲ ଗହମ ଗ୍ରାମର ଅବନ୍ତୀ ନାଏକଙ୍କୁ ଜୀବିକା ନିର୍ବାହ ନିମନ୍ତେ ୭୫୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜନଶୁଣାଣି ପରେ ଜିଲାପାଳ କଣିହାଁ କଲେଜ ସ୍ଥାନାନ୍ତର ହେବାକୁ ଥିବା ଟାକୁଆ ଜାଗା ବୁଲି ଦେଖିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପ ଆରକ୍ଷୀ ନିରୀକ୍ଷକ ସମୀର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲାପାଳ ତାଳଚେର ସମୀର କୁମାର ଜେନା, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗଠନ ହେଲା ନନ୍ଦ କିଶୋର ମିଶ୍ର ସ୍ମୃତି ପରିଷଦ

ପବିତ୍ରନଗର,୯।୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ନନ୍ଦକିଶୋର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ନନ୍ଦ କିଶୋର ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ପରିଷଦ ଗଠନ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ରବିଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଲୁଧୁଣି ମନ୍ଦିର କମ୍ୟୁନିଟି ସେଣ୍ଟରଠାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଅବସରପ୍ରାପ୍ତ ଶିକ୍ଷକ, ପିଆରଆଇ ସଦସ୍ୟ, ଗାଁ ମୁଖିଆଙ୍କ ସମେତ ଅନେକ ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ। ଏହି ଅବସରରେ ନନ୍ଦକିଶୋର ମିଶ୍ର ସ୍ମୃତି ପରିଷଦ ଗଠନ କରାଯାଇଥିଲା। ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହର୍ଗା ପ୍ରଧାନ, ଉପ ସଭାପତି ଦୀପକ କୁମାର ମିଶ୍ର, ସମ୍ପାଦକ ଭାବେ ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କୋଷାଧ୍ୟକ୍ଷ ଗୌରଚନ୍ଦ୍ର କବି ଏବଂ ସଦସ୍ୟ ଭାବେ ଦୁର୍ଯ୍ୟୋଧନ ବିଶ୍ୱାଳ, ସତ୍ୟବାଦୀ ବେହେରା, ବନମାଳୀ ବେହେରା, ଶିବରାମ ପ୍ରଧାନ, ବିଷ୍ଣୁ ଚରଣ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସ୍ୱର୍ଗତ ମିଶ୍ରଙ୍କ ଆଗାମୀ ତିରୋଧାନ ଦିବସରେ ବିଦ୍ୟାଳୟ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନ, ସ୍ମରଣିକା ଉନ୍ମୋଚନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

# ବୈଶ୍ୟ ଗୋପ ସମାଜ ପରଜଙ୍ଗ ଶାଖାର ବୈଠକ

ଢେଙ୍କାନାଳ,୯।୨ (ରତନ ନାୟାର)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାନପୁର ଲକ୍ଷ୍ମୀନାରାୟଣ କ୍ଲବ ପରିସରରେ ରାଜ୍ୟ ବୈଶ୍ୟ ଗୋପ ସମାଜ ପରଜଙ୍ଗ ଶାଖାର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ଭୂତିଆଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କୋଷଧକ୍ଷ ତଥା ମାନପୁର ଗୋପାଳ ସମାଜର ବରିଷ୍ଠ ସଭ୍ୟ ରସାନନ୍ଦ ଭୂତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ୧୩ ମଣ୍ଡଳର ସଭାପତି, ସମ୍ପାଦକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନିଜ ନିଜ ମଣ୍ଡଳର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଦାବି ଉପସ୍ଥାପନା କରିଥିଲେ। ପରଜଙ୍ଗ ଶାଖାର ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ, ତୁରନ୍ତ ରେଜିଷ୍ଟ୍ରେଶନ, ପ୍ରତିମାସରେ ବୈଠକ କରିବା ସହିତ ଆବଶ୍ୟକ ବିଭିନ୍ନ ସମସ୍ୟାର ସମାଧାନ କରିବା, ଯୁବସମାଜ ଓ ମାତୃ ମଣ୍ଡଳୀଙ୍କୁ ସୁସ୍ଥ ସମାଜ ଗଠନର ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ବିସ୍ତୃତ ଆଲୋଚନା ହୋଇଥିଲା। ମାନପୁର ଗ୍ରାମର ପ୍ରଦୀପ ବେହେରା, କୀର୍ତ୍ତନ ବେହେରା, ବିଦ୍ୟାଧର ରାଉତ, ମେଘନାଦ ବେହେରାଙ୍କ ସମେତ ଗ୍ରାମବାସୀ ଓ ଲକ୍ଷ୍ମୀନାରାୟଣ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ବୈଶ୍ୟ ଗୋପ ସମାଜ ପରଜଙ୍ଗ ଶାଖା କର୍ମକର୍ତ୍ତାମାନେ।

# ସଙ୍ଗୀତର ମୂର୍ଚ୍ଛନାରେ ଭିଜିଲେ, ପୁରୁଣା ସ୍ମୃତି ସାଉଁଟିଲେ



ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ।

ଢେଙ୍କାନାଳ,୯।୨ (ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ୧୯୮୦ ବ୍ୟାଚ୍‌ର ୧୪୧ଜଣ ଛାତ୍ରୀଛାତ୍ରଙ୍କ ସମାବେଶ ରବିବାର ଗଜମରା ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପରଲୋକଗତ ଛାତ୍ରୀଛାତ୍ରଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଙ୍ଗୀତର ମଧୁର ମୂର୍ଚ୍ଛନାରେ ପୁରାତନ ଛାତ୍ରୀଛାତ୍ରମାନେ ଭିଜିଥିବା ବେଳେ ପୁରୁଣା ଦିନର ସ୍ମୃତିକୁ ସାଉଁଟିଥିଲେ। ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ନିଜ ଅନୁଭୂତି ବାଣ୍ଟିଥିଲେ ବୋଲି ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଦ୍ମଶ୍ରୀ ଅଦ୍ୱୈତ ଗଡନାୟକ ମଧ୍ୟ ସାମିଲ ହୋଇଥିଲେ।

# ୧୮ରୁ ଷ୍ଟାଣ୍ଡ ଭିତରକୁ ବସ୍ ନିଆଯିବ ନାହିଁ

## ପ୍ରଶାସନକୁ ଅବଗତ କଲା ତାଳଚେର ବସ୍ ମାଲିକ ସଂଘ

ତାଳଚେର,୯।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳସ୍ଥିତ ରାଣୀପାର୍କ ବସ୍‌ଷ୍ଟାଣ୍ଡ ମଧ୍ୟରେ ଯାତ୍ରୀମାନଙ୍କ ପାଇଁ ମୌଳିକ ସୁବିଧା ପୌର ପ୍ରଶାସନ ପକ୍ଷରୁ କରାଯାଇ ନ ଥିବାବେଳେ ବସ୍ ପାର୍କିଂ ଫି ୧୦ ଟଙ୍କାରୁ ୨୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ପୌର ପ୍ରଶାସନ ଟେଣ୍ଡରଧାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବସ୍ ମାଲିକମାନେ ବିରୋଧ କରି ପାର୍କିଂ ଫି ପୂର୍ବପରି ୧୦ ଟଙ୍କା ଆଦାୟ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ପରେ ପୌର ନିର୍ବାହୀ ଅଧିକାରୀ ମୌଖିକ ଭାବେ ୨୦ ଟଙ୍କା ପରିବର୍ତ୍ତେ ୧୫ ଟଙ୍କା ପାର୍କିଂ ଫି ଦେବା ପାଇଁ କହିଥିଲେ ବୋଲି ବସ୍ ମାଲିକ ସଂଘ ସଭାପତି ଶ୍ରୀକାନ୍ତ ପାଣି ପୁନର୍ବାର ଲିଖିତ ଭାବେ ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ମଧ୍ୟରେ ଯାତ୍ରୀମାନଙ୍କ ସୁବିଧାଗୁଡ଼ିକ ପୂରଣ ହେଲା ପରେ ପ୍ରତ୍ୟେକ ବସ୍‌ଠାରୁ ପାର୍କିଂ ଫି ବାବଦରେ ୧୫ ଟଙ୍କା ଲେଖାଏ ଦିଆଯିବ ଏବଂ ସେଯାଏ ପୂର୍ବପରି ୧୦ ଟଙ୍କା ଲେଖାଏଁ ଆଦାୟ କରାଯାଉ। ଏହା ନ ହେଲେ ଆସନ୍ତା ୧୮ ତାରିଖରୁ ଷ୍ଟାଣ୍ଡ ଭିତରକୁ ବସ୍ ନିଆଯିବ ନାହିଁ ବୋଲି ସଂଘ ପକ୍ଷରୁ ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

# କଣିହାଁକୁ ହରାଇ ଫ୍ରେଣ୍ଡସ କ୍ଲବ ଚାମ୍ପିୟନ



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ବଁଅରପାଳ,୯।୨ (ସୁବାସ ସାହୁ)

ସିଂହବାହିନୀ ୟୁଥ୍ ଆଥ୍‌ଲେଟିକ କ୍ଲବ ଦ୍ୱାରା ବଳରାମ ପ୍ରସାଦ ୩୨ତମ ମା’ ହିଙ୍ଗୁଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଲବାହାଦୁର କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ସିଜିଏମ୍ (ସିଆର୍‌ଜି, ଟିଆଣ୍ଡସି) ପ୍ରଣବ କୁମାର ଦାସ, ନାଲ୍‌କୋ ଜିଏମ୍ (ସିଷ୍ଟମ୍‌ସ)ରାଜାରାମ ମିଶ୍ର, ବଳରାମପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, ସାମାଜିକ କର୍ମୀ ପଦ୍ମାକ୍ଷୀ ସିଂହ, ସାମାଜିକ କର୍ମୀ ଅମୀୟ ତ୍ରିପାଠୀ, ଅନୁଗୋଳ ଜିଲା କ୍ରିକେଟ୍ ସଂଘ ସାଧାରଣ ସମ୍ପାଦକ ସାଗର ନାଥ ମିଶ୍ର ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ କଣିହାଁ ଏବଂ ଫ୍ରେଣ୍ଡସ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଫ୍ରେଣ୍ଡସ କ୍ଲବ ୭୩ ରନରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ଏବଂ ରନରଅପ ଦଳକୁ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଦୀପକ ସିଂହ, ସୁଶାନ୍ତ ସିଂହ, ବିଭୂତି ଭୂଷଣ ନାହାକ, ସର୍ବେଶ୍ୱର ସାହୁ, ଦୁଷ୍ମନ୍ତ ସାମଲ ଖେଳ ପରିଚାଳନା କରିଥିଲେ। ୟୁଥ୍ ଆଥ୍‌ଲେଟିକ କ୍ଲବ ସଭାପତି ମନୋଜ କୁମାର ସାହୁ, ସାଧାରଣ ସମ୍ପାଦକ ସୁନୀଲ କୁମାର ସିଂହ, ଟୁର୍ଣ୍ଣାମେଣ୍ଟ ଅଧ୍ୟକ୍ଷ ପ୍ରଶାନ୍ତ ବରାହଙ୍କ ସମେତ ଦଶରଥ ସାମଲ, ଅମିର ସିଂହ, ଜିଲୁ ସାମଲ, ମନୋଜ ବେହେରା, ବାପି ସାମଲ, ଚିନ୍ମୟ ସିଂହ, ମଣ୍ଟୁ ପଣ୍ଡା, ସୁଶାନ୍ତ ବରାହ, ମାଧବ ବେହେରା, ଅମନ, ମନୋଜ ଜେନା, ରଜତ ସାମଲ, ଅବିନାଶ ଗଡ଼ନାୟକ, ପିଣ୍ଟୁ ପଣ୍ଡା, କ୍ରିଷ୍ଣା ପ୍ରମୁଖ ସହଯୋଗ କରିଥିଲେ।

# ତେଲ ପକାଇ ପଳାଇଲା କାର୍, ଥାନାରେ ମାମଲା

ବଇଣ୍ଡା, ୯।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଗୁରୁଜାଙ୍ଗ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଏକ କାର ୫ ହଜାର ଟଙ୍କାର ପେଟ୍ରୋଲ ପକାଇ ଟଙ୍କା ନ ଦେଇ ପଳାଇ ଯାଇଛି। ଏ ନେଇ ରବିବାର ପେଟ୍ରୋଲ ପମ୍ପର କର୍ମଚାରୀ ବଳରାମ ରାଉ୍ଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୪/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ବଳରାମ ପେଟ୍ରୋଲ ପମ୍ପରେ ବିଭିନ୍ନ ଗାଡ଼ିରେ ପେଟ୍ରୋଲ ପକାଉଥିବାବେଳେ ଏକ କାର୍ ଆସି ୫ ହଜାର ଟଙ୍କାର ପେଟ୍ରୋଲ ପକାଇଥିଲା। ଚାଳକ ଫୋନ ପେ’ରେ ଟଙ୍କା ଦେଇଛନ୍ତି ବୋଲି କହିଥିଲେ। ହେଲେ ଫୋନ ପେ’କୁ ଟଙ୍କା ନ ଦେଇ ପଳାଇଥିବା ବଳରାମ ଅଭିଯୋଗ କରିଛନ୍ତି। ଉକ୍ତ କାରର ନମ୍ବର ପ୍ଲେଟରେ ଷ୍ଟିକର ଲଗା ଯାଇଥିବାବେଳେ ବାମୁର ଟୋଲ ଗେଟରେ ଉକ୍ତ ନମ୍ବର ଧରାପଡ଼ିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକସଭା



ଶୋକସଭାରେ ଅନୁଗୋଳ ଓକିଲ ସଂଘର କର୍ମକର୍ତ୍ତାମାନେ।

ଅନୁଗୋଳ,୯।୨ (ମାନସ ବିଶ୍ୱାଳ)

ଅନୁଗୋଳ ଓକିଲ ସଂଘର ସଦସ୍ୟ ଆଡଭୋକେଟ ଶୁଭେନ୍ଦୁ କୁମାର ପ୍ରଧାନଙ୍କ ବିୟୋଗରେ ସୋମବାର ପୂର୍ବାହ୍ନରେ ଏକ ଶୋକସଭା ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ସଭାପତିତ୍ୱରେ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ମିନିଟ ନୀରବ ପ୍ରାର୍ଥନା ସହ ସ୍ମୃତି ଚାରଣ କରାଯାଇଥିଲା। ସ୍ୱର୍ଗତ ପ୍ରଧାନ ଜଣେ ଅମାୟିକ, ସରଳ, ନିଷ୍କପଟ, ପରୋପକାରୀ ତଥା ନିର୍ଭୀକ ଓକିଲ ଭାବେ ପରିଚିତ ଥିବା ମତପ୍ରକାଶ ପାଇଥିଲା। ଏହି ଶୋକସଭାରେ ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ଦାସ, ପରମାନନ୍ଦ ମିଶ୍ର, ବସନ୍ତ କୁମାର ଦାସ, ପ୍ରମୋଦ କୁମାର ପ୍ରଧାନ, ମହେନ୍ଦ୍ର କୁମାର ବସ୍ତିଆ, ସୁଶୀଲ କୁମାର ପ୍ରଧାନ, ସିତାଂଶୁ ଶେଖର ନାଥ, ପ୍ରଦୀପ କୁମାର ଦେବତା, ଜିତେନ୍ଦ୍ର କୁମାର ସାହୁ, ମମତା ପଟ୍ଟନାୟକ, ଦିଲୀପ କୁମାର ଦାସ, ଉପସଭାପତି ପ୍ରତାପ ଚନ୍ଦ୍ର ନାଏକ, ସମ୍ପାଦକ ଧ୍ରୁବଚରଣ ସାହୁ, ସହ ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାରାଣୀ ସାହୁ, ସରକାରୀ ଓକିଲ ଭବାନୀ ଶଙ୍କର ପ୍ରଧାନ, ଦୀପକ ସାହୁ, ଅଶୋକ ପଟ୍ଟନାୟକ, ଗୋପାଳ ନାଥ ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ଥିଲେ। ସକାଳେ ସ୍ୱର୍ଗତ ପ୍ରଧାନଙ୍କ ମରଶରୀରକୁ ଶୋଭାଯାତ୍ରାରେ କୋର୍ଟ ପରିସରକୁ ଅଣାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ, ସାମାଜିକ କର୍ମୀ ବିପ୍ଳବ ଜେନା, ପୂର୍ବତନ ନଗରପାଳ ଶକ୍ତି ପ୍ରସାଦ ପଟ୍ଟନାୟକ ପ୍ରମୁଖ କୋର୍ଟ ପରିସରରେ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ।




# ଆଜିଠୁ ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋଲିଗ୍



ବିର୍ସା ମୁଣ୍ଡା ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୩ ଦଳର କୋଚ୍ ଓ ଅଧିନାୟକ।

**ରାଉରକେଲା,୯।୨(ଦିନେଶ ମିଶ୍ର)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମଙ୍ଗଳବାରଠାରୁ ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ। ଏଥିରେ ଘରୋଇ ଭାରତ ସମେତ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ଏହା ପୂର୍ବରୁ ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ୩ ଦଳର ଅଧିନାୟକ ଓ କୋଚ୍‌ଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହକି ପ୍ରୋଲିଗ୍‌ରେ ଭାରତୀୟ ଦଳ ଯୁବ ଓ ଅନୁଭବୀ ଖେଳାଳିଙ୍କୁ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଅଧିନାୟକ ହରମନପ୍ରୀତ ସିଂ ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। "ପ୍ରୋଲିଗ୍ ଯୁବ ଖେଳାଳିଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ। ଏଥିରେ ସବୁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିବାନେଇ ଆଶା ରହିଛି" ବୋଲି ହରମନପ୍ରୀତ କହିଛନ୍ତି। ପୂର୍ବରୁ ଭାରତ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ହକି ଖେଳି ସାରିଥିବାବେଳେ ଏଠାରେ ଦର୍ଶକମାନଙ୍କ ଭରପୂର ସମର୍ଥନ ରହିବ। ଭାରତୀୟ ଦଳ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଏକାଧିକ ସମୟ ଅଭ୍ୟାସ କରିସାରିଥିବା ବେଳେ ଫରୱାର୍ଡ ଖେଳାଳି ଓ ଦଳକୁ ମିଳୁଥିବା ପେନାଲ୍ଟି କର୍ନରର ସଦୁପଯୋଗ କଲେ ଆମ ଦଳ ନିଶ୍ଚିତ ବିଜୟୀ ହେବ ବୋଲି ହରମନପ୍ରୀତ ସିଂ ଆଶା ପ୍ରକାଶ କରିଛନ୍ତି। ସେହିଭଳି ବେଲଜିୟମ ଅଧିନାୟକ ଅର୍ଥର ଭାନ୍ ଡୋରେନ ପ୍ରୋଲିଗ୍‌ର ପ୍ରତ୍ୟେକ ମ୍ୟାଚ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ରାଉରକେଲାର ହକି ପ୍ରୋଲିଗ୍ ପାଇଁ ବେଲଜିୟମ୍ ଦଳ ପ୍ରଥମେ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ପହଞ୍ଚି ଏହାର ପାଣିପାଗ ଓ ଆଷ୍ଟ୍ରୋଟ୍ରଫ୍‌କୁ ଯାଞ୍ଚ କରିଥିଲା। ପରେ ସମସ୍ତ ଖେଳାଳି ଏହି ଆଷ୍ଟ୍ରୋଟ୍ରଫ୍‌ରେ ଅଭ୍ୟାସ କରିଥିଲା। ଆମ ଦଳରେ ଫରୱାର୍ଡ ଓ ଡିଫେଣ୍ଡର ଖେଳାଳିମାନେ ଭଲ ଫର୍ମରେ ଥିବାରୁ ପ୍ରୋଲିଗ୍‌ରେ କଡା ଟକ୍କର ହେବ ବୋଲି ଅଧିନାୟକ କହିଛନ୍ତି। ଭାରତୀୟ ଦଳକୁ ଏଠାରେ ଭରପୂର ସମର୍ଥନ ମିଳିବା ସତ୍ତ୍ୱେ ମଧ୍ୟ ଆମ ଦଳ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ରେ ୩ ନମ୍ବର ସ୍ଥାନରେ ଥିବାରୁ କଡ଼ା ଟକ୍କର ଦେବ ବୋଲି ଡୋରେନ କହିଛନ୍ତି। ସେହିଭଳି ଆର୍ଜେଣ୍ଟିନାର ଅଧିନାୟକ ମାଟିଆସ ରେ' ଏହି ପ୍ରୋଲିଗ୍ ତାଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ ବୋଲି କହିଥିଲେ। ଏହି ପ୍ରୋଲିଗ୍‌ରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଦଳ ଶକ୍ତିଶାଳୀ। ହକିରଗଡ ସୁନ୍ଦରଗଡ ଜିଲାରେ ବହୁ ହକିପ୍ରେମୀ ଥିବାବେଳେ ଆମକୁ ଏଠାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ଭଲ ଲାଗିବ। ଏଥିସହ ରାଉରକେଲାର ବର୍ତ୍ତମାନ ପାଣିପାଗ ହକି ପାଇଁ ବେଶ୍ ଉପଯୋଗୀ। ଆଗକୁ ହକି ବିଶ୍ୱକପ୍ ଆସୁଥିବାରୁ ଏହି ପ୍ରୋଲିଗ୍ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଏକ ଶିକ୍ଷଣୀୟ ହେବ ବୋଲି ଆର୍ଜେଣ୍ଟିନା ଅଧିନାୟକ କହିଛନ୍ତି। ଏଠାରେ ପ୍ରୋଲିଗ୍‌ର ପ୍ରଥମ ମ୍ୟାଚ ଆର୍ଜେଣ୍ଟିନା ଦଳ ସହିତ ବେଲଜିୟମ୍ ମଧ୍ୟରେ ସନ୍ଧ୍ୟା ୭ଟାରେ ଆରମ୍ଭ ହେଉଥିବାବେଳେ ବୁଧବାର ଭାରତୀୟ ଦଳ ବେଲଜିୟମ୍ ଦଳକୁ ଭେଟିବ। ଖବରଦାତା ସମ୍ମିଳନୀରେ ଭାରତ କୋଚ୍ କ୍ରେଗ୍ ଫୁଲ୍‌ଟନ୍, ବେଲଜିୟମ୍ କୋଚ୍ ସେନ୍ ମ୍ୟାକ୍‌ଲେଉ୍ ଓ ଆର୍ଜେଣ୍ଟିନା କୋଚ୍ ଲୁକାସ୍‌ରେ ଉପସ୍ଥିତ ଥିଲେ।

## ଯୁବ ଖେଳାଳିଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ: ହରମନପ୍ରୀତ

# ପ୍ରଧାନମନ୍ତ୍ରୀ ଶରିଫଙ୍କ ଅନୁମତି ନେବେ ନକ୍‌ଭି

**କରାଚୀ,୯।୨(ପି.ଟି.)**

ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ବର୍ଜନ ନିଷ୍ପତ୍ତିରୁ ଓହରିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଅନୁରୋଧ କରିବେ। ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଅନୁରୋଧ ପରେ ନକ୍‌ଭି ଏଭଳି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୫ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ କଲମ୍ବୋଠାରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ଟି୨୦ ବିଶ୍ୱକପ୍ ପ୍ରସଙ୍ଗରେ ବାଂଲାଦେଶ, ଶ୍ରୀଲଙ୍କା, ଏମିରେଟ୍ସ କ୍ରିକେଟ ବୋର୍ଡ ଓ ଆଇସିସି ସହ ହୋଇଥିବା ଆଲୋଚନା ସମ୍ପର୍କରେ ନକ୍‌ଭି ସୋମବାର ପ୍ରଧାନମନ୍ତ୍ରୀଙ୍କୁ ଜଣାଇବେ। ଅନ୍ତିମ ନିଷ୍ପତ୍ତି ଶରିଫ ନେବେ ଏବଂ ତାଙ୍କ ନିଷ୍ପତ୍ତିକୁ ପିସିବି ପାଳନ କରିବାକୁ ବାଧ୍ୟ ବୋଲି କୁହାଯାଇଛି। ବିସିବି ମୁଖ୍ୟ ଅମିନୁଲ ଇସ୍ଲାମ ବୁଲବୁଲ ଓ ଆଇସିସି ଉପମୁଖ୍ୟ ଇମ୍ରାନ ଖ୍ୱାଜାଙ୍କ ସହ ନକ୍‌ଭି ରବିବାର ଗଦ୍ଦାଫି ଷ୍ଟାଡିୟମରେ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଏହି ବୈଠକରେ ବାଂଲାଦେଶ କ୍ରିକେଟ ପ୍ରତି ପାକିସ୍ତାନ ଦେଖାଇଥିବା ସମର୍ଥନକୁ ବିସିବି ପ୍ରଶଂସା କରିବା ସହ ମ୍ୟାଚ୍ ବର୍ଜନ ନିଷ୍ପତ୍ତିରୁ ଓହରିବାକୁ ଅନୁରୋଧ କରିଥିଲା। ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇ ନାହିଁ। କିନ୍ତୁ ପାକିସ୍ତାନୀ ଖବରକାଗଜ ମୁତାବକ, ଶରିଫଙ୍କ ଅନୁମତି ପରେ ଉଭୟ ପକ୍ଷ ତରଫରୁ ଘୋଷଣା କରାଯାଇପାରେ। ତେବେ ବୈଠକରେ ନକ୍‌ଭି ଆଇସିସି ଆଗରେ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ସିରିଜ୍ ଆୟୋଜନ ଓ ବିସିବିର ହୋଇଥିବା କ୍ଷତିକୁ ଭରଣ କରିବା ପାଇଁ ବାଂଲାଦେଶ ସହିତ ଏକ ତ୍ରିରାଷ୍ଟ୍ରୀୟ ଆୟୋଜନ ଆଦି କିଛି ଦାବି ରଖିଥିଲେ। ହେଲେ ଦ୍ୱିପାକ୍ଷୀକ ସିରିଜ୍ ଆଇସିସି ଅଧୀନରେ ନ ଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ସମାନ କାରଣରୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଭାରତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷ ହେଲା କୌଣସି ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳି ନାହିଁ। ହେଲେ ଆଇସିସି ପରବର୍ତ୍ତୀ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ ଅଧିକାର ବାଂଲାଦେଶକୁ ଦେଇପାରେ। ଏଥିପୂର୍ବରୁ ପିସିବି ପକ୍ଷରୁ ବାଂଲାଦେଶର କ୍ଷତିପୂରଣରେ ବୃଦ୍ଧି, ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ସତ୍ତ୍ୱେ ଅଂଶଗ୍ରହଣ ଲାଗି ଅର୍ଥ ଓ ଭବିଷ୍ୟତରେ ହେବାକୁ ଥିବା ଏକ ଆଇସିସି ଇଭେଣ୍ଟର ଆୟୋଜନ ଅଧିକାର ଆଦି ୩ ଦାବି ରଖାଯାଇଥିଲା।

## ଭାରତ ବିପକ୍ଷ ମ୍ୟାଚ୍ ପ୍ରସଙ୍ଗ




| Date | Team 1 | Vs | Team 2 | IST |
|---|---|---|---|---|
| 10.2.2026 | Belgium | Vs | Argentina | 19:30 |
| 11.2.2026 | India | Vs | Belgium | 19:30 |
| 12.2.2026 | India | Vs | Argentina | 19:30 |
| 13.2.2026 | Argentina | Vs | Belgium | 19:30 |
| 14.2.2026 | India | Vs | Belgium | 19:30 |
| 15.2.2026 | India | Vs | Argentina | 19:30 |


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ